# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ସେପ୍ଟେମ୍ବର ୧୧/୨୦୧୮ (୧୬ ପୃଷ୍ଠା) Dhenkanal-Angul, Tuesday, September 11 /2018 ★★★★★

୧୪ଶ ଭାଗ ୨୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଜୋକୋଭିଚ୍ ୟୁଏସ୍ ଓପନ୍ ଚାମ୍ପିୟନ

ସର୍ବିଆର ନୋଭାକ ଜୋକୋଭିଚ୍ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ ପୋଟ୍ରୋଙ୍କୁ ପରାସ୍ତ କରି ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି।

୧୪

୦୨

## ଅଭିନେତ୍ରୀ ରାଧିକା ମଦନ ଉତ୍ସାହିତ

ରାଧିକା ମଦନଙ୍କ ଅଭିନୀତ 'ମର୍ଦ କୋ ଦର୍ଦ ନହିଁ ହୋତା' ଟରଣ୍ଟୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହେବାକୁ ଯାଉଥିବାରୁ ସେ ବେଶ୍ ଉତ୍ସାହିତ ଅଛନ୍ତି।








### ରାଜସ୍ଥାନ ପରେ ଆନ୍ଧ୍ରପ୍ରଦେଶ

# ତେଲ ଦର ୨ ଟଙ୍କା କମାଇଲା

ହାଇଦ୍ରାବାଦ,୧୦।୯

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ପରେ ସୋମବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରା ବାବୁ ନାଇଡୁ ରାଜ୍ୟରେ ତେଲ ଦର ହ୍ରାସ ଘୋଷଣା କରିଛନ୍ତି। ରବିବାର ବସୁନ୍ଧରା ରାଜେ ରାଜ୍ୟରେ ତେଲ ଦର ୨.୫୦ ଟଙ୍କା ହ୍ରାସ କରାଯାଇଛି ବୋଲି ଘୋଷଣା କରିଥିଲେ। ନାଇଡୁ ଏହାକୁ ଅନୁକରଣ କରି ରାଜ୍ୟରେ ତେଲ ଦରକୁ ୨ ଟଙ୍କା ହ୍ରାସ କରାଯିବ ବୋଲି ବିଧାନସଭାରେ ଘୋଷଣା କରିଛନ୍ତି। ଫଳରେ ଆନ୍ଧ୍ରପ୍ରଦେଶରେ ସୋମବାର ମଧ୍ୟରାତ୍ରରୁ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇବ। ନାଇଡୁଙ୍କ ଭାଟ୍ ହ୍ରାସ ଘୋଷଣା ଯୋଗୁ ରାଜ୍ୟ ସରକାର ତେଲ ବାବଦରେ ୧,୧୨୦ କୋଟି ଟଙ୍କା ରାଜସ୍ୱ ହରାଇବେ। ତେଲ ଦରବୃଦ୍ଧିକୁ ନେଇ ସେ ବିଧାନସଭାରେ ବର୍ଷିଥିଲେ। ସେ କହିଥିଲେ ଯେ, ୨୦୧୩-୧୪ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୫.୫୨ ଡଲାରରୁ ୪୬ ଡଲାର ହ୍ରାସ ପାଇବା ସତ୍ତ୍ୱେ କେନ୍ଦ୍ର ସରକାର ତେଲ ଦର ହ୍ରାସ କଲେ ନାହିଁ। ଏବେ ଏହା ୭୦ ଡଲାର ରହିଛି। କିନ୍ତୁ କେନ୍ଦ୍ର ଏବେ ବି ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇ ଚାଲିଛନ୍ତି ବୋଲି ସେ ☞ପୃଷ୍ଠା-୪

# ବନ୍ଦ ଶାନ୍ତିପୂର୍ଣ୍ଣ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

- ଗୋଲାପ, ଚକୋଲେଟ ବାଣ୍ଟିଲେ କଂଗ୍ରେସ କର୍ମୀ
- ରାଜ୍ୟର କାଁ ଭାଁ ସ୍ଥାନରେ ହିଂସା
- ରେଳ, ଯାନବାହନ, ଦୋକାନ ବଜାର ବନ୍ଦ
- ଯାତ୍ରୀ ହନ୍ତସନ୍ତ

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ଏଥିଯୋଗୁ ସୋମବାର ରାଜ୍ୟରେ ଶିକ୍ଷାନୁଷ୍ଠାନ, ଦୋକାନ ବଜାର, ଯାନବାହନ, ରେଳ ଚଳାଚଳ ବନ୍ଦ ରହିଥିଲା। ଓଡ଼ିଶାରେ ବନ୍ଦ ପ୍ରାୟତଃ ଶାନ୍ତିପୂର୍ଣ୍ଣ ରହିଥିଲାବେଳେ କାଁ ଭାଁ ହିଂସା ଦେଖିବାକୁ ମିଳିଛି। ଲୋକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦକୁ ସମର୍ଥନ କରିନେଇଥିବା ଭଳି ମନେହୋଇଥିଲା। ହେଲେ ବ୍ୟବସାୟୀ ଓ ଗାଡ଼ି ମାଲିକମାନେ ଭଙ୍ଗାରୁଜା ଘଟିବା ଆଶଙ୍କା କରିଥିଲେ। ତେଣୁ ଦୋକାନ ବଜାର ସମେତ ବସ୍, ଟ୍ରକ୍, ଅଟୋରିକ୍ସା ଏବଂ ଅନ୍ୟାନ୍ୟ ଯାନବାହନ ଚଳାଚଳକୁ ବନ୍ଦ କରିଦେଇଥିଲେ। କଂଗ୍ରେସ ସହିତ ବାମପନ୍ଥୀ ଦଳଗୁଡିକ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସିପିଆଇ, ସିପିଆଇ(ଏମ୍) କର୍ମୀମାନେ ହାତରେ ପତାକା ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରିଥିଲେ। ବନ୍ଦକୁ ଦୃଷ୍ଟିରେ ରଖି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ସୋମବାର ଥିବା ପରୀକ୍ଷାକୁ ବାତିଲ ଘୋଷଣା କରି ଦେଇଥିଲେ।

ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ, ଏଜି ଛକ, ରାଜମହଲ, ବାଣୀବିହାର, ରସୁଲଗଡ, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ସୈନିକ ସ୍କୁଲ ଛକ, ଡମଣା ଛକ, ଫାୟାର ଷ୍ଟେଶନ, ଗଣ୍ଡମୁଣ୍ଡା, କଳ୍ପନା ଛକ, ସାମନ୍ତରାପୁର ଛକ, ରବି ଟକିଜ, ନାଲ୍‌କୋ ଛକ ଆଦି ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବରିଷ୍ଠ ନେତା ଭକ୍ତ ଚରଣ ଦାସ, ଏଆଇସିସିର ଅନିଲ ଚୌଧୁରୀ, ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଚିରଞ୍ଜୀବ ବିଶ୍ୱାଳ ଓ କଂଗ୍ରେସ ବିଧାୟକମାନଙ୍କ ନେତୃତ୍ୱରେ ଏକ ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନଛକଠାରୁ ଆରମ୍ଭ ହୋଇ ରାଜମହଲ, ସଚିବାଳୟ ଓ ବିଧାନସଭା ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ପୂର୍ବରୁ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ବେଳେ ହିଂସା ଦେଖିବାକୁ ମିଳୁଥିଲା। ଏଥର କିଭଳି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରାଯିବ ସେନେଇ ପିସିସି ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଏପରି କି ଭୁବନେଶ୍ୱରରେ ନିଆରା କୌଶଳ ଅବଲମ୍ବନ କରାଯାଇଥିଲା। ଯୁବ, ଛାତ୍ର, ମହିଳା କଂଗ୍ରେସ ନେତ୍ରୀମାନେ ପଥଚାରୀଙ୍କୁ ଅଟକାଇ ଗୋଲାପ ଫୁଲ ଓ ଚକୋଲେଟ ଦେଇ ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା। ହେଲେ ରାଜଧାନୀର ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ଗାଡି ଚାଳକମାନଙ୍କୁ ଠେଙ୍ଗାବାଡି ଦେଖାଇ ଭୟଭୀତ କରାଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି ପୁରୀ ଜିଲାର କାକଟପୁର ତହସିଲ କାର୍ଯ୍ୟାଳୟର ପଛପଟ ଗେଟ୍ ଭାଙ୍ଗି କେତେଜଣ ଆନ୍ଦୋଳନକାରୀ ପଶିବା ସହ ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ନବରଙ୍ଗପୁର ଜିଲାପାଳଙ୍କ ଅଫିସ୍‌ରେ ମଧ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଫାଟକ ଠେଲାପେଲା କରି ହୋହଲ୍ଲା କରିଥିଲେ। କଟକରେ କଂଗ୍ରେସ କର୍ମୀଙ୍କ ଦ୍ୱାରା ବାଦାମବାଡି, ହାଇକୋର୍ଟ ଅଞ୍ଚଳ, କଲେଜ ଛକ, ମଧୁପାଟଣା, ଶିଖରପୁର ଆଦି ସ୍ଥାନରେ ରାସ୍ତା ଅବରୋଧ କରାଯାଇଥିଲା। ରେଳଷ୍ଟେଶନରେ ମଧ୍ୟ କର୍ମୀମାନେ ପିକେଟିଂ କରିବା ସହ ରେଳ ଅଟକାଇଥିଲେ। କିଛି ସମୟ ପାଇଁ ବିଭିନ୍ନ ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ ଅଟକି ରହିଥିଲା। ବାଲେଶ୍ୱର, ଭଦ୍ରକ, ସୋର, ସୋହେଲା, ଖଲ୍ଲିକୋଟ, ସମ୍ବଲପୁର, ରାୟଗଡା, ତାଳଚେର, ପାଲଲହଡା, ଆଠମଲ୍ଲିକ, କେନ୍ଦୁଝର, ଆନନ୍ଦପୁର, ଛେଣ୍ଡିପଦା, ଝାରସୁଗୁଡା, ☞ପୃଷ୍ଠା-୪



ଭୁବନେଶ୍ୱରରେ କଂଗ୍ରେସ କର୍ମୀମାନେ ଜଣେ ବାଇକ୍ ଆରୋହୀଙ୍କୁ ଫୁଲ ଦେଇ ବନ୍ଦକୁ ସମର୍ଥନ କରିବାକୁ ନିବେଦନ କରୁଛନ୍ତି।

# କ୍ରୀଡ଼ା ଅଧିକାରୀଙ୍କୁ ତାଲା ପକାଇଦେଲେ ପିଅନ

ଢେଙ୍କାନାଳ ଅଫିସ,୧୦।୯-

ଢେଙ୍କାନାଳରେ ସୋମବାର କଂଗ୍ରେସର ବନ୍ଦ ପାଳନ ବେଳେ ଜିଲା କାର୍ଯ୍ୟାଳୟ ମଧ୍ୟରେ କାର୍ଯ୍ୟରତ କ୍ରୀଡ଼ା ଅଧିକାରୀଙ୍କୁ ପିଅନ ତାଲା ପକାଇ ପଳାଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଘଟଣାରୁ ଜଣାପଡିଛି, କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଆନ୍ଦୋଳନ କରୁଥିଲେ। ସେମାନେ କୌଣସି ଅଧିକାରୀ ଓ କର୍ମଚାରୀଙ୍କୁ ଭିତରକୁ ପ୍ରବେଶ କରିବା ପାଇଁ ଦେଉ ନ ଥିଲେ। ତେବେ ବନ୍ଦ ପାଳନକୁ ଦୃଷ୍ଟିରେ ରଖି ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ପୂର୍ବାହ୍ନ ୯ଟାରୁ ଅଫିସକୁ ଚାଲିଆସିଥିଲେ। ସେ କାର୍ଯ୍ୟାଳୟର ତୃତୀୟ ମହଲା ପ୍ରକୋଷ୍ଠରେ ଜଣେ ସହଯୋଗୀଙ୍କ ସହ ବସି କାର୍ଯ୍ୟ କରୁଥିଲେ। ହେଲେ ଏ ସମ୍ପର୍କରେ କାର୍ଯ୍ୟାଳୟର ପିଅନ ଜାଣିପାରି ନ ଥିଲେ। ତେଣୁ ଭିତରେ କୌଣସି ଅଧିକାରୀ ଏବଂ କର୍ମଚାରୀ ନାହାନ୍ତି ଭାବି ସେ ବାହାରୁ ତାଲା ପକାଇ ପଳାଇ ଯାଇଥିଲେ। ଅପରାହ୍ନ ୨ଟାରେ କ୍ରୀଡା ଅଧିକାରୀ ତଳମହଲାକୁ ଓହ୍ଲାଇ ପ୍ରବେଶ ଦ୍ୱାର ଖୋଲିବାକୁ ଚେଷ୍ଟା କରିବାରୁ ତାହା ବାହାର ପଟୁ ବନ୍ଦ ଥିବା ଜଣାପଡିଥିଲା। ଏ ନେଇ ଜଣେ ଖବରଦାତାଙ୍କୁ ଫୋନ କରି ଜଣାଇବା ପରେ ଖବରଦାତା ଜଣକ ସମ୍ପୃକ୍ତ ପିଅନଙ୍କୁ ଖୋଜି ତାଲା ଖୋଲିବାକୁ କହିଥିଲେ। ଏହାପରେ କ୍ରୀଡା ଅଧିକାରୀ ଓ ତାଙ୍କ ସହଯୋଗୀ ବାହାରକୁ ଆସିଥିଲେ।



ତାଲା ଖୋଲାଯିବା ପରେ ଜିଲା କ୍ରୀଡ଼ା ଅଧିକାରୀ ଓ ତାଙ୍କ ସହଯୋଗୀ ବାହାରୁଛନ୍ତି।

### ଡାକ୍ତର ବିବାଦ ଯୋଗୁ ରୋଗୀ ମୃତ୍ୟୁ ଘଟଣା

# ଟାଉନ ଥାନାରେ ମାମଲା ରୁଜୁ

ଢେଙ୍କାନାଳ ଅଫିସ,୧୦।୯-

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଦୁଇ ଡାକ୍ତରଙ୍କ ମଧ୍ୟରେ ବିବାଦ ଓ ଚିକିତ୍ସାରେ ଅବହେଳା ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ସୋମବାର ପୋଲିସ ନଂ.୨୫୨/୧୮, ଦଫା ୩୦୪ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଅଭିନବ ଡାଲୁଆ ସୂଚନା ଦେଇଛନ୍ତି। ଏଥିସହ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ଜାରି ରହିଛି। ଦୁଇ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି। ତଦନ୍ତ ରିପୋର୍ଟରେ ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ନିଖିଲ ପଵନ କଲ୍ୟାଣ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇ ଡାକ୍ତରଙ୍କ ମଧ୍ୟରେ ବିବାଦ ଓ ଅବହେଳା ଯୋଗୁ ଚିକିତ୍ସା ପାଇଁ ଆସିଥିବା ଗଁଦିଆ ଥାନା ଗୁଣ୍ଡୁରାପଶି ଗ୍ରାମର ତ୍ରୈଲୋକ୍ୟ ସାହୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୁଣ୍ଡୁରାପଶି ଗ୍ରାମରେ ଉତ୍ତେଜନା ସୃଷ୍ଟି ହେବା ସହ ବିଧାରପୁରଠାରେ ରାସ୍ତାରୋକୋ ମଧ୍ୟ କରାଯାଇଥିଲା। ପରେ ମୃତକଙ୍କ ସମ୍ପର୍କୀୟ ଭାଇ ରବି ନାରାୟଣ ସାହୁ ଅଭିଯୁକ୍ତ ଦୁଇ ଡାକ୍ତରଙ୍କ ବିରୋଧରେ ଜିଲା ପ୍ରଶାସନ ଓ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ।


ପାଣି ନେଲା ୪ଜୀବନ
........୪.........


## ଆଜିର ସମ୍ପାଦକୀୟ

### ଉଭୟ ହିସାବ

## ଆଜିର ମନ୍ତବ୍ୟ

"ହିନ୍ଦୁ ଶବ୍ଦକୁ କିଛି ଲୋକ ଅସହିଷ୍ଣୁ ଏବଂ ଅସ୍ପୃଶ୍ୟତାର ରୂପ ଦେଉଛନ୍ତି।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## କିଛି ତଥ୍ୟ

ଭାରତୀୟଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବୀମା ପ୍ରତି ସଚେତନତା ବୃଦ୍ଧି ପାଉଛି। ୨୦୧୧-୧୨ ବେଳକୁ ଏ ବାବଦ ଦେଶରେ ମୋଟ ପ୍ରିମିୟମ ମୂଲ୍ୟ ୩.୨ ଲକ୍ଷ କୋଟି ଟଙ୍କା ଥିବା ବେଳେ ୨୦୧୭-୧୮ ବେଳକୁ ଏହା ୫ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

-ଆସୋଚାମ


NECC NATIONAL EGG CO-ORDINATION COMMITTEE 10.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 58 | 103 | 113 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 59 | 105 | 115 |

*Conditions Apply

Eggs Retail Price- 45/-Dozen

Issued in the Interest of Consumers


### ବନ୍ୟାସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୩ଜିଲାର ୭.୫ଲକ୍ଷ ପ୍ରଭାବିତଙ୍କୁ ମିଳିବ ରିଲିଫ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

- ୭ଦିନ ରିଲିଫ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ପ୍ରୌଢ଼ଙ୍କୁ ୬୦ଟଙ୍କା, ୧୨ବର୍ଷରୁ କମ୍ ବୟସ ପିଲାଙ୍କୁ ଦୈନିକ ହିସାବରେ ୪୫ଟଙ୍କା ମିଳିବ
- ବ୍ଲକସ୍ତରରେ ରିପୋର୍ଟ ପ୍ରସ୍ତୁତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ
- ବିଶୁଦ୍ଧ ପାଣି ଲୋକଙ୍କୁ ଯୋଗାଇବା ଉପରେ ଗୁରୁତ୍ୱ
- ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ମିଳିବ ଇନ୍‌ପୁଟ ସବ୍‌ସିଡି

ରାଜ୍ୟରେ ଲଗାଣବର୍ଷା ଲାଗି ରହିବାପରେ ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାଦ୍ୱାରା ୭.୫ଲକ୍ଷ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ବନ୍ୟା ପରିସ୍ଥିତି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ସବୁ ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ ସରକାରଙ୍କ ତରଫରୁ ରନ୍ଧା ଖାଦ୍ୟ ଯୋଗାଯାଇଥିବା କୁହାଯାଇଛି। ମାତ୍ର ଲୋକମାନେ କେବଳ ଚୁଡା ପାଇଥିବା ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ଘୋଷଣା କରିଛନ୍ତି। ଅନ୍ୟପଟେ ଯେଉଁ ଚାଷୀମାନଙ୍କ ଫସଲ ନଷ୍ଟ ହୋଇଛି ସେମାନଙ୍କୁ ଇନ୍‌ପୁଟ ସବ୍‌ସିଡି ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସଚିବାଳୟଠାରେ ଭଦ୍ରକ, କେନ୍ଦ୍ରାପଡା ଓ ଯାଜପୁର ଜିଲାର ବନ୍ୟା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କ ସହ ବନ୍ୟା ପରିସ୍ଥିତି ଏବଂ ଜିଲାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୭ଦିନ ରିଲିଫ ଘୋଷଣା କରିଛନ୍ତି। ଏ ବାବଦରେ ପ୍ରୌଢ଼ଙ୍କୁ ଦୈନିକ ୬୦ଟଙ୍କା ଏବଂ ୧୨ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ଦୈନିକ ୪୫ଟଙ୍କା ହିସାବରେ ରିଲିଫ ପ୍ରଦାନ କରାଯିବ। ଅନ୍ୟପଟେ ☞ପୃଷ୍ଠା-୪






❝ ଆଇନ ପ୍ରଣୟନରେ ସୀମିତ ନ ରହୁ ମାନବିକ ଅଧିକାର। ମାନବିକ ମୂଲ୍ୟବୋଧ ସହ ବଞ୍ଚିବାର ଅଧିକାର ଲାଗି ଆମକୁ ଏକ ଅନୁକୂଳ ସଂସ୍କୃତି ତିଆରି କରିବାକୁ ହେବ । ପରସ୍ପରର ସମ୍ମାନ, ସହିଷ୍ଣୁ ସ୍ୱଭାବ ଏବଂ ବହୁଳବାଦକୁ ପ୍ରାଧାନ୍ୟ ଦେବାକୁ ହେବ ।
- କୈଳାଶ ସତ୍ୟାର୍ଥୀ, ନୋବେଲ ଶାନ୍ତି ବିଜେତା



## ସଂକ୍ଷେପରେ

### ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲା ତଳକୋର୍ଟଙ୍କୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୦।୯(ପି.ଟି.)-ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି ଏପ୍ରିଲ ୨୦୧୯ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କିଭଳି ଯୋଜନା ହୋଇଛି, ତାହାର ରିପୋର୍ଟ ଦେବାକୁ ସୋମବାର ସୁପ୍ରିମକୋର୍ଟ ଉତ୍ତରପ୍ରଦେଶର ତଳକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରେ ଭାଜପାର ବରିଷ୍ଠ ନେତା ଏଲ୍.କେ. ଆଡଭାନୀ, ମୁରଲୀ ମନୋହର ଜୋଷୀ ଏବଂ ଉମା ଭାରତୀଙ୍କ ବିରୋଧରେ ଆପରାଧିକ ମାମଲା ଚାଲିବ ବୋଲି ଗତବର୍ଷ ଏପ୍ରିଲ ୧୯ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ତଳକୋର୍ଟରେ ନିତିଦିନିଆ ଶୁଣାଣି କରି ଦୁଇବର୍ଷ ମଧ୍ୟରେ ଫଇସଲା କରିବାକୁ କୁହାଯାଇଥିଲା। ଟ୍ରାଏଲ୍ କୋର୍ଟ ଜଜ୍ ଏସ୍.କେ. ଯାଦବ ମାମଲାର ନିତିଦିନିଆ ଶୁଣାଣି କରୁଛନ୍ତି। ସେ ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି କରୁଥିବାରୁ ତାଙ୍କ ପଦୋନ୍ନତିକୁ ଆହ୍ଲାହାବାଦ ହାଇକୋର୍ଟ ଅଟକାଇ ଦେଇଛନ୍ତି। ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି ଯାଦବ।

### ସିପିଇସିରେ ପକ୍ଷପାତିତା ଅଭିଯୋଗ ଆଣିଲେ ଇମ୍ରାନ

ଇସ୍‌ଲାମାବାଦ,୧୦।୯(ପି.ଟି.)-ଚାଇନାର ମହତ୍ତ୍ୱାକାଙ୍କ୍ଷୀ 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍' (ବିଆର୍‌ଆଇ)ରେ ପକ୍ଷପାତିତା ହୋଇଥିବା ଅଭିଯୋଗ ଆଣିଛନ୍ତି ପାକିସ୍ତାନର



ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ଏଥିରେ ଚାଇନିଜ୍ କମ୍ପାନୀଗୁଡ଼ିକ ଉପରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି ଏବଂ ପାକିସ୍ତାନ ପ୍ରତି ଅନ୍ୟାୟ ହୋଇଥିବା ଇମ୍ରାନ ଅଭିଯୋଗ ଆଣିଛନ୍ତି। ଏହାସହ ବିଆର୍‌ଆଇ ରାଜିନାମାର ପୁନଃ ନୋଗୋସିଏଶନ୍ ପ୍ରକ୍ରିୟା ଆରମ୍ଭ କରିବାକୁ ଇମ୍ରାନ ଦାବି କରିଥିବା ଜଣାପଡ଼ିଛି।

## ତୈଳ ଦର ବୃଦ୍ଧି: ରାସ୍ତାକୁ ଓହ୍ଲାଇଲେ ୨୧ ଦଳ

# କେନ୍ଦ୍ର ବିରୋଧରେ ଗର୍ଜିଲେ ବିରୋଧୀ

ନୂଆଦିଲ୍ଲୀ, ୧୦।୯(ପି.ଟି.)

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ଅନବରତ ବୃଦ୍ଧି ହେଉଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ହୋଇଗଲାଣି, ଯାହାକି ଖାଉଟିଙ୍କୁ ଚିନ୍ତାରେ ପକାଇଛି। ଏଭଳି ସ୍ଥିତି ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରି ରାସ୍ତାକୁ ଓହ୍ଲାଇଛି ବିରୋଧୀ କଂଗ୍ରେସ। ଅନ୍ୟ ବିରୋଧୀ ଦଳଗୁଡ଼ିକର ସମର୍ଥନରେ ଏହା ସୋମବାର ଦେଶବ୍ୟାପୀ ବନ୍ଦ ପାଳନ କରିଛି। ଭାରତ ବନ୍ଦ ଯୋଗୁ କେତେକ ରାଜ୍ୟରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲି ନ ଥିବାବେଳେ ରାସ୍ତାରେ ଯାନବାହନ ଚଳାଚଳରେ ବାଧା ଉପୁଜିଛି। ବିରୋଧୀ କର୍ମୀଙ୍କ ରାସ୍ତାରୋକୋ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେଉଁଠି ରୋଗୀମାନେ ହସ୍ପିଟାଲ ପହଞ୍ଚିପାରି ନାହାନ୍ତି, ଆଉ କେଉଁଠି ବିକ୍ଷୋଭକାରୀଙ୍କ କୋପର ଶିକାର ହୋଇଛନ୍ତି ଆଗନ୍ତୁକ। ଅସୁର ବେଶ ଧରି 'ମେହଙ୍ଗାୟୀ ଡାୟନ୍' ଗୀତ ଗାଇବା ସହ ବଳଦ ଗାଡ଼ିରେ ବାଇକ୍ ଲୋଡ୍ କରି ବିରୋଧ ପ୍ରଦର୍ଶନ କରିଥିଲେ ବିରୋଧୀ ସଦସ୍ୟ। ଅନେକ ସ୍ଥାନରେ ମଧ୍ୟ ବିକ୍ଷୋଭକାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଭିନ୍ନ ଜାଗାରେ ହିଂସା ଘଟଣା ଘଟିଥିଲେ ସୁଦ୍ଧା ମୋଟାମୋଟି ଭାରତ ବନ୍ଦ ସଫଳ ହୋଇଥିବା କୁହାଯାଉଛି।

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ୨୧ ବିରୋଧୀ ଦଳ ବନ୍ଦ ଡାକରା ଦେଇଥିଲେ। କୈଳାସ ମାନସରୋବର ଯାତ୍ରାରୁ ଫେରିଥିବା ରାହୁଲ ପ୍ରସିଦ୍ଧ ଶୈବପୀଠରୁ ପବିତ୍ର ଜଳ ଆଣି ଦିଲ୍ଲୀର ରାଜଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧିପୀଠରେ ଅର୍ପଣ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ବନ୍ଦ ପାଳନ। ବିରୋଧୀ ନେତାଙ୍କ ସହ






ରାହୁଲ ରାଜଘାଟରୁ ରାମଲୀଳା ମଇଦାନ ପର୍ଯ୍ୟନ୍ତ ବିରୋଧ ଶୋଭାଯାତ୍ରା କରିଥିଲେ। ସେପଟେ ଦେଶବ୍ୟାପୀ କଂଗ୍ରେସ ଓ ଅନ୍ୟ ସମର୍ଥନକାରୀ ବିରୋଧୀ ଦଳଗୁଡ଼ିକର କର୍ମୀମାନେ ମଧ୍ୟ କେନ୍ଦ୍ର ବିରୋଧରେ ନାରାବାଜି ଚଳାଇଲେ। କେରଳ, କର୍ନାଟକ, ବିହାର, ଓଡ଼ିଶା, ଅରୁଣାଚଳପ୍ରଦେଶରେ ବନ୍ଦ ପାଳନର ପ୍ରଭାବ ଅଧିକ ପଡ଼ିଛି। ଏସବୁ ରାଜ୍ୟରେ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯାଇଥିଲା। କିନ୍ତୁ ଉତ୍ତରପ୍ରଦେଶ (ୟୁପି), ପଶ୍ଚିମବଙ୍ଗ, ମିଜୋରାମ୍‌ରେ ବନ୍ଦ ପାଳନର ପ୍ରଭାବ ସେତେଟା ଦେଖିବାକୁ ମିଳିନାହିଁ। ବନ୍ଦ ଡାକରା ସତ୍ତ୍ୱେ ଦିଲ୍ଲୀରେ ସ୍କୁଲ, କଲେଜ ଓ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ ଭାବେ ଚାଲିଥିଲା। ବିକ୍ଷୋଭ ପ୍ରଦର୍ଶନ ଯୋଗୁ ଦରିୟାଗଞ୍ଜ ଏବଂ ରାମଲୀଳା ମଇଦାନକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ଟ୍ରାଫିକ୍ ଜାମ୍ ହୋଇଥିଲା। ଆନ୍ଧ୍ରପ୍ରଦେଶ ଏବଂ ରାଜସ୍ଥାନରେ ପେଟ୍ରୋଲ ଓ ଡିଜେଲ୍‌ର ଭାଟ୍ ଉପରୁ ୨ ଟଙ୍କା ହ୍ରାସ କରିଛନ୍ତି ରାଜ୍ୟ ସରକାର।

ଓଡ଼ିଶାରେ କଂଗ୍ରେସକର୍ମୀମାନେ ରେଳପଥ ଅବରୋଧ କରିବା ଯୋଗୁ ଟ୍ରେନ୍‌ଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ୧୦ଟି ଟ୍ରେନ୍ ବାତିଲ କରାଯାଇଥିଲା। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍, ଟ୍ୟାକ୍ସି ଓ ଅଟୋରିକ୍ସା ଚାଲି ନ ଥିଲା। କୋଣାର୍କ ସୂର୍ଯ୍ୟ ମନ୍ଦିରର ଟିକେଟ୍ କାଉଣ୍ଟରରେ ମଧ୍ୟ ବିକ୍ଷୋଭକାରୀମାନେ ତାଲା ଝୁଲାଇଦେଇଥିଲେ। କେରଳରେ ହରତାଳ ଯୋଗୁ ଲୋକେ ପ୍ରଭାବିତ ହୋଇଥିଲେ। ଉଭୟ ସରକାରୀ ଓ ଘରୋଇ ପରିବହନ ବ୍ୟବସ୍ଥା ବନ୍ଦ ରହିଥିଲା। କିନ୍ତୁ ତେଲେଙ୍ଗାନାରେ ବନ୍ଦ ପାଳନର ମିଶ୍ର ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ, ବାମଦଳ ଏବଂ ଟିଡିପିର ଅନେକ କର୍ମୀଙ୍କୁ ବିକ୍ଷୋଭସ୍ଥଳରୁ ନେଇ ପୋଲିସ ଅଟକ ରଖିଥିଲା। କରିମ୍‌ନଗର ସହରୁ ଏଆଇସିସି ସମ୍ପାଦକ ଶ୍ରୀନିବାସନ୍ କ୍ରିଷ୍ଣନ୍ ଓ ଅନ୍ୟ ୪୦ ଜଣଙ୍କୁ ନେଇ ଅଟକ ରଖାଯାଇଥିଲା। ଓସମାନିଆ ବିଶ୍ୱବିଦ୍ୟାଳୟରେ ପ୍ରି-ପିଏଚ୍.ଡି. ପରୀକ୍ଷା ବାତିଲ କରାଯାଇଛି। କର୍ନାଟକରେ ରାସ୍ତାଗୁଡ଼ିକ ମରୁଭୂମି ସଦୃଶ ପାଲଟିଯାଇଥିଲା। ବ୍ୟବସାୟିକ ପ୍ରତିଷ୍ଠାନ, ବଜାର, ମଲ୍ ଏବଂ ଘରୋଇ ସଂସ୍ଥାରେ ତାଲା ଝୁଲିଥିଲା। ମାଙ୍ଗାଲୁରୁରେ କେତେକ ହୋଟେଲ ଏବଂ ଦୋକାନ ଉପରେ ବିକ୍ଷୋଭକାରୀ ଟେକାମାଡ଼ କରିଥିଲେ। ଝାଡ଼ଖଣ୍ଡରେ ୪୮ କଂଗ୍ରେସକର୍ମୀଙ୍କୁ ପୋଲିସ ଅଟକ ରଖିଥିଲା।

କିନ୍ତୁ ପଶ୍ଚିମବଙ୍ଗରେ ସବୁ ସ୍କୁଲ, କଲେଜ ଓ ଅଫିସ୍ ଖୋଲା ରହିଥିଲା। ଯାଦବପୁର ଷ୍ଟେଶନରେ ବିକ୍ଷୋଭକାରୀ ରେଳପଥ ଅବରୋଧ କରିଥିଲେ। ଆଗନ୍ତୁକମାନେ ବିରୋଧ କରିବାରୁ ସେମାନେ ହଟିଯାଇଥିଲେ। ତାମିଲନାଡୁରେ ଜୀବନଯାତ୍ରା ସେତେଟା ପ୍ରଭାବିତ ହୋଇନାହିଁ। ବାଣିଜ୍ୟ ସଂଘର ସହବଦ୍ଧତାରେ ପରିଚାଳିତ ଯାନଗୁଡ଼ିକ ଗଡ଼ି ନ ଥିଲା। ପଞ୍ଜାବ, ହରିୟାଣା ଓ ଗୁଜରାଟରେ ମିଶ୍ର ପ୍ରଭାବ ଦେଖିବାକୁ ମିଳିଛି। ଗୁଜରାଟରେ ୩୦୦ ବିକ୍ଷୋଭକାରୀ ଅଟକ ରହିଛନ୍ତି। ତ୍ରିପୁରାରେ ମଧ୍ୟ ବିରୋଧୀ ଦଳଗୁଡ଼ିକର ୪୦୦ କର୍ମୀଙ୍କୁ ଅଟକ ରଖାଯାଇଥିଲା।

ସେପଟେ ବିହାରରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ପୋଡ଼ାଜଳା, ଭଙ୍ଗାରୁଜା ସାଙ୍ଗକୁ ରେଳ ଓ ସଡ଼କପଥ ଅବରୋଧ କରି କେନ୍ଦ୍ର ସରକାରଙ୍କୁ ବିରୋଧ କରିଥିଲେ ବିକ୍ଷୋଭକାରୀ। ପାଟନା ସହରରେ ରେଳପଥରେ ଟାୟାର ଜଳାଇଥିଲେ। ଘରୋଇ ସ୍କୁଲ ଏବଂ ଦୋକାନ ବଜାର ବନ୍ଦ କରାଯାଇଥିଲା। ଅରୁଣାଚଳ ପ୍ରଦେଶରେ ବନ୍ଦ ଯୋଗୁ ଲୋକେ ପୂରା ପ୍ରଭାବିତ ହୋଇଥିଲେ। ଏଠାରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା ଝୁଲିଥିଲା। ଇଟାନଗରରେ ପ୍ରାୟ ୧୦୦ କଂଗ୍ରେସ କର୍ମୀଙ୍କୁ ଅଟକ ରଖାଯାଇଥିଲା। ମହିଳା କଂଗ୍ରେସ କର୍ମୀଙ୍କୁ ଏସ୍‌ପି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଏଆଇସିସି ସାଧାରଣ ସମ୍ପାଦକ ଜାର୍‌ଜୁମ୍ ଏଟେ କହିଛନ୍ତି। କିନ୍ତୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସ୍‌ପି। ତେବେ କଂଗ୍ରେସ ଶାସିତ ମିଜୋରାମ୍‌ରେ ବନ୍ଦର ପ୍ରଭାବ ପଡ଼ି ନାହିଁ। ଏଠାରେ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟଗୁଡ଼ିକ ଖୋଲା ରହିଥିଲା। ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ବନ୍ଦ ପାଳନ ସଫଳ ହୋଇଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

### ଭାରତ ବନ୍ଦ ସଫଳ

- ରାଜଘାଟରୁ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ
- ରେଳ, ସାଧାରଣ ଜୀବନଯାତ୍ରା ବ୍ୟାହତ
- ଶହ ଶହ ବିକ୍ଷୋଭକାରୀ ଅଟକ
- ଦିଲ୍ଲୀ, ୟୁପି, ପଶ୍ଚିମବଙ୍ଗ ପ୍ରଭାବହୀନ

### ଆଖି ବୁଜିଲେ ଶିଶୁକନ୍ୟା

ଜେହାନାବାଦ,୧୦।୯- ବନ୍ଦ ପାଳନବେଳେ ବିହାରର ଜେହାନାବାଦରେ ୨ ବର୍ଷର ଶିଶୁକନ୍ୟା ପ୍ରାଣ ହରାଇଛନ୍ତି। ଝାଡ଼ାବାନ୍ତିରେ ପୀଡ଼ିତ ଝିଅକୁ ଅଟୋରିକ୍ସାରେ ହସ୍ପିଟାଲ ନେବାବେଳେ ବିକ୍ଷୋଭକାରୀ ଅଟକାଇଥିଲେ। ଅଧାବାଟରେ ପିଲାଟି ଆଖିବୁଜିଥିଲା। ହସ୍ପିଟାଲ ଯିବାକୁ ଦେଇଥିଲେ ଝିଅର ଜୀବନ ବଞ୍ଚିଯାଇଥାଆନ୍ତା ବୋଲି ପରିବାର ଲୋକେ କହିଛନ୍ତି। ଏଥିପାଇଁ ରାହୁଲ ଗାନ୍ଧୀଙ୍କୁ ଦାୟୀ କରିଛି ଭାଜପା।

### ଏମାନେ କହନ୍ତି...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ ଅମଳରେ ଦେଶ ବିଭାଜିତ ହୋଇଯାଇଛି। ଚାରିଆଡ଼େ ଘୃଣା ବିସ୍ତାର ହେଉଛି। ମିଳିତ ବିରୋଧୀ ଶକ୍ତି ଆଗାମୀ ନିର୍ବାଚନରେ ଭାଜପାକୁ ପରାଜିତ କରିବେ।
**-ରାହୁଲ ଗାନ୍ଧୀ,** କଂଗ୍ରେସ ଅଧ୍ୟକ୍ଷ

ଦେଶର ସାର୍ବଭୌମତ୍ୱ ଏବଂ ଗଣତନ୍ତ୍ରକୁ ରକ୍ଷା କରିବା ଲାଗି ସମସ୍ତ ବିରୋଧୀ ଦଳ ମତଭେଦ ଭୁଲି ଏକାଠି ହେବାର ସମୟ ଉପନୀତ ହୋଇଛି। ମୋଦି ସରକାର ଦେଶର ସ୍ୱାର୍ଥ ବିରୋଧୀ ପଦକ୍ଷେପ ନେଉଛନ୍ତି। ଏବେ ସବୁ ସୀମା ଟପିଗଲାଣି।
**- ମନମୋହନ ସିଂ,** ପୂର୍ବତନ ପ୍ରଧାନମନ୍ତ୍ରୀ

ତୈଳ ଦର ବୃଦ୍ଧି ଯୋଗୁ ଲୋକେ ବ୍ୟଥିତ ହୋଇପଡ଼ିଛନ୍ତି। ଲୋକ-ବିରୋଧୀ ଭାଜପା ସରକାରକୁ ପ୍ରତିହତ କରିବା ପାଇଁ ଏକାଠି ହେବାକୁ ସେମାନେ ବିରୋଧୀ ଦଳଗୁଡ଼ିକ ଉପରେ ଚାପ ପକାଉଛନ୍ତି।
**-ସୀତାରାମ ୟେଚୁରୀ,** ସିପିଏମ୍ ସାଧାରଣ ସମ୍ପାଦକ

ଦରଦାମ୍ ବୃଦ୍ଧି ଯୋଗୁ ଲୋକେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। କିନ୍ତୁ ସରକାରଙ୍କ ନିୟନ୍ତ୍ରଣରେ ନ ଥିବା କିଛି କାରଣ ଏଥିପାଇଁ ଦାୟୀ ବୋଲି ଲୋକେ ଅବଗତ ଅଛନ୍ତି। ତେଣୁ ସେମାନେ ଭାରତ ବନ୍ଦକୁ ସମର୍ଥନ କରୁ ନାହାନ୍ତି। କଂଗ୍ରେସ ହିଂସାର ନୃତ୍ୟ ଏବଂ ମୃତ୍ୟୁର ଖେଳ ବନ୍ଦ କରୁ।
**- ରବିଶଙ୍କର ପ୍ରସାଦ,** କେନ୍ଦ୍ରମନ୍ତ୍ରୀ

ଭାରତ ବନ୍ଦ ନକାରାତ୍ମକ ଚିନ୍ତାଧାରାର ପ୍ରତିଫଳନ। ଉତ୍ତରପ୍ରଦେଶରେ ଏହାର ପ୍ରଭାବ ପଡ଼ି ନାହିଁ। ବିରୋଧୀ ନେତାଙ୍କୁ ଭଗବାନ ସଦ୍‌ବୁଦ୍ଧି ଦିଅନ୍ତୁ।
**-ଯୋଗୀ ଆଦିତ୍ୟନାଥ,** ୟୁପି ମୁଖ୍ୟମନ୍ତ୍ରୀ

ବନ୍ଦ ପାଳନ ଦିନ ମଧ୍ୟ ତୈଳ ଦର ବୃଦ୍ଧି ହୋଇଛି। ସାଧାରଣ ଲୋକଙ୍କ ପ୍ରତି ସରକାର ସମ୍ବେଦନଶୀଳ ନ ଥିବା ଏଥିରୁ ବାରି ହୋଇପଡ଼ୁଛି।
**- ଅଖିଳେଶ ଯାଦବ,** ସମାଜବାଦୀ ପାର୍ଟି ମୁଖ୍ୟ

## ଫୁର୍‌ସତ



### ଶସ୍ୟଶ୍ୟାମଳା ହେବ ସାହାରା

ୱାଶିଂଟନ୍: ସୋଲାର ଓ ୱିଣ୍ଡଫାର୍ମ ନିର୍ମାଣ ଦ୍ୱାରା ଜଳୀୟ ବାଷ୍ପର ଘନିଭବନ ପ୍ରକ୍ରିୟା ସମ୍ଭବ। ଫଳରେ ବିଶ୍ୱର ସର୍ବବୃହତ୍ ମରୁଭୂମି ସାହାରା ଅଞ୍ଚଳରେ ବୃଷ୍ଟିପାତ ସମ୍ଭବ ହୋଇପାରିବ।

ଏ ସମ୍ପର୍କିତ ଅଧ୍ୟୟନ ଜର୍ନାଲ ସାଇନ୍ସରେ ପ୍ରକାଶ ପାଇଛି। ସୌର ଓ ୱିଣ୍ଡଫାର୍ମ ନିର୍ମାଣ ଦ୍ୱାରା ମରୁଭୂମିରେ ବର୍ଷା କରାଇବା ଗବେଷଣା ପ୍ରଥମ ବୋଲି ଆମେରିକାର ଏଲିନୟ ୟୁନିଭର୍ସିଟିର ପୋଷ୍ଟ ଡକ୍ଟରାଲ୍ ଗବେଷକ ୟାନ୍ ଲି ପ୍ରକାଶ କରିଛନ୍ତି। ଏହି ଅଧ୍ୟୟନ ବିଭିନ୍ନ କାରଣ ପାଇଁ ସାହାରା ମରୁଭୂମି ଉପରେ ଗୁରୁତ୍ୱ ଦେଇଛି। ଏହାକୁ ବାଛିବାର କାରଣ ଏହା ବିଶ୍ୱରେ ଏକ ସର୍ବବୃହତ୍ ମରୁଭୂମି। ଏହା ଆଫ୍ରିକା ମହାଦେଶ ଅନ୍ତର୍ଗତ ଏବଂ ୟୁରୋପ ଓ ମଧ୍ୟପ୍ରାଚ୍ୟ ସଂଲଗ୍ନ ଅଞ୍ଚଳ। ଏହିସବୁ ଅଞ୍ଚଳରେ ଶକ୍ତି ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ୱିଣ୍ଡଫାର୍ମ ଏବଂ ସୋଲାର ଫାର୍ମ ପ୍ରତିଷ୍ଠା ଦ୍ୱାରା ସାହାରାର ପାଖାପାଖି ୯ ନିୟୁତ ବର୍ଗ କିଲୋମିଟର ଅଞ୍ଚଳକୁ ଯଥାକ୍ରମେ ୩ ଟେରାୱାଟ୍ ଏବଂ ୭୯ ଟେରାୱାଟ୍ ବିଜୁଳି ଶକ୍ତି ଯୋଗାଣ ହୋଇପାରିବ। ୨୦୧୭ରେ ବିଶ୍ୱରେ ଶକ୍ତି ଚାହିଦା ଥିଲା ମାତ୍ର ୧୮ ଟେରାୱାଟ୍। ତେଣୁ ବିଶ୍ୱ ଆବଶ୍ୟକ କରୁଥିବା ଶକ୍ତି ଚାହିଦା ଠାରୁ ଏହା ଯଥେଷ୍ଟ ଅଧିକ ବୋଲି ଲି ପ୍ରକାଶ କରିଛନ୍ତି। ସୋଲାର ଫାର୍ମ ତାପମାତ୍ରା ପରିବର୍ତ୍ତନ କରିବା ସହିତ ଜଳୀୟବାଷ୍ପର ଘନୀଭବନ ପ୍ରକ୍ରିୟାରେ ସହାୟକ ହେବ। ଅଧିକ ସଂଖ୍ୟାରେ ସୋଲାର ଓ ୱିଣ୍ଡଫାର୍ମ ପ୍ରତିଷ୍ଠା ଦ୍ୱାରା ମରୁଭୂମି ଅଞ୍ଚଳରେ ଅଧିକ ବର୍ଷା ହେବ ଏବଂ ଏହି ଅଞ୍ଚଳ ଶସ୍ୟଶ୍ୟାମଳା ହୋଇପାରିବ। ଏହା ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଅର୍ଥନୀତି ଏବଂ ସୁଖସମୃଦ୍ଧି ବୃଦ୍ଧି କରିପାରିବ ବୋଲି ମେରିଲ୍ୟାଣ୍ଡ ୟୁନିଭର୍ସିଟିର ଗବେଷକ ସାଫା ମୋଟେଶାରେଇ ପ୍ରକାଶ କରିଛନ୍ତି।

## ଏ ବର୍ଷ ଏଲ୍ ନିନ୍ୟୋ ସମ୍ଭାବନା ୭୦%

**ଜେନେଭା:** ଚଳିତ ବର୍ଷ ଏଲ୍ ନିନ୍ୟୋ ସମ୍ଭାବନା ଅଧିକ। ବର୍ଷର ଶେଷଭାଗକୁ ଏହା ବିଶ୍ୱ ପାଣିପାଗକୁ ପ୍ରଭାବିତ କରିପାରେ ବୋଲି ଜାତିସଂଘ ପକ୍ଷରୁ ଆଶଙ୍କା କରାଯାଇଛି।

ଏଥିପାଇଁ ପୂର୍ବରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥଲା। ୱାର୍ଲଡ ମେଟେରୋଲୋଜିକାଲ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏମ୍‌ଓ)ର ଭବିଷ୍ୟବାଣୀ ଅନୁସାରେ ଚଳିତ ବର୍ଷ ଶେଷଭାଗକୁ ଏଲ୍ ନିନ୍ୟୋ ସୃଷ୍ଟିହେବା ୭୦% ସମ୍ଭାବନା ରହିଛି। ପୂର୍ବ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମୟିକ ଗ୍ରୀଷ୍ମପ୍ରବାହ ଦ୍ୱାରା ଏଲ୍ ନିନ୍ୟୋ ସୃଷ୍ଟି ହୋଇଥାଏ। ଏହାଦ୍ୱାରା କେତେକ ଅଞ୍ଚଳରେ ମରୁଡି ସୃଷ୍ଟି ହେବାବେଳେ ଅନ୍ୟ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥାଏ। ତେବେ ଆଗକୁ ହେବାକୁ ଥିବା ଏଲ୍ ନିନ୍ୟୋ ୨୦୧୫-୧୬ ଭଳି ଏତେଟା ପ୍ରଭାବଶାଳୀ ହେବ ବୋଲି ଆଶଙ୍କା କରାଯାଉ ନାହିଁ। ତଥାପି ଏହାର କିଛିଟା ପ୍ରଭାବ ରହିବ। ଏସିଆ-ପ୍ୟାସିଫିକ୍, ୟୁରୋପ, ଉତ୍ତର ଆମେରିକା, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଅଧିକାଂଶ ଉପକୂଳ ଅଞ୍ଚଳରେ ଏହାର ଯଥେଷ୍ଟ ପ୍ରାଧାନ୍ୟ ରହିବ ବୋଲି ଡବ୍ଲ୍ୟୁଏମ୍‌ଓ ଆଶଙ୍କା କରୁଛି। ଦକ୍ଷିଣ ଆମେରିକାର କେତେକ ଆଭ୍ୟନ୍ତରୀଣ ଅଞ୍ଚଳ, ଗ୍ରୀନ୍‌ଲାଣ୍ଡ, ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଅନେକ ଦ୍ୱୀପ ଏବଂ କାରିବିୟାନ୍‌ର କେତେକ ଅଞ୍ଚଳ ଏହାର ପ୍ରଭାବରୁ ବାଦ୍ ପଡିବା ସମ୍ଭାବନା ଅଛି।



ଚଳିତବର୍ଷ ଜୁଲାଇ ଓ ଅଗଷ୍ଟରେ ବିଶ୍ୱର ଅନେକ ଅଞ୍ଚଳରେ ଅତ୍ୟଧିକ ତାପମାତ୍ରା ଅନୁଭୂତ ହୋଇଥିବାରୁ ୨୦୧୮କୁ ଉଷ୍ମତମ ବର୍ଷ ଭାବେ ବିଚାର କରାଯାଉଛି ବୋଲି ଡବ୍ଲ୍ୟୁଏମ୍‌ଓ ସେକ୍ରେଟାରି ଜେନେରାଲ ପେଟେରି ଟାଲାସ୍ ପ୍ରକାଶ କରିଛନ୍ତି।

### ଇତିହାସର ଆଇନାରେ

### ସେପ୍ଟେମ୍ବର ୧୧ର ପ୍ରମୁଖ ଘଟଣା

୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାରେ ଅଲ୍-କାଏଦାର ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୨,୯୯୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦୦୦ ଆହତ ହୋଇଥିଲେ। ୧୯ ଜଣ ଆତଙ୍କବାଦୀ ୪ଟି ବିମାନକୁ ଅପହରଣ କରିନେଇଥିଲେ। ଦୁଇଟି ବିମାନକୁ ନ୍ୟୁୟର୍କର ବିଶ୍ୱ ବାଣିଜ୍ୟ କେନ୍ଦ୍ର(ଡବ୍ଲୁଟିସି) ରେ ମାଡ଼ କରିଥିଲେ। ଏହାପରେ ଆତଙ୍କବାଦୀମାନେ ତୃତୀୟ ବିମାନକୁ ପେଣ୍ଟାଗନରେ ଏବଂ ୪ର୍ଥଟି ପେନସିଲଭାନିଆରେ ଆକ୍ରମଣ କରିଥିଲେ।

୨୦୧୨ ସେପ୍ଟେମ୍ବର ୧୧ରେ ପାକିସ୍ତାନରେ ଥିବା ଦୁଇଟି କାରଖାନାରେ ଅଗ୍ନିକାଣ୍ଡ ଘଟିଥିଲା। ପଶ୍ଚିମ କରାଚିରେ ପୋଷାକ କାରଖାନା ଏବଂ ଲାହୋରରେ ଥିବା ଜୋତା କାରଖାନାରେ ଅଗ୍ନିକାଣ୍ଡ ଯୋଗୁ ୩୧୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ପାକିସ୍ତାନ ଶିଳ୍ପ ଇତିହାସର ସବୁଠାରୁ ଖରାପ ଦିନ ବୋଲି କୁହାଯାଏ। ଏହି ଅଗ୍ନିକାଣ୍ଡରେ ୬୦୦ ଜଣ ଆହତ ହୋଇଥିଲେ।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୪ | ୨୫.୧ |
| ଚାନ୍ଦବାଲି | ୩୪.୬ | ୨୬.୬ |
| କଟକ | ୩୪.୫ | ୨୪.୬ |
| ପାରାଦ୍ୱୀପ | ୩୧.୭ | ୨୮.୦ |
| ଭୁବନେଶ୍ୱର | ୩୪.୧ | ୨୫.୯ |
| ଗୋପାଳପୁର | ୩୩.୫ | ୨୬.୭ |
| ପୁରୀ | ୩୩.୦ | ୨୬.୮ |
| ଅନୁଗୋଳ | ୩୪.୭ | ୨୩.୬ |
| ବାରିପଦା | ୩୩.୨ | ୨୬.୨ |
| ଝାରସୁଗୁଡ଼ା | ୩୩.୨ | ୨୫.୬ |
| କେନ୍ଦୁଝର | ୩୧.୧ | ୨୩.୯ |
| ସମ୍ବଲପୁର | ୩୪.୦ | ୨୩.୫ |
| ସୁନ୍ଦରଗଡ଼ | ୩୩.୦ | ୨୧.୦ |
| ହୀରାକୁଦ | ୩୩.୯ | ୨୧.୫ |
| ତାଳଚେର | ୩୨.୨ | ୨୪.୫ |
| ଭବାନୀପାଟଣା | ୩୩.୫ | ୨୪.୬ |
| ବଲାଙ୍ଗୀର | ୩୪.୩ | ୨୪.୫ |
| କୋରାପୁଟ | ୨୯.୮ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୩.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୨.୦ | ୨୩.୫ |
| ଦାରିଙ୍ଗିବାଡ଼ି | ୨୯.୫ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ରାଧିକା ମଦନ ଉତ୍ସାହିତ



**ମୁମ୍ବାଇ:** ଅଭିନେତ୍ରୀ ରାଧିକା ମଦନ ବେଶ୍ ଉତ୍ସାହିତ ଅଛନ୍ତି। କାରଣ ତାଙ୍କ ଅଭିନୀତ ଫିଲ୍ମ 'ମର୍ଦ କୋ ଦର୍ଦ ନହିଁ ହୋତା' ଟରଣ୍ଟୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍ (ଟିଫ୍)ରେ ପ୍ରଦର୍ଶିତ ହେବାକୁ ଯାଉଛି। ଉକ୍ତ ଫିଲ୍ମକୁ ଟିଫ୍-୨୦୧୮ ୱାର୍ଲଡ ପ୍ରିମିୟର ପାଇଁ ଚୟନ କରାଯାଇଛି।

ଜଣେ ନବାଗତା ଅଭିନେତ୍ରୀ ଭାବରେ ଟରଣ୍ଟୋରେ ସମ୍ମାନଜନକ ଫିଲ୍ମ ଫେଷ୍ଟିଭାଲ୍‌ରେ ଅଂଶଗ୍ରହଣ କରୁଥିବାରୁ ସେ ବେଶ୍ ଉତ୍ସାହିତ ଜଣାପଡୁଛନ୍ତି। କାରଣ ବିଶ୍ୱ ସ୍ତରରେ ଉକ୍ତ ଫିଲ୍ମ ପ୍ରଦର୍ଶିତ ହେବା ସହ ଦର୍ଶକଙ୍କର ପ୍ରତିକ୍ରିୟା ମଧ୍ୟ ମିଳିବ। ଏହାଦ୍ୱାରା ଏକ ନିଆରା ଅନୁଭୂତି ହାସଲ ହୋଇପାରିବ ବୋଲି ରାଧିକା ପ୍ରକାଶ କରିଛନ୍ତି। ମୋ ଅଭିନେତ୍ରୀ ଜୀବନର ଏହା ହେଉଛି ଏକ ଉତ୍ସାହଜନକ ପର୍ଯ୍ୟାୟ। କାରଣ ପଛକୁ ପଛ ଦୁଇଟି ଫିଲ୍ମ ରିଲିଜ ହେବାକୁ ଯାଉଛି। ଏହା ସ୍ୱପ୍ନ ପରି ଲାଗୁଛି। ସେ ବିଶାଲ୍ ଭରଦ୍ୱାଜଙ୍କ 'ପଟାଖା'ରେ ପ୍ରଥମକରି ଅଭିନୟ ଆରମ୍ଭ କରିଛନ୍ତି। 'ମର୍ଦ କୋ ଦର୍ଦ ନହିଁ ହୋତା' ଜଣେ ବ୍ୟକ୍ତିଙ୍କ ଜୀବନ କାହାଣୀକୁ ନେଇ ନିର୍ମାଣ ହୋଇଛି, ଯିଏ ଆଦୌ ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ। ଉକ୍ତ ଫିଲ୍ମ ଆସନ୍ତା ସପ୍ତାହରେ ଟରଣ୍ଟୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହେବ। ଏଥିରେ ଅଭିନୟ କରିଛନ୍ତି 'ମୈନେ ପ୍ୟାର କିୟା'ର ଅଭିନେତ୍ରୀ ଭାଗ୍ୟଶ୍ରୀଙ୍କ ପୁତ୍ର ଅଭିମନ୍ୟୁ ଦସାନି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ବୟସକୁ ଏଠି ଚ୍ୟାଲେଞ୍ଜ ଭାବେ ନେଇଛନ୍ତି ଜଣେ ୮୯ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ। ବୟସର ଅପରାହ୍ଣରେ ପହଞ୍ଚିଥିବା ଏହି ବ୍ୟକ୍ତି ଜଣକ ପିଏଚ୍‌ଡି ଡିଗ୍ରୀ ପାଇଁ ଆଶା ରଖିଛନ୍ତି। କର୍ନାଟକ କୋପାଲରେ ରହୁଥିବା ସ୍ୱାଧୀନତା ସଂଗ୍ରାମୀ ଶାରନାବାସଭରାଜ ବିସାରହଲି ପିଏଚ୍‌ଡି ଡିଗ୍ରୀ ପାଇବାକୁ ଏବେବି ପଢ଼ାପଢ଼ି କରୁଛନ୍ତି। କନ୍ନଡ଼ ସାହିତ୍ୟରେ ହମ୍ପି ବିଶ୍ୱବିଦ୍ୟାଳୟରେ ସେ ପିଏଚ୍‌ଡି କରିବେ। ଏଥିପାଇଁ ସେ ପ୍ରବେଶିକା ପରୀକ୍ଷା ମଧ୍ୟ ଦେଇ ସାରିଛନ୍ତି। ଗତବର୍ଷ ସେ ଏହି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ଥିବା ବେଳେ ଏବର୍ଷ କିନ୍ତୁ ସେ ସଫଳ ହେବାର ଆଶା ରଖିଛନ୍ତି।




## ସଂକ୍ଷେପରେ

### ଏସ୍‌ସିବିରେ ଚତୁର୍ଥ ଡେଙ୍ଗୁ ମୃତ୍ୟୁ

## ଆଖିବୁଜିଲେ ବିଚାରାଧୀନ କଏଦୀ

**କଟକ ଅଫିସ, ୧୦।୯:** ସୋମବାର ସକାଳେ ଏସ୍‌ସିବି ମେଡିକାଲରେ ଡେଙ୍ଗୁରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରବୀନ୍ଦ୍ର ନାୟକ(୨୫)। ସେ ରାୟଗଡ଼ା ଉପକାରାଗାରରେ ଜଣେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଡେଙ୍ଗୁରେ ଆକ୍ରାନ୍ତ ହୋଇ ଗତ ୩ ତାରିଖରେ ସେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଖରାପ ହେବାରୁ ତାଙ୍କୁ ୫ ତାରିଖରେ ବ୍ରହ୍ମପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ୯ ତାରିଖରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ହେଉଛି ଚଳିତବର୍ଷ ଏସ୍‌ସିବିର ଚତୁର୍ଥ ଡେଙ୍ଗୁ ମୃତ୍ୟୁ। ଅଗଷ୍ଟ ୧୯ରେ ଏସ୍‌ସିବିରେ ତୃତୀୟ ଡେଙ୍ଗୁ ମୃତ୍ୟୁ ଘଟିଥିଲା। ସେ ହେଲେ କଟକ ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ହରିଅନ୍ତା ଗ୍ରାମର ପ୍ରତିମା ସ୍ୱାଇଁ। ଏସ୍‌ସିବିରେ ପ୍ରଥମ ଡେଙ୍ଗୁ ମୃତ୍ୟୁ ଗତ ଜୁନ ୨୪ରେ ଘଟିଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ମୋଟ ୧୩୯ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସୋମବାର ୧୬୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୫୦ ଜଣଙ୍କ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରୁ କଟକରୁ ୧୭ଜଣ ଥିବାବେଳେ ଜଗତ୍‌ସିଂହପୁରରୁ ୨୧ ଜଣ ରହିଛନ୍ତି।




## ଝିଅକୁ ହତ୍ୟା ମାମଲା, ବାପାଙ୍କୁ ଆଜୀବନ ଜେଲ

ନୂଆପଡ଼ା ଅଫିସ,୧୦।୯-

ଘରୋଇ କଳିକୁ କେନ୍ଦ୍ର କରି ଝିଅଙ୍କୁ ପିଟି ହତ୍ୟା କରିବା ଓ ପରବର୍ତ୍ତୀ ସମୟରେ ଏହାକୁ ଆତ୍ମହତ୍ୟା ରୂପ ଦେବା ମାମଲାର ଶୁଣାଣି କରି ନୂଆପଡ଼ା ଜିଲା ଦୌରାଜଜ୍ ଅସୀମ କୁମାର ଦଳବେହେରା ବାପାଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୧୯ଜଣଙ୍କ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସୋମବାର ଅପରାହ୍ଣରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ନୂଆପଡ଼ା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ତରାପୁର ଗାଁର ଗୀତାଞ୍ଜଳି ଶବର (୨୦) ଆତ୍ମହତ୍ୟା କରିଥିବା ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬/୧୪) ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ତଦନ୍ତ କରି ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରମାଣ ପାଇଥିଲା। ଗୀତାଞ୍ଜଳିଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ମାଆ ହାରାବତୀ (୪୦) ଏବଂ ବାପା କୃତୀବାସ (୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ତେବେ ଜେଲରେ ଥିବାବେଳେ ହାରାବତୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। କୋର୍ଟ ଏହି ମାମଲାର ଶୁଣାଣି କରି କୃତୀବାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହତ୍ୟା କରିବା ପରେ ଆତ୍ମହତ୍ୟା ଦର୍ଶାଇ ମିଥ୍ୟା ଅଭିଯୋଗ କରିଥିବାରୁ ଆହୁରି ୩ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ପିପି ନିର୍ଦ୍ଦର୍ଶନୀ ରଥଙ୍କ ସୂଚନା ମୁତାବକ ଗୀତାଞ୍ଜଳି ଏବଂ ତାଙ୍କ ମାଆ ହାରାବତୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ହାରାବତୀ ଏକ କାଠଫାଳିଆରେ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏଥିରେ ଗୀତାଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା।

# ତେଲରେ ଭାସିଗଲା ବିଧାନସଭା

ଭୁବନେଶ୍ୱର,୧୦।୯(ବ୍ୟୁରୋ)



କଂଗ୍ରେସର ବନ୍ଦ ଡାକରା ଯୋଗୁ ସୋମବାର ବିଧାନସଭାରେ କମ୍ ସଂଖ୍ୟକ ବିଧାୟକଙ୍କ ଉପସ୍ଥିତି।

ତୈଳଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ ବାହାରେ ବିକ୍ଷୋଭ କରୁଥିବା ବେଳେ ବିଧାନସଭାରେ ମଧ୍ୟ ଏହାର ତାତି ଦେଖିବାକୁ ମିଳିଥିଲା। କଂଗ୍ରେସ ସଦସ୍ୟମାନଙ୍କ ହଟ୍ଟଗୋଳରେ ବିଧାନସଭାରେ ପୂରା ଦିନ ବରବାଦ ହୋଇଯାଇଥିଲା। ତୈଳ ଦର ବୃଦ୍ଧି ପ୍ରତିବାଦରେ ଭାସି ଯାଇଥିଲା ବିଧାନସଭା କାର୍ଯ୍ୟକ୍ରମ। ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ମଧ୍ୟ ଡୁବି ଯାଇଥିଲା। ଅନ୍ୟ ଉପାୟ ନ ପାଇ ବାଚସ୍ପତି ପ୍ରଦୀପ ଅମାତ ଗିଲୋଟିନ ଜରିଆରେ ଏହାକୁ ଅନୁମୋଦନ କରାଗଲା ବୋଲି ଘୋଷଣା କରିଥିଲେ। ବିରୋଧୀଙ୍କ ହଙ୍ଗାମାକୁ ଦେଖି ମାତ୍ର ୪ ମିନିଟ୍ ପରେ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

କଂଗ୍ରେସର ବନ୍ଦ ଡାକରା ଥିବାରୁ ବିଜେଡି ଓ ଭାଜପାର କେତେକ ସଦସ୍ୟ ପୂର୍ବାହ୍ନ ୯ଟା ୩୦ ମିନିଟ୍ ପୂର୍ବରୁ ବିଧାନସଭାରେ ପହଞ୍ଚି ଯାଇଥିଲେ। କଂଗ୍ରେସର ୪ଜଣ ଓ ଭାଜପାର ୨ ଜଣ ବିଧାୟକ ମଧ୍ୟ ପୂର୍ବରୁ ଆସିଥିଲେ। ସଭା କାର୍ଯ୍ୟ ଆରମ୍ଭ ହେବା ବେଳକୁ ଗୃହରେ ହାତଗଣତି ବିଧାୟକମାନଙ୍କର ଉପସ୍ଥିତି ଦେଖିବାକୁ ମିଳିଥିଲା। ଶାସକ ବିଜେଡିର ୨୦ରୁ ୨୫ଜଣ ବିଧାୟକ ଉପସ୍ଥିତ ଥିବା ବେଳେ ଭାଜପାର ୨ ଜଣ ଓ କଂଗ୍ରେସର ୪ଜଣ ବିଧାୟକ ଉପସ୍ଥିତ ଥିଲେ। ବାଚସ୍ପତି ୧୦ଟା ୩୦ ମିନିଟ୍‌ରେ ଗୃହକୁ ପ୍ରବେଶ କରିଥିଲେ ମଧ୍ୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରି ନ ଥିଲେ। କଂଗ୍ରେସ

- ବିରୋଧୀଙ୍କ ହଙ୍ଗାମା
- ମଙ୍ଗଳବାର ଯାଏ ଗୃହ ମୁଲତବୀ

ସଦସ୍ୟ ତାରାପ୍ରସାଦ ବାହିନୀପତି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା ଏବଂ ଚନ୍ଦ୍ରଶେଖର ମାଝି ଗୃହର ମଧ୍ୟଭାଗକୁ ଆସି ତୈଳଦର ବୃଦ୍ଧିର ପ୍ରତିବାଦ କରିଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ ଓ ରବି ନାଏକ ଚାରା ଦୁର୍ନୀତି ପ୍ରସଙ୍ଗ ଉଠାଇ ଗୃହରେ ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଦସ୍ୟମାନେ ବିଜେଡି, ଭାଜପା ହାଏ..ହାଏ..ସ୍ଲୋଗାନ ଦେଇ ଗୃହକୁ କମ୍ପାଇ ଦେଇଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ନ କରି ହଟ୍ଟଗୋଳରେ ମାତିଥିବା କଂଗ୍ରେସ ଓ ଭାଜପା ବିଧାୟକମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ସମୟରେ ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠି ମାଇକକୁ ଟଣାଘୋଷରା କରିଥିବା ବେଳେ ଭାଜପା ସଭ୍ୟ ରବି ନାୟକ ବାଚସ୍ପତିଙ୍କ ଆସନ ଆଡକୁ ମାଡି ଆସିଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ଅଟକାଇଥିଲେ। ୧୦ଟା ୩୩ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିବର୍ତ୍ତେ ହଟ୍ଟଗୋଳକୁ ଦେଖି ୧୦ଟା ୩୪ ମିନିଟ୍‌ରେ ଗୃହକୁ ମଙ୍ଗଳବାର ୧୦ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

# ବଦଳିଲେ ଶ୍ରୀମନ୍ଦିର ନୀତି ପ୍ରଶାସକ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

**ଓଏଏସ୍ ସ୍ତରରେ ଅଦଳବଦଳ**
- ବିଶ୍ୱଜିତ ବିଶ୍ୱାଳଙ୍କୁ ନୂଆ ଦାୟିତ୍ୱ
- ଜଳସମ୍ପଦ ବିଭାଗକୁ ଆସିଲେ ପ୍ରଦୀପ

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସ୍ତରରେ ସୋମବାର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ନିଯୁକ୍ତି ଅନୁଯାୟୀ ଶ୍ରୀମନ୍ଦିରର ନୀତି ପ୍ରଶାସକ ଥିବା ପ୍ରଦୀପ କୁମାର ଦାସ ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟ କରିବେ। ପ୍ରଦୀପଙ୍କ ସ୍ଥାନରେ ବିଶ୍ୱଜିତ ବିଶ୍ୱାଳ ଶ୍ରୀମନ୍ଦିର ପ୍ରଶାସକ(ନୀତି) ଭାବେ କାର୍ଯ୍ୟ କରିବେ। କନ୍‌ସୋଲିଡେଶନ୍‌ର କମିଶନର ଥିବା ଅଶୋକ କୁମାର ନାୟକ ବିଭାଗୀୟ ତଦନ୍ତର ଅତିରିକ୍ତ ଦାୟିତ୍ୱରେ ରହିବେ। ବିଶ୍ୱମୋହନ ରାୟ କଟକସ୍ଥିତ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଏମ୍‌ଡି, ରବୀନ୍ଦ୍ରନାଥ ମିଶ୍ର ସିଡିଏ ଉପାଧ୍ୟକ୍ଷ, ବୌଦ୍ଧ ଅତିରିକ୍ତ ଜିଲାପାଳ ଥିବା ତାରିଣୀସେନ୍ ନାୟକ-୧ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମର ଜିଏମ୍ ଭାବେ କାର୍ଯ୍ୟ କରିବେ।

ଭୂମେଶ ଚନ୍ଦ୍ର ବେହେରା ପୂର୍ବଭଳି ସୁନ୍ଦରଗଡ଼ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କରାଯାଇଥିବା ତାଙ୍କର ପୂର୍ବ ବଦଳିକୁ ବାତିଲ କରାଯାଇଛି। ବିଜୟ କୁମାର ରଥଙ୍କୁ ମଧ୍ୟ ପୂର୍ବ ଭଳି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କର ସିଏମ୍‌ସି କମିଶନର ଭାବେ ହୋଇଥିବା ବଦଳିକୁ ବାତିଲ କରାଯାଇଛି। ଓଏଏସ୍ ଅଧିକାରୀ ସୁକାନ୍ତ ତ୍ରିପାଠୀଙ୍କ ପୂର୍ବ ବିଜ୍ଞପ୍ତିକୁ ବାତିଲ କରାଯାଇ ସମ୍ବଲପୁର ଡିଆରଡିଏ ପିଡି ଭାବେ ନିଯୁକ୍ତି ଦିଆଯାଇଛି। ନାରାୟଣ ମୁର୍ମୁଙ୍କୁ କୋରାପୁଟର ଅତିରିକ୍ତ ଜିଲାପାଳ, ସୁଜାତା ମିଶ୍ରଙ୍କୁ ଅତିରିକ୍ତ ଭୂ କମିଶନର ଭାବେ ନିଯୁକ୍ତି ମିଳିଛି। ଶୁଭଦର୍ଶିନୀ ସ୍ୱାଇଁଙ୍କୁ ଓଡ଼ିଶା ପାନୀୟ ଜଳ ନିଗମର ଜିଏମ୍, ଡ. ପ୍ରମୋଦ ପୃଷ୍ଟିଙ୍କୁ ବିଏମ୍‌ସିର ଡେପୁଟି କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏତଦ୍‌ବ୍ୟତୀତ ଦରିଦ୍ର ଭଞ୍ଜନ ଏମ୍.ଏମ୍. ପାତ୍ରଙ୍କୁ ଜଳସମ୍ପଦ ବିଭାଗର ଜମି ଅଧିଗ୍ରହଣ ଅଧିକାରୀ, ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ନିଯୋଜନ ନିର୍ଦ୍ଦେଶକ, ପବିତ୍ର ବେହେରାଙ୍କୁ ରେଜିଷ୍ଟ୍ରାର କୋଅପ୍‌ରେଟିଭ ସୋସାଇଟିର ଏ.ଓ ଭାବେ ବଦଳି କରାଯାଇଛି।







## ଉଠୁନି ନିଲମ୍ବନ, ରାମଚନ୍ଦ୍ରଙ୍କ ଅସନ୍ତୋଷ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଦଳ ତାଙ୍କ ଉପରୁ ନିଲମ୍ବନ ହଟାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ମୟୂରଭଞ୍ଜ ବିଜେଡି ଏମ୍‌ପି ରାମଚନ୍ଦ୍ର ହାଁସଦା। ଗଣମାଧ୍ୟମକୁ ସୂଚନା ଦେଇ ସୋମବାର ରାମଚନ୍ଦ୍ର କହିଛନ୍ତି ଯେ, ମୁଁ ଆଦିବାସୀ ଅଧ୍ୟୁଷିତ ନେତା ହୋଇଥିବାରୁ ନିଲମ୍ବନ ଉଠୁନି। ମୋ ପାଇଁ ଜିଲାସ୍ତରୀୟ ନେତା ଲବି କରୁନାହାନ୍ତି। ଉପକୂଳ ଅଞ୍ଚଳର ପ୍ରତିନିଧି ହୋଇଥିଲେ ନିଲମ୍ବନ ଉଠିସାରନ୍ତାଣି। ମୋ ନିଲମ୍ବନ ଉଠିବା ନେଇ ହାଇକମାଣ୍ଡଙ୍କ ପାଖରେ ଯେପରି ଉପସ୍ଥାପନ ହେବା କଥା, ତାହା ହେଉ ନାହିଁ ବୋଲି ରାମଚନ୍ଦ୍ର କହିଛନ୍ତି।

## ପ୍ରମୋଦ ନବରଙ୍ଗପୁର ବିଜେଡି ସଂଯୋଜକ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୋଦ ପାଢ଼ୀଙ୍କୁ ନବରଙ୍ଗପୁର ଜିଲା ବିଜେଡିର ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି। ନବରଙ୍ଗପୁର ଜିଲା ସଭାପତି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ମିଶି ଦଳ ପାଇଁ କାର୍ଯ୍ୟ କରିବାକୁ ପ୍ରମୋଦଙ୍କୁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କିତ ଏକ ବିଜ୍ଞପ୍ତି ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ସୋମବାର ପ୍ରକାଶ ପାଇଛି।



ଚେଲ୍‌ସି ସ୍ମିଥ। ୧୯୯୫ର ମିସ୍ ୟୁନିଭର୍ସ। ଲିଭର କ୍ୟାନସରରେ ପୀଡିତ ଥିବା ଏହି ବିଶ୍ୱ ସୁନ୍ଦରୀଙ୍କର ୪୫ ବର୍ଷ ବୟସରେ ଶନିବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ବଲିଉଡ ନାୟିକା ସୁସ୍ମିତା ସେନ୍ ଶୋକ ବ୍ୟକ୍ତ କରିଛନ୍ତି। ସୁସ୍ମିତା ଟୁଇଟ୍ କରି ଶୋକ ପ୍ରକାଶ କରିବା ସହ କହିଛନ୍ତି, ସ୍ମିଥଙ୍କ ହସ ଓ ତାଙ୍କ ପରିପକ୍ୱ ବ୍ୟକ୍ତିତ୍ୱ ତାଙ୍କୁ ବେଶ୍ ପସନ୍ଦ ଥିଲା। ଅସମୟରେ ତାଙ୍କର ମୃତ୍ୟୁ ଦୁଃଖଦାୟକ। ୧୯୯୫ରେ ସ୍ମିଥ ମିସ୍ ୟୁନିଭର୍ସ ବିଜେତା ହେବା ପରେ ସୁସ୍ମିତା ତାଙ୍କୁ ବିଜୟ ମୁକୁଟ ପିନ୍ଧାଇଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଲକି
ପରିବାରବର୍ଗ



ରୋଶନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାଣି ନେଲା ୪ଜୀବନ

ଆନନ୍ଦପୁର/ ସିନାପାଲି, ୧୦।୯ (ସ୍ୱ.ପ୍ର./ଡି.ଏନ୍.ଏ.)

ରାଜ୍ୟର ବିଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ଚାଲିଯାଇଛି ୪ଜୀବନ। କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ ୨ଟି ପୃଥକ ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ନିଖୋଜ ଅଛନ୍ତି। ସେହିପରି ନୂଆପଡ଼ା ଜିଲା ସିନାପାଲି ଥାନା ରେବଡ଼ି ଗ୍ରାମରେ ଏକ ପୋଖରୀରେ ବୁଡ଼ି ଜେଜେ ଓ ନାତିଙ୍କ ମୃତ୍ୟୁ ଘଟିଛି।

ପ୍ରକାଶ ଯେ, ଆନନ୍ଦପୁର ଥାନା କୋଡ଼ପଡ଼ା ନିକଟ ବୈତରଣୀ ନଦୀର ଗୌଡ଼ଡିହ ଘାଟକୁ ସୋମବାର ସ୍ଥାନୀୟ ଅଞ୍ଚଳର ଗିରିଜା ପାତ୍ରଙ୍କ ୧୧ ବର୍ଷୀୟା ଝିଅ ଜୟଶ୍ରୀ ପାତ୍ର, ବୁଦ୍ଧିଆ ପାତ୍ରଙ୍କ ୧୨ବର୍ଷୀୟା ଝିଅ ପ୍ରୀତି ପାତ୍ର ଓ ପାୟଲ ପାତ୍ର ନାମକ ଜଣେ ଛାତ୍ରୀ ସାଙ୍ଗ ହୋଇ ଗାଧୋଇବାକୁ ଯାଇଥିଲେ। ପାୟଲ ନଦୀଘାଟରେ ଲୁଗା ସଫା କରୁଥିବାବେଳେ ଜୟଶ୍ରୀ ଓ ପ୍ରୀତି ହାତଧରାଧରି ହୋଇ ପାଣି ଭିତରକୁ ପଶିଥିଲେ। ଏତିକିବେଳେ ଉଭୟଙ୍କ ଗୋଡ଼ ଖସିଯିବାରୁ ସେମାନେ ପାଣିରେ ଭାସି ଯାଇଥିଲେ। ଏହା ଦେଖି ପାୟଲ୍ ପାଟି କରି ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ଖବରପାଇ ଆନନ୍ଦପୁର ଏବଂ ଘସିପୁରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଖୋଜାଖୋଜିର କିଛି ସମୟ ପରେ ଜୟଶ୍ରୀଙ୍କ ମୃତଦେହ ମିଳିଥିବାବେଳେ ପ୍ରୀତିଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ନିଖୋଜ ଛାତ୍ରୀଙ୍କୁ ଖୋଜିବାରେ ସ୍ଥାନୀୟ ଲୋକେ ଓ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଆନନ୍ଦପୁର ଥାନା ବଳଭଦ୍ରପୁର ଗ୍ରାମର କୁଳମଣି ମଲ୍ଲିକ ନାମକ ଜଣେ ଯୁବକ ପୋଖରୀରେ ପହଁରୁଥିବାବେଳେ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ସେ ଇଣ୍ଟରଭ୍ୟୁ ପାଇଁ ପହଁରା ଅଭ୍ୟାସ କରିବାକୁ ନିଜ ସାଥୀମାନଙ୍କ ସହିତ ନିକଟସ୍ଥ ଖଲଣା ପୋଖରୀକୁ ଯାଇଥିଲେ। ସେଠାରେ ପହଁରୁଥିବା ସମୟରେ ଅସାବଧାନତାବଶତଃ ବୁଡିଯାଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପୋଖରୀ ମଧ୍ୟରୁ କୁଳମଣିଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଅନ୍ୟ ଏକ ଘଟଣାରେ ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ରେବଡ଼ି ଗ୍ରାମ ପୋଖରୀରେ ବୁଡ଼ି ଜେଜେ, ନାତିଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ କପୁରଚନ ପୁଞ୍ଜି (୬୦) ଓ ତାଙ୍କ ୩ ବର୍ଷର ନାତି ବବ୍‌ଲୁ। କପୁରଚନ ପୂର୍ବରୁ ବାତ ରୋଗରେ ଆକ୍ରାନ୍ତ ଥିଲେ। ରବିବାର ଅପରାହ୍ଣରେ ନାତି ବବ୍‌ଲୁଙ୍କ ସହ ସେ ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିଲେ। ଗାଧୋଉଥିବା ସମୟରେ ହଠାତ୍ ତାଙ୍କୁ ବାତ ମାରିଥିଲା। ଫଳରେ ସେ ଚେତାଶୂନ୍ୟ ହୋଇ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କ ସହ ବବ୍‌ଲୁ ମଧ୍ୟ ବୁଡ଼ି ମୃତ୍ୟୁବରଣ କରିଥିବା ପୋଲିସ ସୂଚନା ଦେଇଛି। ସୋମବାର ଉଭୟଙ୍କ ମୃତଦେହ ପୋଖରୀରୁ ଉଦ୍ଧାର ହୋଇ ବ୍ୟବଚ୍ଛେଦ କରାଯାଇଛି। ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ୱାଟର ଏରୋଡ୍ରମ୍ ପ୍ରସ୍ତାବରୁ ଓହରିଲା କେନ୍ଦ୍ର

ଭୁବନେଶ୍ୱର,୧୦।୯(ବ୍ୟୁରୋ)-

ଚିଲିକାରେ ହେବାକୁ ଥିବା ଜଳ ବିମାନ ବନ୍ଦର(ୱାଟର ଏରୋଡ୍ରମ୍) ପ୍ରସ୍ତାବରୁ କେନ୍ଦ୍ର ସରକାର ଓହରି ଯାଇଛନ୍ତି। ଚିଲିକାର ପ୍ରାକୃତିକ ଜୈବ ବିବିଧତାକୁ ଦେଖି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ପ୍ରସ୍ତାବ ଆସିବା ପରେ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା। କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ସ୍ଥଗିତ ରଖିବା ପାଇଁ ସାଧାରଣ ପ୍ରଶାସନ(ଜିଏ) ବିଭାଗକୁ ଜଣାଇ ଦେଇଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ କହିଛନ୍ତି ଯେ, ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ(ଏଏଆଇ) ସି ପ୍ଲେନ ପ୍ରୋଜେକ୍ଟକୁ ରଦ୍ଦ କରିଛନ୍ତି। ଚିଲିକାର ଜୈବ ବିବିଧତା ଏବଂ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଏହାର କୁପ୍ରଭାବ ପଡୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହାକୁ ଆମେ ସ୍ୱାଗତ କରୁଛୁ ବୋଲି ସେ କହିଛନ୍ତି।

ଚିଲିକାରେ ସି ପ୍ଲେନ ପ୍ରକଳ୍ପ କରାଗଲେ ୧୦ ଲକ୍ଷ ପକ୍ଷୀ ପ୍ରଭାବିତ ହେବା ସହ ଜଳଚର ଜୀବ ଓ ଏହା ଚତୁଃପାର୍ଶ୍ୱରେ ଥିବା ଗ୍ରାମର ମତ୍ସ୍ୟଜୀବୀମାନେ ମଧ୍ୟ ପ୍ରଭାବିତ ହେବେ। ଏ ନେଇ ସେପ୍ଟେମ୍ବର ୪ ତାରିଖରେ ସିଡିଏ ପକ୍ଷରୁ ଏଏଆଇକୁ ଜଣାଇ ଦିଆଯାଇଥିଲା। ୭ ତାରିଖରେ କେନ୍ଦ୍ର ସରକାରଙ୍କ ସହ ଭିଡିଓ କନଫରେନ୍ସ ବେଳେ ରାଜ୍ୟ ସରକାର ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧକୁ ରକ୍ଷା କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଚିଲିକାରେ ପ୍ରସ୍ତାବିତ ସି ପ୍ଲେନ ପ୍ରସ୍ତାବରୁ ଓହରି ଯାଇଥିବା ନେଇ ଏଏଆଇ ଅଧ୍ୟକ୍ଷ ଗୁରୁ ପ୍ରସାଦ ମହାପାତ୍ର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଜଣାଇଛନ୍ତି। ଚିଲିକା ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସି ପ୍ଲେନ ସୁବିଧା ଥିଲେ କେନ୍ଦ୍ର ସରକାର ସମସ୍ତ ସହାୟତା କରିବେ ବୋଲି ମଧ୍ୟ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିବା ଜଣାପଡିଛି। ଚିଲିକା ବିଶ୍ୱର ଦ୍ୱିତୀୟ ବୃହତ୍ ଲବଣାକ୍ତ ହ୍ରଦ। ସି ପ୍ଲେନ ପ୍ରକଳ୍ପ ହେଲେ ଏହା ଗଭୀର ଭାବେ ପ୍ରଭାବିତ ହେବ । ପ୍ରାକୃତିକ ସୌନ୍ଦର୍ଯ୍ୟ ଧ୍ୱଂସ ପାଇଯିବ। ଗତ ଜୁନ ମାସରେ ଏଏଆଇ ଓଡିଶା ସମେତ ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ଆସାମରେ ୱାଟର ଏରୋଡ୍ରମ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲା । ଚିଲିକା ସେଥି ମଧ୍ୟରୁ ପ୍ରଥମ ପସନ୍ଦ ଥିଲା। ବେସାମରିକ ବିମାନ ଚଳାଚଳ ବିଭାଗର ଏକ ବିଶେଷଜ୍ଞ ଟିମ୍ ଚିଲିକା ପରିଦର୍ଶନ କରି ୱାଟର ଏରୋଡ୍ରମ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଭିନ୍ନ ସ୍ତରରେ ଜୋରଦାର ବିରୋଧ କରାଯାଇଥିଲା। ବିଧାନସଭାରେ ମଧ୍ୟ ଏହାକୁ ଖୋର୍ଦ୍ଧା ଓ ବ୍ରହ୍ମଗିରି ବିଧାୟକ ବିରୋଧ କରିଥିଲେ। ରାଜ୍ୟରେ ଏଭଳି ବିରୋଧକୁ ଦେଖି କେନ୍ଦ୍ର ସରକାର ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୩ଜିଲାର...

ପ୍ରଭାବିତ ଅଞ୍ଚଳରେ ଗୃହପାଳିତ ପ୍ରାଣୀଙ୍କୁ ମାଗଣାରେ ଚିକିତ୍ସା ସହିତ ଟିକାକରଣ ମଧ୍ୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏକ ସପ୍ତାହ ମଧ୍ୟରେ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସରକାରଙ୍କ ହିସାବ ଅନୁଯାୟୀ, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲାର ୧୭ ବ୍ଲକ, ୪ ପୌରପରିଷଦ ଏବଂ ୯୦୩ ଗାଁର ୭.୫ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ଜଣାପଡିଛି। ଏହାଦ୍ୱାରା ପଚାଶ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଚାଳିଶ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଯାଉଛି। ଗୃହପାଳିତ ପଶୁଙ୍କ ପାଇଁ ୯୦ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି ଯେ, ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ ଆସନ୍ତା ୭ଦିନ ମଧ୍ୟରେ ରିଲିଫ ପ୍ରଦାନ କରାଯିବ। ଯେଉଁମାନଙ୍କ ଚାଷଜମିରେ ପାଣି ପଶିଯାଇ ଫସଲ ନଷ୍ଟ ହୋଇଛି ସେମାନଙ୍କୁ ରାଜ୍ୟ ସରକାର ଇନ୍‌ପୁଟ ସବ୍‌ସିଡି ଯୋଗାଇଦେବେ। ଏଥିପାଇଁ ରିପୋର୍ଟ ପ୍ରସ୍ତୁତ କରିବାରେ ସାମାନ୍ୟ ବିଳମ୍ବ ହେବ ବୋଲି ସେ କହିଛନ୍ତି।

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ ସାତଦିନର ରିଲିଫ ସହାୟତା ଯୋଗାଇ ଦିଆଯିବ। ପ୍ରୌଢଙ୍କ ପାଇଁ ଦୈନିକ ୬୦ଟଙ୍କା ଏବଂ ୧୨ବର୍ଷରୁ କମ୍ ପିଲାଙ୍କ ଲାଗି ୪୫ଟଙ୍କା ହିସାବରେ ସେମାନଙ୍କ ଆକାଉଣ୍ଟକୁ ପଠାଯିବ। ଏଥିଲାଗି ସରକାରୀସ୍ତରରେ ତତ୍ପରତା ପ୍ରକାଶ ପାଇଛି। ବ୍ଲକସ୍ତରରେ ତହସିଲଦାରମାନଙ୍କୁ ଯଥାଶୀଘ୍ର ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

### ବନ୍ଦ ଶାନ୍ତିପୂର୍ଣ୍ଣ...

ବ୍ରଜରାଜନଗର ଆଦି ସ୍ଥାନରେ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅନ୍ୟପକ୍ଷରେ କଂଗ୍ରେସର ବନ୍ଦ ଡାକରାକୁ ନଜରରେ ରଖି ଗୃହ ବିଭାଗ ପକ୍ଷରୁ ସଚିବାଳୟ କର୍ମଚାରୀମାନଙ୍କୁ ସକାଳ ୯ଟା ୩୦ ମିନିଟ୍‌ରେ ଅଫିସକୁ ଆସିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କର୍ମଚାରୀମାନେ ପଛପଟ ଗେଟ୍ ଦେଇ କାର୍ଯ୍ୟାଳୟକୁ ଯାଇଥିଲେ। କାର୍ଯ୍ୟାଳୟକୁ ଆସିବା ସମୟରେ ରାଜ୍ୟ ସରକାରଙ୍କ କେତେଜଣ ବରିଷ୍ଠ ଅଧିକାରୀଙ୍କୁ ହଟହଟା ହେବାକୁ ପଡିଥିଲା। ଏଜି ଛକ ନିକଟରେ କର୍ମୀମାନେ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କୁ ଗାଡିରୁ ଓହ୍ଲାଇ ଦେଇଥିଲେ। ବିଧାନସଭା ଅଧିବେଶନ ଚାଲୁଥିବାରୁ ବିଜେଡି ଓ ଭାଜପା ବିଧାୟକମାନେ ଦୁଇଚକିଆ ଯାନରେ ବିଧାନସଭାକୁ ଆସୁଥିବା ଦେଖିବାକୁ ମିଳିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ସଚିବାଳୟ ଓ ବିଧାନସଭାର ସମ୍ମୁଖ ଗେଟ୍‌ଗୁଡିକୁ ବନ୍ଦ କରି ଦିଆଯାଇଥିଲା। ଉଭୟ ସଚିବାଳୟ ଓ ବିଧାନସଭାରେ କର୍ମଚାରୀ ଓ ବିଧାୟକମାନଙ୍କର ଉପସ୍ଥାନ କମ୍ ଦେଖିବାକୁ ମିଳିଥିଲା। ଅପରାହ୍ନ ୩ଟା ପରେ ଜନଜୀବନ ସ୍ୱାଭାବିକ ହୋଇଥିଲା। ଗାଡି ମୋଟର ସ୍ୱାଭାବିକ ଚଳାଚଳ କରିଥିଲା।

### ତେଲ ଦର ୨...

ଅଭିଯୋଗ କରିଛନ୍ତି। ତେଲ ଡାଡିକୁ ନେଇ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡିକ ସୋମବାର ଭାରତ ବନ୍ଦ ଡାକରା ଦେବା ପରେ ନାଇଡୁ ତେଲୁଗୁ ଦେଶମ ପାର୍ଟିର ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ। ଏହାପରେ ସେ ତେଲ ଦର ହ୍ରାସ ନେଇ ବିଧାନସଭାରେ ଘୋଷଣା କରିଥିଲେ। ଉଲ୍ଲେଖଥାଉ କି, ମହାରାଷ୍ଟ୍ର ପରେ ଭାଟ୍ ଆଦାୟରେ ଆନ୍ଧ୍ରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି। ଏହା ପେଟ୍ରୋଲରୁ ୩୫.୭୭% ଏବଂ ଡିଜେଲରୁ ୨୮.୦୮% ଭାଟ୍ ଆଦାୟ କରୁଛି।

# ନର୍ଦ୍ଦମା ସଫା ବେଳେ ଶ୍ୱାସରୁଦ୍ଧ ହୋଇ ୫ ମୃତ

ନୂଆଦିଲ୍ଲୀ,୧୦।୯(ପି.ଟି.)

ଦକ୍ଷିଣ ଦିଲ୍ଲୀର ମୋତି ନଗରରେ ଥିବା ଏକ ନର୍ଦ୍ଦମା ସଫା କରିବା ବେଳେ ଶ୍ୱାସରୁଦ୍ଧ ହୋଇ ୫ ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ୨ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ପ୍ରାଣ ହରାଇଥିଲେ। ସେମାନେ ହେଉଛନ୍ତି ସରଫରାଜ, ପଙ୍କଜ, ରାଜା, ଉମେଶ ଏବଂ ବିଶାଲ। ମୃତକଙ୍କ ବୟସ ୨୨ ରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ଜଣାପଡିଛି। ଅପରାହ୍ଣ ୩ଟା ବେଳେ ଗ୍ରୀନ୍ ଡିଏଏଫ୍ ଆପାର୍ଟମେଣ୍ଟର ଲୋକେ ପୋଲିସକୁ ଖବର ଦେଇଥିଲେ ଯେ, ଏହି ୫ ଜଣ ଶ୍ରମିକ ନର୍ଦ୍ଦମା ଭିତରେ ଫସି ଯାଇଛନ୍ତି। ଶ୍ରମିକଙ୍କ ମୃତ୍ୟୁ ପାଇଁ ଭାଜପା ପକ୍ଷରୁ ଆମ୍ ଆଦମୀ ପାର୍ଟି (ଏଏପି)କୁ ଦାୟୀ କରାଯାଇଛି। ଚିରାଚରିତ ଢଙ୍ଗରେ ହାତରେ ମଇଳା ସଫା କରିବା କାମ ନିଷିଦ୍ଧ କରାଯିବା ସହ ଏହା ବିରୋଧରେ କଡା ଆଇନ ଅଣାଯାଉ ବୋଲି କେନ୍ଦ୍ରମନ୍ତ୍ରୀ ରାମବିଳାଶ ପାଶୱାନ କହିଛନ୍ତି। ଏହାପରେ ଦିଲ୍ଲୀ ସରକାର ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଅଳ୍ପ କେତେକ ସ୍ଥାନରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୦।୯(ବ୍ୟୁରୋ)- ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବାୟୁମଣ୍ଡଳରେ ଆର୍ଦ୍ରତା ୮୦ରୁ ୧୦୦ ପ୍ରତିଶତ ରହୁଥିବାରୁ କେତେକ ସ୍ଥାନରେ ଘଡଘଡି ସହ ପ୍ରବଳ ବର୍ଷା ହେଉଛି।


# Classified

automobile

SALE

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64147

real estate

SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64153

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

'Z' Associates Puja Dhamaka simplex @ 19.90 lakh, Duplex @ 26.90 lakh contact Plot No.- N-1/39, IRC Village. Contact: 8480697808. 9078445982. Finance available for land and building. D-8135

Homestead, gharabari, yellowzone land 9000 sqft. (222 decml) 80ft. frontage to 60ft. road & 100 mtrs away from 200ft. road, 4kms. from KIIMS Medical College for sale at Mouza Sunderpur, Bhubaneswar. Contact: 9437095996. D-64149

healthcare

Sonali ayurvedic full body massage/ smart lady expert therapist. Best facility. 9661643016, 9572698260, 9934122232, 9631368840. D-8096

All type of massage and good therapy full body massage Sai herbal spa. 7609090523. D-64202

Opening newly ayurvedic full body message ladies, gents: 7438851534 7609923705. D-38528

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଲିପ୍‌ସା ସାହୁ**
ବରପାଲି, ଗୁଡିଆପଡା

ତୋର ପ୍ରଥମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ, ସୁଖମୟ ଓ ଦୀର୍ଘାୟୁ ରଖନ୍ତୁ; ଏତିକି ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: ସୁବ୍ରତ, ଆରତୀ, ନାନୀ ସୁରେଖା, ବର୍ଷା ଓ ଦାଦା ମେଘନାଦ ସାହୁ, ବରପାଲି। ଧ-୬୨୪୪୧

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଅର୍ପିତା କାଳିଆ**
ଲକ୍ଷ୍ମୀନାରାୟଣପୁର, ଭୁବନେଶ୍ୱର

ଆଜି ତୋର ପ୍ରଥମ ଜନ୍ମବାର୍ଷିକୀ ପୂର୍ତ୍ତି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ; ଏତିକି କାମନା। ଶୁଭେଚ୍ଛା ସହ: ଜେଜେମା- ବ୍ରାହ୍ମଣୀ କାଳିଆ, ବଡବାପା- ନୃସିଂହ, ବଡମାମା- କୌଶଲ୍ୟା, ଭାଇ, ଦିଦି, ବାପା, ମାମା, ବନ୍ଧୁ ଓ ପରିଜନ। ଧ-୬୩୦୮୯


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଲକ୍ଷ୍ମୀଧର ନାଥ**
ଆଳିସ (ନାଥସାହି), ସତ୍ୟବାଦୀ, ପୁରୀ
ଆବିର୍ଭାବ: ୧୬।୦୫।୧୯୫୩
ତିରୋଧାନ: ୦୧।୦୯।୨୦୧୮

ଆପଣଙ୍କ ତ୍ୟାଗ, ଭଲପାଇବା, କର୍ମପ୍ରବଣତା ଓ ନିଷ୍ଠାପରତା ଆମ୍ଭମାନଙ୍କୁ ଚିରକାଳ ପ୍ରେରିତ କରିଚାଲିଥିବ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପତ୍ନୀ, ପୁତ୍ର-ପୁତ୍ରବଧୂମାନେ, ଝିଅ-ଜ୍ୱାଇଁମାନେ, ଭଉଣୀ, ଭାଇ ଓ ଭାଇବୋହୂମାନେ, ନାତିନାତୁଣୀ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ ଏବଂ ଭଣଜାବୋହୂମାନେ ଓ ବନ୍ଧୁବର୍ଗ। ଧ-୩୪୮୮୦

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶାନ୍ତିଲତା ପାଇକରାୟ**
ପିପିଲି, କଣ୍ଟି, ପୁରୀ, ମୁକୁନ୍ଦନଗର
ଆବିର୍ଭାବ: ଶ୍ରୀଗୁଣ୍ଡିଚା
ତିରୋଧାନ: ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା

ପ୍ରତି ସମୟରେ ତୋର ଅନୁପସ୍ଥିତିକୁ ଅନୁଭବ କରି ଝୁରି ହେଉଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା। ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ: ବିଚିତ୍ରା ନନ୍ଦ, ବୁଢା, ଆଶିଷ୍, ନିଲେଶ, ତନୁଷ୍, ମାମା, ସୀମା, ସରିତା, ରିତିକା। ଧ-୮୦୯୫

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସନ୍ତୋଷ କୁମାର ପଣ୍ଡା**
ଶାସ୍ତ୍ରୀନଗର, ନୂଆବଜାର, କଟକ
ଆବିର୍ଭାବ: ୨୩।୧୧।୧୯୩୬
ତିରୋଧାନ: ୦୨।୦୯।୨୦୧୮
ଭାଦ୍ରବ କୃଷ୍ଣପକ୍ଷ ସପ୍ତମୀ

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ମୈଥିଲୀ, ପୁତ୍ର- ଶାନ୍ତନୁ, ପୁତ୍ରବଧୂ- ଝରଣା, କନ୍ୟା- ସୁନନ୍ଦା, ଅନ୍ନଦା, ମମତା, ଜାମାତା- ବସନ୍ତ, ଆଲୋକ ଓ ନାତିନାତୁଣୀ, ଆତ୍ମୀୟସ୍ୱଜନ। ଧ-୮୩୨୫

## ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଆଡଭୋକେଟ ସ୍ୱର୍ଗତ ସୁଦର୍ଶନ ସାହୁ**
ଜେନାରିଗଛ ପାଖ, ଲବଣିଖିଆଛକ, ପୁରୀ
ଆବିର୍ଭାବ: ୦୫।୦୫।୧୯୪୯
ତିରୋଧାନ: ୦୧।୦୯।୨୦୧୮

ତୁମ ସ୍ନେହ ଶ୍ରଦ୍ଧା ଅଶିଷ ଆଉ କରୁଣା ବାରି, ବରଷୁ ଥାଉ ଏମିତି ତୁମ ସ୍ମୃତିରୁ ଝରି। ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ। ଧ-୩୪୮୮୧


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଷଷ୍ଠସ୍ଥ ଚନ୍ଦ୍ର ନୂତନ କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ପୁଞ୍ଜିଲଗାଣ ଓ ଶେୟାର ବଜାର ପାଇଁ ଅନୁକୂଳ ରହିବ। ମଙ୍ଗଳଙ୍କ ପ୍ରଭାବରୁ ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଉନ୍ନତମାନର ହେବ। ଧନାଧିପଙ୍କ ସ୍ୱଗୃହସ୍ଥିତି ଜନିତ ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଫେରିପାଇବେ।

**ବୃଷ** ଅଷ୍ଟମସ୍ଥ ଶନି ଧନହାନି, ଧାରକରଜ, ଆଇନ ଅଦାଲତ, ସ୍ଥଗିତ କାର୍ଯ୍ୟ ସକାଶେ ଚିନ୍ତିତ କରାଇବ। ବିଭିନ୍ନ ପ୍ରକାରର ବ୍ୟତିକ୍ରମ, ମାତ୍ର ପାରିବାରିକ ଜୀବନରେ ଅଶାନ୍ତିର କାରଣ ହେବନାହିଁ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିମାନଙ୍କ ସାହାଯ୍ୟ ଲାଭକରି ଅଭିଳାଷ ପୂରଣ ପାଇଁ ଆଶା କରିପାରନ୍ତି। ଆଜିର ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** ଧନସ୍ଥାନରେ ରାହୁ ଅର୍ଥ ସମ୍ବନ୍ଧୀୟ କୌଣସି ଆଲୋଚନାକୁ କେନ୍ଦ୍ରକରି ସାମୟିକ ଅଶାନ୍ତ ପରିସ୍ଥିତି ସୃଷ୍ଟିକରିବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆର୍ଦ୍ରା ନକ୍ଷତ୍ର ସକାଶେ ଭାବୁଥିବେ ଗୋଟିଏ କଥା, କିନ୍ତୁ କଲାବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** ଉଭରଚକ୍ରାର୍ଦ୍ଧ ଗ୍ରହଶୂନ୍ୟ କାରଣରୁ କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଓ ଅନୁକମ୍ପା ଲାଭ କରିପାରିବେ। ଯେକୌଣସି ପରିସ୍ଥିତି ହେଉନା କାହିଁକି, ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆକସ୍ମିକ ଭାବରେ ଦୂରରେ ରହୁଥିବା ବନ୍ଧୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ସୂଚନା ରହିଛି। ଗୁପ୍ତ ଶତ୍ରୁମାନଙ୍କ ପ୍ରତି ସତର୍କ ରହିବା ଭଲ।

**ସିଂହ** ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ସାଙ୍ଗକୁ ଯୁକ୍ତିସଙ୍ଗତ ମଧୁରକଥା ପ୍ରତ୍ୟେକ ପରିସ୍ଥିତିକୁ ସରଳ ଓ ସାବଲୀଳ କରିବାରେ ସମର୍ଥ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ସାଙ୍ଗକୁ ବନ୍ଧୁମାନଙ୍କ ସହ ସୁସମ୍ପର୍କରୁ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି ।

**କନ୍ୟା** ଆଜି ଚତୁର୍ଥ ଶନି ଓ ମଙ୍ଗଳଙ୍କ ସ୍ଥିତିଜନିତ ଯାହା କିଛି କହିବେ କିମ୍ବା କରିବାକୁ ଯିବେ ତାହାର ପୁନର୍ବିଚାର କରିବା ଭଲ ହେବ। ଜମିଜମା, ଯାନ୍ତ୍ରିକ ଜିନିଷ, କଳକବ୍ଜା, ଯାନବାହନ ସମ୍ପର୍କୀୟ କୌଣସି କାମକୁ ସତର୍କତାର କରନ୍ତୁ। କୌଣସି ନିଷ୍ପତ୍ତି ନେବା କ୍ଷେତ୍ରରେ କିଛିଟା ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି।

**ତୁଳା** ଆଜିର ଚନ୍ଦ୍ର ତୃତୀୟସ୍ଥ ଶନିଙ୍କ ଦୃଷ୍ଟିରେ ଥିବାରୁ କର୍ମକ୍ଷେତ୍ରରେ କୌଣସି ବିଜାତୀୟବ୍ୟକ୍ତିଙ୍କ ହସ୍ତକ୍ଷେପ ସମସ୍ୟାର କାରଣ ହେବ। ବିଶାଖା ନକ୍ଷତ୍ର କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପଛ କଥା ମନକୁ ନ ଆଣି ଯାହା କରିବା କଥା ଶୀଘ୍ର କରିବା ମନ୍ଦ ହେବନି। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**ବିଛା** ଏକାଦଶରେ ଚନ୍ଦ୍ର ଓ ରାଶ୍ୟାଧିପତିଙ୍କ ବଳବାନତ୍ୱ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ଅତୀତ ଘଟଣା କିମ୍ବା ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ।

**ଧନୁ** ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ପାରିବାରିକ ଶାନ୍ତି ଫେରି ଆସିବ ଓ ସମସ୍ୟା ମଧ୍ୟ ସମାଧାନ ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ,ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବୁଧ ଓ ଶୁକ୍ରଙ୍କ ଶୁଭ ସଂସ୍ଥାନ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମ, ଚଳଚ୍ଚିତ୍ର ପାଇଁ ସ୍ୱତନ୍ତ୍ରତା ସ୍ୱରୂପ ପ୍ରଶଂସା ଓ ପ୍ରୋତ୍ସାହନର ଗୌରବ ଆଣିଦେବ।

**ମକର** ଚତୁର୍ଥାଧିପତି ମଙ୍ଗଳଙ୍କ ସହ କେତୁଙ୍କ ସଂଯୋଗ ପାରିବାରିକ ଅଶାନ୍ତି ସୃଷ୍ଟି କରିବ। ଏହାସାଙ୍ଗକୁ ଚନ୍ଦ୍ରଙ୍କ ସ୍ଥିତି ମଧ୍ୟ ଏ ଦିଗରେ ବିଶେଷ ସୁଫଳ ଦେଇନପାରେ। ପରିସ୍ଥିତିବିଶତଃ ଘରର କେତେକ ଅତ୍ୟାବଶ୍ୟକ ଜିନିଷଗୁଡିକୁ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସଂଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** ଶନିଙ୍କ ସ୍ୱଗୃହକୁ ଦୃଷ୍ଟିଜନିତ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ କେତେକାଂଶରେ ପୂର୍ବାପେକ୍ଷା ନିୟନ୍ତ୍ରଣ ମଧ୍ୟରେ ରହିବ। ଚନ୍ଦ୍ର ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ଆଜି ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ।

**ମୀନ** କେଉଁ କାମ ଅଟକିବ ନାହିଁ ସିନା, କିନ୍ତୁ ସହଜ ଓ ସୁବିଧାରେ ସମ୍ପନ୍ନ ହେବା କାଠିକର ପାଠ ହୋଇପାରେ। ଅଷ୍ଟମସ୍ଥ ଶୁକ୍ର ହେତୁ ନିଜର କୌଣସି ସମ୍ପର୍କୀୟା ମହିଳାଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର, ଶ୍ରୀମନ୍ଦିରରେ ନିକୁଳୀଳା, ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱଭ୍ରାତୃତ୍ୱ ଦିବସ, ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮।୩୦ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୦ମି. ଗତେ ଘ୧୧।୪୯ମି. ମଧ୍ୟେ, ଘ୩।୪୩ମି. ଗତେ ଘ୫।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୪୬ମି. ଗତେ ଘ୪।୧୮ମି. ମଧ୍ୟେ ରାହୁକାଳ।



ବିଦ୍ୟାଳୟରେ ପ୍ରଚଳିତ ହେବ 'ହାପି ସଟରଡେ'। ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ 'ହାପି ସଟରଡେ' ଭାବେ ଘୋଷଣା କରିଛନ୍ତି ରାଜସ୍ଥାନ ସରକାର। ଏହି ୨ଦିନ ପିଲାମାନଙ୍କୁ କିଛି ସୃଜନାତ୍ମକ ଶିକ୍ଷା ପ୍ରଦାନ କରାଯିବ। ସେଥିପାଇଁ ଏହି ୨ ଦିନ ପିଲାମାନେ ବିନା ବ୍ୟାଗ୍‌ରେ ସ୍କୁଲ ଆସିପାରିବେ। ପିଲାମାନଙ୍କ ପାଇଁ ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଏହି ୩ଟି ଦିଗରେ ବିକାଶ ହେବା ଜରୁରୀ। ଏଥିମଧ୍ୟରୁ ଯଦି କୌଣସି ଗୋଟିଏକୁ ଉପେକ୍ଷା କରାଯାଏ ତେବେ ଅନ୍ୟଗୁଡ଼ିକ ମଧ୍ୟ ପ୍ରଭାବିତ ହେବ। ଏହାକୁ ଦୃଷ୍ଟିରେ ରଖି ସରକାର ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ 'ହାପି ସଟରଡେ' ଭାବେ ଘୋଷଣା କରିଛନ୍ତି।



## ସଂକ୍ଷେପରେ

### ୧୮ ମତ୍ସ୍ୟଜୀବୀ ଗିରଫ: ଟ୍ରଲର, ଗିଲ୍‌ନେଟର ଜବତ

ରାଜନଗର,୧୦।୯(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ସୋମବାର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏଥିସହ ତାଳଚୁଆ ଅଞ୍ଚଳର ଟ୍ରଲର ମା' ମୁସାଗର, ନୂପୁର-୧ ନାମକ ଗିଲ୍‌ନେଟର ଓ ୪୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଅଭିଯୁକ୍ତମାନେ ବାବୁବାଲି ଦ୍ୱୀପଠାରୁ ୫ କି.ମି. ସମୁଦ୍ର ଭିତରୁ ମାଛ ଧରୁଥିଲେ। ଏସିଏଫ୍ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ଏହି ଚଢ଼ାଉ ହୋଇଥିଲା। ଏହି ସମୟରେ ବେଆଇନ ଭାବେ ମାଛ ଧରୁଥିବା ସୁବାଶିଷ ଦାସ, ଗଗନ ଦାସ, ମନୋରଞ୍ଜନ ଦାସ, ଭାସ୍କର ମାଇତି, ଅମଳ ଗିରି, କାଳିପଦ ନସ୍କର, ଉତ୍ତମ ମଣ୍ଡଳ, ଭାନୁଚରଣ ବାରିକ ଓ ବାପି ଦାସଙ୍କୁ ଗିରଫ କରାଯାଇଛି। ସେହିପରି ବିମଳ ମଲିକ, ଧନଞ୍ଜୟ ମାଇତି, ବାସୁଦେବ ମଣ୍ଡଳ, ମହେଶ୍ୱର ମଣ୍ଡଳ, ଗୋବିନ୍ଦ ମଣ୍ଡଳ, ଅଜିତ୍ ପାତ୍ର, ଗୌରହରି ଜେନା, ଯଦୁରାମ ପଣ୍ଡା ଓ ବାବୁଲାଲ ଦାସଙ୍କୁ ମଧ ଗିରଫ କରାଯାଇଛି। ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ୨ଟି ମାମଲା (ନଂ-୩୪,୩୫/୧୮) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ଧାରଣା
### ଆଜି ବିଭାଗ ସହ ଆଲୋଚନା

ଭୁବନେଶ୍ୱର, ୧୦।୯ (ବ୍ୟୁରୋ): ୬ ଦଫା ଦାବି ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍)ରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ସକାଳେ ସେମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ଅହୋରାତ୍ର ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଧାରଣାସ୍ଥଳରେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଉପଦେଷ୍ଟା ସୁଦର୍ଶନ ଦାଶ ଚେତାବନୀ ଦେଇଥିଲେ। ଅପରାହ୍ନ ୩ଟାରେ ସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା ପାଇଁ ସଂଘକୁ ଡକା ଯାଇଥିଲା। ସଂଘ ଉପଦେଷ୍ଟା ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସଚିବାଳୟକୁ ଯାଇଥିଲେ ମଧ ଆଲୋଚନା ହୋଇ ପାରି ନ ଥିଲା। ମଙ୍ଗଳବାର ଅପରାହ୍ନ ୪ ଟାରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କମିଶନର ତଥା ସଚିବ ପ୍ରମୋଦ କୁମାର ମେହେର୍ଦା ଏବଂ ଏନ୍‌ଏଚ୍‌ଏମ୍ ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ଉପସ୍ଥିତିରେ ଆଲୋଚନା ହେବ ବୋଲି ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଜାତୀୟ ସ୍ୱାସ୍ଥ୍ୟ ପିଲିସ୍ ୨୦୧୭ ସୁପାରିଶକ୍ରମେ ଜନସ୍ୱାସ୍ଥ୍ୟ ପରିଚାଳନା କ୍ୟାଡର ପଦବୀ ସୃଷ୍ଟି କରିବା ସହିତ ସେହି ପଦବୀରେ ନିୟମିତ କରିବାକୁ ସଂଘ ଦାବି କରିଛି।

# ୮ ମେଡିକାଲ କଲେଜରେ ୪୧% ପ୍ରଫେସର ପଦବୀ ଖାଲି

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ରାଜ୍ୟରେ ଥିବା ୮ ମେଡିକାଲ କଲେଜ ଓ ହସ୍ପିଟାଲରେ ୪୧% ଟିଚିଂ ଷ୍ଟାଫ୍ ଅର୍ଥାତ୍ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀ ଖାଲି ପଡ଼ିଛି। ଫଳରେ ରୋଗୀ ସେବା ପ୍ରଭାବିତ ହେବା ସହ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ସରକାର ଖାଲି ପଦବୀ ପୂରଣ କରୁ ନ ଥିବାରୁ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି।

କିଛିଦିନ ତଳେ ବିଧାନସଭାରେ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନାଙ୍କଠାରୁ ଉତ୍ତର ଚାହିଁଥିଲେ। ମନ୍ତ୍ରୀ ଜେନା କହିଥିଲେ ଯେ, କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ମୋଟ ୬୩ ପ୍ରଫେସର ପଦବୀ ଥିବାବେଳେ ୫୨ଜଣ ପ୍ରଫେସର କାର୍ଯ୍ୟ କରୁଛନ୍ତି। ୧୦୩ ଆସୋସିଏଟ୍ ପ୍ରଫେସର ବଦଳରେ ୭୯ଜଣ ରହିଛନ୍ତି। ସେହିଭଳି ୨୧୩ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀ ଥିବାବେଳେ ୧୫୧ ପୂରଣ ହୋଇଛି। ଏଠାରେ ମୋଟ ୯୫ ପଦବୀ ଖାଲି ପଡ଼ିଛି। ବ୍ରହ୍ମପୁର ଏମ୍‌କେସିଜିରେ ୩୭ ପ୍ରଫେସର ପଦବୀରୁ ୩୩ ପୂରଣ ହୋଇଥିବାବେଳେ ୪ ଖାଲିପଡ଼ିଛି। ୭୯ଜଣ ଆସୋସିସଏଟ୍ ପ୍ରଫେସର ଆବଶ୍ୟକ ଥିବାବେଳେ ୬୧ଜଣ ନିଯୁକ୍ତି ପାଇଛନ୍ତି। ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀ ୧୬୦ରୁ ୧୧୭ ପୂରଣ ହୋଇଛି ଏବଂ ୪୩ ଖାଲି ପଡ଼ିଛି। ବୁର୍ଲା ଭିମ୍‌ସାରରେ ୩୫ ପ୍ରଫେସର ପଦବୀରୁ ୨୩ ଖାଲି ପଡ଼ିଛି। ଆସୋସିଏଟ୍ ପ୍ରଫେସର ପଦବୀ ୭୧ ରହିଥିବାବେଳେ ମାତ୍ର ୩୮ଜଣ କାର୍ଯ୍ୟ କରୁଛନ୍ତି। ୧୪୪ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀରୁ ୫୧ ପୂରଣ ହୋଇଥିବାବେଳେ ୯୩ ଖାଲି ରହିଛି। ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯ ପ୍ରଫେସର ପଦବୀରୁ ୧୪ ପୂରଣ ଏବଂ ୫ ଖାଲି ପଡ଼ିଛି। ଆସିସୋଏଟ୍ ପ୍ରଫେସର ୨୩ ପଦବୀରୁ ୧୬ ପୂରଣ ଏବଂ ୭ ଖାଲିପଡ଼ିଛି। ତେବେ ଏଠାରେ ରହିଥିବା ସମସ୍ତ ୩୨ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀ ପୂରଣ ହୋଇଛି। କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯ ପ୍ରଫେସର ପଦବୀରୁ ୧୪ ପୂରଣ ଏବଂ ୫ ଖାଲିପଡ଼ିଛି। ୨୩ ଆସୋସିଏଟ୍ ପ୍ରଫେସର ପଦବୀରୁ ୧୬ ପୂରଣ ହୋଇଥିବାବେଳେ ୭ ଖାଲି ରହିଛି। ଏଠାରେ ମଧ ସମସ୍ତ ୩୨ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀ ପୂରଣ ହୋଇଛି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯ ପ୍ରଫେସର ପଦବୀରୁ ୧୧ ପୂରଣ ହୋଇଥିବାବେଳେ ୮ ପଦବୀ ଖାଲି ପଡ଼ିଛି। ୨୩ ଆସୋସିଏଟ୍ ପ୍ରଫେସର ପଦବୀରୁ ମାତ୍ର ୯ ପୂରଣ ଏବଂ ୧୪ ଖାଲି ରହିଛି। ତେବେ ୩୨ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀ ପୂରଣ ହୋଇସାରିଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ୧୧ ପୂରଣ ଏବଂ ୮ ପଦବୀ ଖାଲି ପଡ଼ିଛି। ୨୩ ଆସୋସିଏଟ୍ ପ୍ରଫେସର ପଦବୀରୁ ୧୧ ପୂରଣ ହୋଇଥିବାବେଳେ ୧୨ ଖାଲି ରହିଛି। ୩୨ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୩୦ ପଦବୀରେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ଏସ୍‌ସିବି ଡେଣ୍ଟାଲ କଲେଜରେ ଥିବା ସମସ୍ତ ୮ ପ୍ରଫେସର ପଦବୀ ପୂରଣ ହୋଇଛି। ୯ ଆସୋସିଏଟ ପ୍ରଫେସରରୁ ୨ ଖାଲିପଡ଼ିଛି। ୧୮ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀରୁ ୧୨ ପୂରଣ ହୋଇଥିବାବେଳେ ୬ ଖାଲିପଡ଼ିଛି।

ଏସବୁ ମେଡିକାଲ କଲେଜ ହସ୍ପିଟାଲରେ ମୋଟ ୨୧୯ ପ୍ରଫେସର ପଦବୀ ଥିବାବେଳେ ୬୪ ପଦବୀ ଖାଲି ପଡ଼ିଛି। ୩୫୪ ଆସୋସିଏଟ୍ ପ୍ରଫେସର ପଦବୀରୁ ୨୩୭ ଓ ୬୬୩ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀରୁ ୨୦୬ ଖାଲି ପଡ଼ିଛି ବୋଲି ମନ୍ତ୍ରୀ ଜେନା ଉତ୍ତର ରଖିଥିଲେ।

# ଦାମଙ୍କ ବିରୋଧରେ ଫେରାଦ ହେଲେ ବିଷ୍ଣୁ, ପ୍ରଶାନ୍ତ

■ ବିଷ୍ଣୁ ଦାସ କ'ଣ ନବୀନ ଭଲଭାବେ ଜାଣନ୍ତି- ଦାମ
■ ଦାମଙ୍କୁ ବହିଷ୍କାର କରାଯାଉ- ବିଷ୍ଣୁ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ବରିଷ୍ଠ ବିଜେଡି ନେତା ଦାମୋଦର ରାଉତଙ୍କ ପ୍ରତି ନିଜ ଦଳ ଆହୁ ଅଡୁଆ ବଢୁଛି। ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଦାସ, ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଦାମଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଫେରାଦ ହୋଇଛନ୍ତି। ନବୀନ ନିବାସରେ ସୋମବାର ଜଗତ୍‌ସିଂହପୁର ଜିଲାର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଦାମଙ୍କ ବିରୋଧରେ ଜୋରଦାର ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଦାମଙ୍କ ବିରୋଧରେ ଅଭିଯୋଗ କରିବା ପରେ ଗଣମାଧ୍ୟମରେ ମତାମତ ରଖିଛନ୍ତି ବିଷ୍ଣୁ ଦାସ।

ସେ କହିଛନ୍ତି ଯେ, ଦାମବାବୁ ଅନୁସୂଚିତ ଜାତି ଲୋକଙ୍କୁ ଭଲ ପାଆନ୍ତି ନାହିଁ। ଗ୍ୟାଙ୍ଗଷ୍ଟର ଟିଟୋର ସହଯୋଗୀ ବାପୁ ପରିଡାଙ୍କ ଗିରଫଦାରିକୁ ଦାମବାବୁ ବିରୋଧ କରିଥିଲେ। ବିରୋଧୀମାନଙ୍କ ସହ ମିଶି ସେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ବିଷ୍ଣୁ ଅଭିଯୋଗ କରିଛନ୍ତି। ଦାମଙ୍କର ଏପରି ଆଭିମୁଖ୍ୟ ଦ୍ୱାରା ଦଳ ଜଗତ୍‌ସିଂହପୁର ଜିଲାରେ କ୍ଷତିଗ୍ରସ୍ତ ହେବ, ତେଣୁ ତାଙ୍କୁ ଦଳରୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ବିଷ୍ଣୁ କହିଛନ୍ତି। ଅନୁରୂପ ଭାବେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ମଧ ଦାମଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଲିଖିତ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

ବିଷ୍ଣୁ ଏବଂ ପ୍ରଶାନ୍ତଙ୍କ ଏପରି ଆଭିମୁଖ୍ୟକୁ ଖୋଦ୍ ଦାମୋଦର ତାଚ୍ଛଲ୍ୟ କରିଛନ୍ତି। ସେ କହିଛନ୍ତି ଯେ, ବିଷ୍ଣୁ ଦାସ ଜଣେ ଅସାମାଜିକ ବ୍ୟକ୍ତି। ରାଜନୀତିରେ ରହିବା ପାଇଁ ତାଙ୍କର ସାଧାରଣ ଯୋଗ୍ୟତା ନାହିଁ। ବିଷ୍ଣୁ ଦାସ କ'ଣ ନବୀନବାବୁ ଜାଣନ୍ତି। ସେ କହିଦେଲେ କ'ଣ ନବୀନବାବୁ ତାଙ୍କୁ ବହିଷ୍କାର କରିଦେବେ ବୋଲି କହି ଦାମ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ମନ୍ତ୍ରିମଣ୍ଡଳରୁ ସେ ଇସ୍ତଫା ଦେଇ ନ ଥିଲେ। ତାଙ୍କୁ ରାତି ଅଧିଆ ବହିଷ୍କାର କରାଯିବା ସହ ଉପସଭାପତି ପଦରୁ ବିଦା କରାଗଲା। ଏବେ ଦଳରୁ ବିଦା କରିଦେଲେ, ସେଥିରେ ତାଙ୍କର ଅସୁବିଧା କେଉଁଠି ବୋଲି ଦାମ କହିଛନ୍ତି।

# ଓଡ଼ିଆ ହକି ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଚଳିତବର୍ଷର ଏସିଆଡ୍‌ରେ ଭାରତୀୟ ହକି ଦଳରେ ଅଂଶଗ୍ରହଣ କରି ପଦକ ଜିତିଥିବା ଓଡ଼ିଆ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ରୌପ୍ୟ ପଦକ ପାଇଥିବା ମହିଳା ଟିମ୍‌ର ୪ଜଣ ଓଡ଼ିଆ ଖେଳାଳିଙ୍କୁ ପ୍ରତ୍ୟେକ ୧କୋଟି ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସେହିଭଳି ବ୍ରୋଞ୍ଜ ପଦକ ଜିତିଥିବା ପୁରୁଷ ଟିମ୍‌ର ଦୁଇ ଜଣଙ୍କୁ ପ୍ରତ୍ୟେକ ୫୦ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହି ଅବସରରେ ଖେଳାଳିମାନଙ୍କ ଉଲ୍ଲେଖନୀୟ କୃତିତ୍ୱକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେମାନଙ୍କ ପାଇଁ ଦେଶ ଓ ରାଜ୍ୟବାସୀ ଗର୍ବିତ। ଏହି ଖେଳାଳିମାନଙ୍କୁ ଭବିଷ୍ୟତରେ ରାଜ୍ୟ ସରକାର ଆବଶ୍ୟକ ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋଟିଏ ଟଙ୍କା ଲେଖାଏ ପୁରସ୍କାର ପାଇଥିବା ମହିଳା ଖେଳାଳିମାନେ ହେଉଛନ୍ତି, ସୁନିତା ଲାକ୍ରା, ଲିଲିମା ମିଞ୍ଜ, ଦୀପଗ୍ରେସ ଏକ୍କା ଓ ନମିତା ଟପ୍ପୋ।



ସମ୍ବର୍ଦ୍ଧିତ ଓଡ଼ିଆ ଖେଳାଳିଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ସେହିପରି ପୁରସ୍କାର ପାଇଥିବା ପୁରୁଷ ଖେଳାଳି ହେଉଛନ୍ତି, ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ସୂଚନାଯୋଗ୍ୟ ଯେ, ୨୦୧୭ ବର୍ଷ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ପାଇଥିବା ଖେଳାଳି ସୁନିତା ଲାକ୍ରା, ଅମିତ ରୋହିଦାସ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ବେଳେ ଅନୁପସ୍ଥିତ ଥିଲେ। ସେହି ସମ୍ମାନ ମଧ ଦୁଇଜଣଙ୍କୁ ସୋମବାର ପ୍ରଦାନ କରାଯାଇଛି। ଉଭୟଙ୍କୁ ପ୍ଲେୟାର ଅଫ୍ ଦି ଇୟର-୨୦୧୭ ଟ୍ରଫି, ମାନପତ୍ର ସହିତ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ଏସିଆଡ୍‌ରେ ଆଥଲେଟିକ୍ସରେ ଭାଗ ନେଇଥିବା ଜଉନା ମୁର୍ମୁ ଓ ପୂର୍ଣ୍ଣିମା ହେମ୍ବ୍ରମଙ୍କୁ ସାଢେ ସାତ ଲକ୍ଷ ଟଙ୍କା ଲେଖା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗକୁ ଆଳ କରି ଅମଲା, ଦଳୀୟ ନେତାଙ୍କୁ ଟାର୍ଗେଟ୍

ଜାରି ରହିଛି ଦାମଙ୍କ ଦୁର୍ନୀତି ବାଣ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଶାସକ ଦଳ ବିଜେଡିରେ ଥାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିବାର କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି ଦାମ। ରାଜ୍ୟ ପ୍ରଶାସନର ଅମଲା ଓ ଅଧିକାରୀଙ୍କ ଉପରେ ସୋମବାର ପୁନର୍ବାର ବର୍ଷିଛନ୍ତି। ଡଙ୍କାରୀ ପାହାଡ ଦୁର୍ନୀତି, ଓମ୍‌ଫେଡ୍ ମିଲ୍କ ପାଉଡ୍ ଦୁର୍ନୀତି, ଚାରା ହେରଫେର ଏବଂ ସମବାୟ ଦୁର୍ନୀତିରେ ଦାମ ରାଜ୍ୟ ପ୍ରଶାସନକୁ କଡ଼ା ସମାଲୋଚନା କରିଛନ୍ତି। ସୋମବାର କିନ୍ତୁ ଦାମ ରାଜ୍ୟରେ ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତର ଉଭାନ ପ୍ରସଙ୍ଗରେ ଖୋଲାଖୋଲି ସମାଲୋଚନା କରିଛନ୍ତି।

ସେ କହିଛନ୍ତି ଯେ, ସରକାରୀ ନିଯୁକ୍ତି ପାଇ ୧୨୦୦ ଡାକ୍ତର ଫେରାର ଅଛନ୍ତି କ'ଣ ପାଇଁ । ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ପାଇଁ ୩ ବର୍ଷରେ ତିନିହଜାର କୋଟି ଟଙ୍କା ଖର୍ଚ୍ଚ ହେବା ନିଷ୍ପତ୍ତି ଅଧାରେ ବନ୍ଦ ହେବାର କାରଣ କ'ଣ ବୋଲି ଦାମ ପ୍ରଶ୍ନ କରିଛନ୍ତି। ବିଭିନ୍ନ ବିଭାଗରେ ଏପରି ହେବାର କାରଣ କ'ଣ ବୋଲି ଗଣମାଧ୍ୟମର ପ୍ରତିନିଧିମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଛନ୍ତି, ଶାସକର କଥା ପ୍ରଶାସକ ଶୁଣିବା କଥା। ରାଜ୍ୟରେ ତାହା ହେଉ ନାହିଁ। ଅମଲା ଏବଂ ଅଧିକାରୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁ ରାଜନେତା ଓ ମନ୍ତ୍ରୀ ଅସହାୟ ହୋଇପଡୁଛନ୍ତି। ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ଘେରି ରହୁଛନ୍ତି, ସେମାନଙ୍କ ରାଜନୈତିକ ଜୀବନ ଦୁର୍ନୀତିରୁ ଆରମ୍ଭ ହୋଇଛି। ସିବିଆଇ ଖଣ୍ଡା ଝୁଲୁଥିବା ନେତା ହାକିମାତି ଦେଖାଉଥିବା ଦାମ ଅଭିଯୋଗ କରୁଛନ୍ତି। ଦାମ ଲଗାତାର ଅମଲା ଏବଂ ସରକାରୀ ଦଳକୁ ସମାଲୋଚନା କରୁଥିଲେ ମଧ ବିଜେଡି ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ରଖୁନାହିଁ। ସୋମବାର ଦାମଙ୍କ ବକ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ଦେବାକୁ ଦଳର ମୁଖପାତ୍ର ସସ୍ମିତ ପାତ୍ର ଉଚିତ ମଣି ନ ଥିଲେ।

# ତୈଳ ଦର ବୃଦ୍ଧି ପ୍ରସଙ୍ଗରେ ଭାଜପା-ବିଜେଡି ବାକ୍‌ଯୁଦ୍ଧ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

କଂଗ୍ରେସର ଚରିତ୍ର ହିଂସା ଓ ବିଶୃଙ୍ଖଳା। କଂଗ୍ରେସ ଆନ୍ଦୋଳନ କଲେ ସାଧାରଣ ଲୋକମାନେ ଭୟଭୀତ ହୁଅନ୍ତି। ରାଜ୍ୟ ପୋଲିସର ନୀରବତା କଂଗ୍ରେସ କର୍ମୀଙ୍କ ଗୁଣ୍ଡାଗିରିକୁ ଇନ୍ଧନ ଯୋଗାଇଛି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ପେଟ୍ରୋଲ ଉପରେ ଭାଟ୍ ଲଗାଇବା ପାଇଁ ଆମେ ବାରମ୍ବାର ରାଜ୍ୟ ସରକାରଙ୍କୁ ନିବେଦନ କରୁଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଶୁଣୁ ନ ଥିବା ବେଳେ ଅର୍ଥମନ୍ତ୍ରୀ ଜିଏସ୍‌ଟି କାଉନ୍ସିଲ ବୈଠକରେ ଏହି ପ୍ରସଙ୍ଗ ଉଠାଉ ନାହାନ୍ତି। ଆସନ୍ତା ଜିଏସ୍‌ଟି କାଉନ୍ସିଲ ବୈଠକରେ ଅର୍ଥମନ୍ତ୍ରୀ ଏକଥା ଉଠାନ୍ତୁ ଏବଂ ରାଜ୍ୟ ସରକାର ଭାଟ୍ ଛାଡ କରନ୍ତୁ। ରାଜ୍ୟ ସରକାର ଏକ ପ୍ରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ପୋଲିସ୍ ଉପସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟର ଓ ହୋର୍ଡିଂ ଚିରାଯାଉଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଭାଜପା ଆରୋପ ଅତ୍ୟନ୍ତ ହାସ୍ୟାସ୍ପଦ। ବୌଦ୍ଧିକସ୍ତରରେ ଏହା ଭାଜପାର ଦେବାଳିଆପଣକୁ ସୂଚାଉଛି। ଜିଏସ୍‌ଟି କାଉନ୍ସିଲ ବୈଠକ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥାଏ। ସେମାନେ ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରୁ ନାହାନ୍ତି କାହିଁକି। ନିଜ ଦାୟିତ୍ୱକୁ ରାଜ୍ୟ ସରକାରଙ୍କ ଆଡକୁ ଠେଲିଦେଇ ଭାଜପା ନିଜ ଦାୟିତ୍ୱହୀନତାର ପରିଚୟ ଦେଉଛି। କେନ୍ଦ୍ର ସରକାରଙ୍କ ନୈତିକ ଦାୟିତ୍ୱ ଜିଏସ୍‌ଟି କାଉନ୍ସିଲ ବୈଠକରେ ଚିଠା ପ୍ରସ୍ତାବ ଆଗତ କରିବା ବଦଳରେ ଭାଜପା ଶସ୍ତା ରାଜନୀତି କରୁଛି। ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡି ୩ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଜନସଚେତନତା ସୃଷ୍ଟି କରିଥିଲା। ଗତ ୪ବର୍ଷ ହେଲା ବିଜେଡି ତୈଳଦର ବୃଦ୍ଧି ପ୍ରସଙ୍ଗରେ ଅହରହ ଆନ୍ଦୋଳନ ଜାରି ରଖିଛି। ହଠାତ୍ ୪ବର୍ଷ ପରେ କଂଗ୍ରେସ କାହିଁକି ବନ୍ଦ ପାଇଁ ଆଗ୍ରହୀ ହେଲା ତାହା ଜଣାପଡୁନି ବୋଲି ସସ୍ମିତ କହିଛନ୍ତି।

# ବନ୍ଦ ପାଳନକୁ ସମର୍ଥନ ଜଣାଇଥିବାରୁ ଧନ୍ୟବାଦ

## ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୪ଜଣିଆ କମିଟି ଗଠିତ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

କଂଗ୍ରେସର ବନ୍ଦ ପାଳନକୁ ଅଭୂତପୂର୍ବ ସମର୍ଥନ ମିଳିଛି। କେନ୍ଦ୍ର ସରକାରଙ୍କ ଉପରେ ଲୋକମାନଙ୍କର ଯେଉଁ ଅସନ୍ତୋଷ ଥିଲା ତାକୁ ଶୁଝାଇଛନ୍ତି। ଯେଉଁ ଦଳଗୁଡିକ କଂଗ୍ରେସର ବନ୍ଦ ପାଳନକୁ ସମର୍ଥନ ଜଣାଇଛନ୍ତି ସେମାନଙ୍କୁ ଧନ୍ୟବାଦ। ବନ୍ଦ ପାଳନ ବେଳେ ମୁଖ୍ୟତଃ କିଛି ଜାଗାରେ ସାମାନ୍ୟ ବିଶୃଙ୍ଖଳା ହୋଇଥିବା ବେଳେ ପ୍ରାୟ ସବୁଠି ଶାନ୍ତିପୂର୍ଣ୍ଣ ହୋଇଛି। ଯେଉଁସବୁ ସ୍ଥାନରେ ବିଶୃଙ୍ଖଳା ହୋଇଛି ତାକୁ କେବେହେଲେ ବରଦାସ୍ତ କରାଯିବ ନାହିଁ। ଯଦି ଦଳର କେହି ବିଶୃଙ୍ଖଳା କରିଥିବା ରିପୋର୍ଟ ଆସେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଦଳ ପକ୍ଷରୁ ଏକ ୪ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ସଦସ୍ୟ ବିଶୃଙ୍ଖଳା କେଉଁଠାରେ ହୋଇଛି ତା'ର ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ଦଳୀୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ବନ୍ଦ ପାଳନ କାରଣରୁ ବହୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିବେ, ସେଥିପାଇଁ ମୁଁ ଦୁଃଖିତ। ମାତ୍ର ଦେଶର ବୃହତ୍ତର ସ୍ୱାର୍ଥ ରକ୍ଷା କରିବା ପାଇଁ ଅନେକ ସମୟରେ କଷ୍ଟ ସହିବାକୁ ପଡିବ। ଆମେ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲୁ କୌଣସି ସ୍ଥାନରେ ବିଶୃଙ୍ଖଳା ହେବ ନାହିଁ। ଯେଉଁସବୁ ସ୍ଥାନରେ ବିଶୃଙ୍ଖଳା ହୋଇଛି ୪ଜଣିଆ କମିଟି ଘଟଣାର ସତ୍ୟାସତ୍ୟ ଖୋଜି ତା'ର ରିପୋର୍ଟ ପ୍ରସ୍ତୁତ କରିବେ। ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ଗଠିତ ଏହି ତଦନ୍ତ କମିଟିରେ ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବିଧାୟକ ଅଂଶୁମାନ ମହାନ୍ତି ଏବଂ ପ୍ରକାଶ ଚନ୍ଦ୍ର ବେହେରା ଅଛନ୍ତି। ବନ୍ଦ ପାଳନ ବେଳେ ୧୦୦ଜଣ ଯୁବକ ଏକ ବାଇକ୍ ରାଲିରେ ଆସିଥିଲେ। ସେମାନଙ୍କ ନିକଟରେ ମାତ୍ର ଦୁଇଟି ଦଳୀୟ ପତାକା ଥିଲା। ସେମାନଙ୍କୁ ପୂର୍ବରୁ ଆମ ଦଳୀୟ ପିଲାମାନେ କେବେହେଲେ ଦେଖି ନ ଥିଲେ। ସେମାନଙ୍କ ଉପରେ ସନ୍ଦେହ ହେଲା। ସେହି ଯୁବକମାନଙ୍କୁ ଯେତେବେଳେ ଆମ ଦଳର ନେତାମାନଙ୍କ ସମ୍ପର୍କରେ ପଚାରିଲୁ ସେମାନେ କାହାକୁ ଜାଣି ନ ଥିଲେ। ଏହା ଆମ ବିରୋଧୀ ଦଳର ପ୍ରାୟୋଜିତ ଯୋଜନା ବୋଲି ସନ୍ଦେହ ହେଉଛି। ବିଶୃଙ୍ଖଳା ସୃଷ୍ଟି କରିବା ଲାଗି ଏହା କରାଯାଇଥିବ ବୋଲି ସନ୍ଦେହ ହେଉଥିବା ନିରଞ୍ଜନ କହିଛନ୍ତି।

ସେ ଆହୁରି କହିଛନ୍ତି, ଯଦି ଲୋକମାନଙ୍କୁ କୌଣସି ଜରୁରୀସ୍ଥିତିରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ସେଥିପାଇଁ ଦୁଇଟି କଣ୍ଟ୍ରୋଲ ରୁମ୍ ନମ୍ବର ଦେଇଥିଲୁ। ବନ୍ଦ ପାଳନ ସମୟରେ ୮୫୮ଟି ଫୋନ୍ ଆସିଥିଲା। ବନ୍ଦ ପରେ ମଧ ୩ଶହରୁ ଅଧିକ ଫୋନ୍ ଆସି ସାରିଛି। ଲୋକମାନେ ଫୋନ୍ କରି ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ହୋଇଥିବାରୁ ଧନ୍ୟବାଦ ଜଣାଉଛନ୍ତି। ବନ୍ଦ ପୂର୍ବରୁ ଶାସକ ଦଳକୁ ଦିନ ୩ଟା ପର୍ଯ୍ୟନ୍ତ ବିଧାନସଭା ବନ୍ଦ ରଖିବାକୁ ଅନୁରୋଧ କରିଥିଲୁ। ମାତ୍ର ସେମାନେ ମଙ୍ଗଳବାର ପର୍ଯ୍ୟନ୍ତ ବନ୍ଦ କରିଦେଇଛନ୍ତି। ଆନ୍ଧ୍ର ସରକାର ବନ୍ଦ ପାଳନ ପରେ ତୈଳଦର ହ୍ରାସ କରିଛନ୍ତି। ମାତ୍ର ରାଜ୍ୟ ଓ କେନ୍ଦ୍ର ସରକାର ତୈଳଦର ହ୍ରାସ କରି ନାହାନ୍ତି। ବରଂ କେନ୍ଦ୍ର ସରକାର ତୈଳଦର ବୃଦ୍ଧି କରିଛନ୍ତି। ପ୍ରଥମ ଥର ଲାଗି ଗୋଲାପ ଫୁଲ ଦେଇ ଲୋକମାନଙ୍କୁ ଗାଡି ନ ନେବାକୁ ଅନୁରୋଧ କଲୁ। ଯେଉଁମାନେ ନ ମାନିଲେ ସେମାନଙ୍କୁ ଅନୁରୋଧ କଲୁ, ଫୁଲ ଓ ଚକୋଲେଟ୍ ଦେଇ ବୁଝାଇଥିଲୁ। କାହିଁକି ନା ଏହି ବନ୍ଦ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କରାଯାଉଥିଲା। ମୋଦି ସରକାର ପେଟ୍ରୋଲ, ଡିଜେଲ ଉପରେ ଗତ ୪ବର୍ଷରେ ୧୧ଲକ୍ଷ କୋଟି ଟଙ୍କା ଟିକସ ଆଦାୟ କରିଛନ୍ତି। ସେଥିରୁ ୨୫ପ୍ରତିଶତ ବିଜ୍ଞାପନରେ ଖର୍ଚ୍ଚ କରିଥିବା ନିରଞ୍ଜନ କହିଛନ୍ତି।


CLASSIFIED DISPLAY












ବର୍ତ୍ତମାନ ମାନବଜାତିର କାର୍ଯ୍ୟକଳାପ, ଆଗ୍ରହ, ଇତସ୍ତତଃ ଧାବନ, ଦ୍ରୁତ ଅଗ୍ରଗତି, ଅନ୍ୱେଷଣ, ଖନନ ଓ ଭିତ୍ତିସ୍ଥାପନକୁ ଏବଂ ଅବତାର ଓ ବିଭୂତିମାନଙ୍କର ଆଗମନକୁ– ଅଧିକ ପରିମାଣରେ ଜାଗ୍ରତ ହେବାକୁ ଓ ଗୋଟିକ ପଛରେ ଗୋଟିଏ ଲାଗି ଲାଗି ବିଚରଣ କରିବାକୁ ଦେଖ। ଏ ସବୁ ଲକ୍ଷଣ ଦେଖି କଣ ବୁଝାପଡୁ ନାହିଁ ଯେ ସମସ୍ତ ଅବତାର ଗଣ କଳିଯୁଗରେ ପ୍ରଥମ ସତ୍ୟଯୁଗ ପ୍ରତିଷ୍ଠା ପାଇଁ ଆସୁଛନ୍ତି ? –ଶ୍ରୀଅରବିନ୍ଦ

# ଉଭୟ ହିସାବ

ଭାରତରେ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ ୮୦ ଓ ୭୨ ଟଙ୍କାରୁ ଊର୍ଦ୍ଧ୍ୱକୁ ଚାଲିଯାଇଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ସେପ୍ଟେମ୍ବର ୧୦ରେ ଦେଶବ୍ୟାପୀ ବନ୍ଦ ପାଳନ କରିଛନ୍ତି। ବିହାରର ଜେହେନାବାଦରେ ଟ୍ରାଫିକ୍ ଭିଡ଼ରେ ଏକ ଆମ୍ବୁଲାନ୍ସ ରହିଯିବା ଫଳରେ ଜଣେ ଦୁଇ ବର୍ଷୀୟା ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଦେଶର ପ୍ରତ୍ୟେକ ନାଗରିକର ଜୀବନ ଅତି ମୂଲ୍ୟବାନ । ଭାରତରେ ଆମେ ସମସ୍ତେ 'କମ୍ପେନ୍‌ସେଶନ୍' ବା 'କ୍ଷତିପୂରଣ'ର ଅର୍ଥରେ ମଣିଷ ଜୀବନକୁ ଓଜନ କରୁଥିବା ହେତୁ ବିମୁଦ୍ରୀକରଣ ସମୟର ବ୍ୟାଙ୍କ ଲାଇନ୍‌ରେ ମୃତ୍ୟୁ କିମ୍ବା ବନ୍ଦ ସମୟରେ ମୃତ୍ୟୁ ସମସ୍ତଙ୍କୁ ବ୍ୟସ୍ତ କରିବା କଥା। କିନ୍ତୁ ଅଦ୍ଭୁତ ଭାବେ ଭାରତର ସମାଜ ଆଗଉଥିବାର ଲକ୍ଷ୍ୟ କରାଯାଇପାରେ। ଧନୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ତାହା ବିରାଟବଡ଼ ଖବର ହେଉଥିବା ବେଳେ ଗରିବଙ୍କ ଜୀବନ ମୂଲ୍ୟହୀନ ହୋଇପଡୁଛି। ନର୍ଦ୍ଦମା ଭିତରେ ବାଷ୍ପରୁଦ୍ଧ ହୋଇ ମୃତ୍ୟୁବରଣ କରୁଥିବା ଅନେକ ଶ୍ରମିକଙ୍କ ଜୀବନହାନି ପ୍ରତି ଆମେ ସମସ୍ତେ ବଧିର ହୋଇଗଲୁଣି। ସମ୍ଭବତଃ ସେଥିପାଇଁ ବାରମ୍ବାର ଘଟୁଥିବା ଚାଷୀ ଆତ୍ମହତ୍ୟା କୌଣସି ଶାସକ କିମ୍ବା ପ୍ରଶାସକଙ୍କୁ ଚିନ୍ତାରେ ପକାଇ ପାରୁନାହିଁ। ଏଭଳି ପରିସ୍ଥିତିରେ ରାଜନୈତିକ ବ୍ୟକ୍ତିମାନେ ଯେତେବେଳେ ବନ୍ଦ ଡାକରା ଦେଇ ଦେଶକୁ ସ୍ଥାଣୁ କରିଦେଇପାରୁଛନ୍ତି, ସେତେବେଳେ ଛୋଟମୋଟ ନକାରାତ୍ମକ କାର୍ଯ୍ୟ ମଧ୍ୟ ବିରାଟକାୟ ଦିଶୁଛି। ସେପ୍ଟେମ୍ବର ୧୦ ତାରିଖର 'ଭାରତ ବନ୍ଦ'କୁ ସମର୍ଥନ କରିବା ଅସମ୍ଭବ। ଏହି ସ୍ତମ୍ଭରେ, ପୂର୍ବରୁ, ଆମେ ଅନେକଥର 'ବନ୍ଦ'କୁ ବିରୋଧ କରିଆସୁଛୁ। ଆମର ବିଶ୍ୱାସ ଯେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କୁ ନିଜ ଦାୟିତ୍ୱରୁ ବଞ୍ଚିତ କରିବାର ଅଧିକାର କାହାର ନାହିଁ। ତେବେ ୧୦ ତାରିଖ 'ବନ୍ଦ'ର ଗୁରୁତ୍ୱକୁ ଆମେ ହ୍ରାସ କରିବାକୁ ଚେଷ୍ଟା କରୁନାହୁଁ। ସମସ୍ତେ ସ୍ୱୀକାର କରିବେ ଯେ ତୈଳଦର ବୃଦ୍ଧି ଦେଶରେ ହାହାକାର ସୃଷ୍ଟି କରିଦେଲାଣି। ଏବେ ଯେତିକି କ୍ଷତି ଘଟୁଛି ତୈଳ ଦରବୃଦ୍ଧି ଯୋଗୁ ଅନ୍ୟ ସାମଗ୍ରୀର ଦରଦାମ ବଢ଼ିବାର ଲକ୍ଷଣ ଦେଖିବାକୁ ମିଳିଲାଣି।

ଏହି ବନ୍ଦ ଜନସାଧାରଣଙ୍କୁ ନିଶ୍ଚିତ ଭାବେ ସଚେତନ କରାଇବାରେ ସହାୟକ ହୋଇଛି। ବିଶେଷକରି ଓଡ଼ିଶାରେ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣଭାବେ ବନ୍ଦ ପାଳିତ ହୋଇଥିବାରୁ ସମ୍ପୃକ୍ତ ରାଜନୈତିକ ଦଳଗୁଡ଼ିକୁ ପ୍ରଶଂସା କରାଯାଇପାରିବ। ବିଗତ ଦିନଗୁଡ଼ିକରେ ହୋଇଥିବା ବନ୍ଦ ପାଳନ ଉଗ୍ରରୂପ ଧାରଣ କରି ରାଜନୈତିକ ନେତୃବୃନ୍ଦଙ୍କୁ ନିନ୍ଦିତ କରୁଥିଲା। ରାଜନୀତି କରିବାକୁ ଇଚ୍ଛୁକ ଯୁବପିଢ଼ି ମଧ୍ୟ ବୁଝିବା ଦରକାର ଯେ, ଶାନ୍ତିରେ ଯେଉଁ ଲକ୍ଷ୍ୟ ହାସଲ ହୋଇପାରେ, ତାହା ଅଶାନ୍ତି ବା ବାହୁବଳ ପ୍ରଦର୍ଶନରେ ସମ୍ଭବପର ନୁହେଁ। ସାଧାରଣ ନାଗରିକ ପାଇଁ ଖଟିଲେ ରୋଜଗାର ମିଳେ। ସେହି କାର୍ଯ୍ୟରେ ବାଧା ଦେଉଥିବା ବ୍ୟବସ୍ଥା ବା ବ୍ୟକ୍ତିବିଶେଷ କେବେହେଲେ ଲୋକପ୍ରିୟତା ହାସଲ କରିପାରିବ ନାହିଁ। ତଥାପି ଅନେକ ସମୟରେ ଜନସଚେତନତା ଜାଗ୍ରତ କରିବା ପାଇଁ ଅନେକ କଷ୍ଟ ସହିବାକୁ ପଡ଼ିଥାଏ। ମହାତ୍ମା ଗାନ୍ଧୀ, ଆବ୍ରାହମ ଲିଙ୍କନ, ମାର୍ଟିନ ଲୁଥର କିଙ୍ଗ୍ ଏବଂ ନେଲ୍‌ସନ ମଣ୍ଡେଲାଙ୍କ ଭଳି ସାମାଜିକ ନେତୃବୃନ୍ଦ ଏହି ଚିନ୍ତାଧାରାକୁ ସତ୍ୟ ବୋଲି ବାରମ୍ବାର ପ୍ରମାଣ କରିଛନ୍ତି। ଏହି ପ୍ରଚ୍ଛଦପଟରେ ଅନେକ ବ୍ୟକ୍ତି ବାହାରି ପଡ଼ିପାରନ୍ତି, ଯେଉଁମାନେ ହିସାବ କରି ଦେଶକୁ କହିଦେବେ ଏହି ବନ୍ଦ ଦ୍ୱାରା ଏତେ ହଜାର କୋଟି ଟଙ୍କାର କ୍ଷତି ଦେଶର ଘଟିଛି। ସେହି ବ୍ୟକ୍ତିମାନେ ବିରୋଧୀ ଦଳରେ ଥିବା ସମୟରେ ଅନୁରୂପ କାର୍ଯ୍ୟ ହିଂସା ମାଧ୍ୟମରେ ହାସଲ କରୁଥିଲେ। ସେମାନଙ୍କୁ ଜବାବ ଭାବେ ଏକ ପ୍ରଶ୍ନ ପଚରାଯାଇପାରେ। ବନ୍ଦ ପ୍ରଭାବ ଯୋଗୁ ଅନେକ ଲକ୍ଷ ଗାଡ଼ିମୋଟର ବନ୍ଦ ରହିଥିଲା। ତାହା ବାଧ୍ୟବାଧକତାମୂଳକ ହୋଇଥିବା ସତ୍ତ୍ୱେ ଏହି ଗାଡ଼ିରେ ବ୍ୟବହାର ହେଉଥିବା ତୈଳ ସଞ୍ଚୟ କରିହେଲା। ଯଦି କ୍ଷତିର ଆକଳନ କରାଯିବ, ତେବେ ତତ୍‌ସହିତ ସଞ୍ଚିତ ତୈଳମୂଲ୍ୟର ହିସାବ କରାଯାଉ।

# ପୁଞ୍ଜି ନିବେଶ ହେଉଛି, ନିଯୁକ୍ତି ସୁଯୋଗ ନାହିଁ



ସହଦେବ ସାହୁ

ରାଜ୍ୟରେ ହଜାର ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ କୁବେରମାନଙ୍କୁ ସୁନାପାତ୍ରରେ ଆମନ୍ତ୍ରଣ କରାଯାଉଥିଲେ ବି ଆଖିଦୃଶିଆ ନିଯୁକ୍ତି ସୁଯୋଗ ମିଳୁନାହିଁ। କାରଣ କମ୍ପାନୀମାନେ ବିନା କର୍ମଚାରୀରେ କାମ କରିବା ଆରମ୍ଭ କଲେଣି। ଇନ୍‌ଭେଷ୍ଟ କନ୍‌କ୍ଲେଭ୍ (ନିବେଶ ମେଳା) କରୁଥିବା ବା କରାଉଥିବା ସରକାର ତ ଖୋଦ୍ ଠିକାଦାର ହୋଇଗଲେଣି । ସେ ପୁଣି କିପରି ନିଶ୍ଚିତ କରିବେ ଯେ ପୁଞ୍ଜି ନିବେଶ ପ୍ରତିଶ୍ରୁତି ଦେଉଥିବା କୁବେରମାନେ ରାଜ୍ୟରେ ଆଶାଜନକ ନିଯୁକ୍ତି ସୁଯୋଗ ଯୋଗାଇବେ!

ଇନୋଭେଶନ୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜ୍‌ମେଣ୍ଟ ବା ନୂଆ ନୂଆ ଉପାୟରେ ପୁଞ୍ଜି ନିବେଶ ଶିକ୍ଷାକୁ ଗୋଟିଏ ନୂଆ ଆଲୋଚ୍ୟ ବିଷୟ ଭାବେ ପଢ଼ାଉଥିବା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ସୁନାମ ପାଇଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍)ଗୁଡ଼ିକ ତ ନିଜେ ସ୍ଥାୟୀ ଅଧ୍ୟାପକ ରଖୁନାହାନ୍ତି, ଅଧ୍ୟାପନା କାମ ପାଇ ବି ଠିକା ଭିତ୍ତିରେ ଅଧ୍ୟାପକ ନିଯୁକ୍ତ କରୁଛନ୍ତି; ଅଣଶିକ୍ଷା କ୍ଷେତ୍ରରେ କେବଳ ଠିକା କର୍ମଚାରୀ। ଆମେ ଏ କଥା ଶୁଣି ଚିହିଁକି ପଡିଲେ ବି ସେମାନେ ବୁଝାଉଛନ୍ତି– ଏହା ଉଭୟ ଆପଣଙ୍କ ପାଇଁ ଆଉ ଆଇଆଇଏମ୍ ପାଇଁ ଲାଭଜନକ। ନିୟମିତ ନିଯୁକ୍ତି ପାଇଁ ବଜେଟ୍ ନାହିଁ; ପରନ୍ତୁ ସହଜରେ ଅଧ୍ୟାପକ ଯୋଗାଉଥିବା ଠିକାଦାରି ମଞ୍ଚ ଉଧେଇଲାଣି। ସେମାନେ ବୁଝାଉଛନ୍ତି– ଠିକା ଚାକିରି ଉଭୟ ମାଲିକ ଓ ଚାକର ପାଇଁ ଲାଭଜନକ। ଠିକା କାମ ସମୟସୀମା ଭିତରେ ସରେ, ସମୟ ବଳୁଥିବା ବେଳେ ଆପଣ ଆଉ ଗୋଟିଏ କାମ ବି ଠିକାରେ କରିପାରିବେ, ଜଣେ ଡାକ୍ତର ତ ତିନି ଚାରି ଜାଗାରେ କାମ କରୁଛି!

ଫଳ ତ ଜଳ ଜଳ ଦିଶୁଛି। ପୂର୍ବ ଦଶକ ତୁଳନାରେ ୨୦୧୦ ଦଶକରେ କମ୍ପାନୀମାନେ ସେମାନଙ୍କ କାମ ଆଉଟ୍‌ସୋର୍ସିଂ ବା ଠିକାରେ କରାଇନେଉଛନ୍ତି। ୨୦୨୦ ଦଶକରେ ଆହୁରି ବଢିବ। କମ୍ପାନୀମାନେ କହୁଛନ୍ତି ଯେ, ପ୍ରତିଭାବାନ ଲୋକେ କମ୍ ଦରମାରେ ନିୟମିତ କର୍ମଚାରୀ ହେବାଠାରୁ ବେଶି ଦରମାରେ ଠିକା ଶ୍ରମଜୀବୀ ହେବାକୁ ପସନ୍ଦ କରୁଛନ୍ତି। ଠିକା ବ୍ୟବସ୍ଥାରେ ଏମ୍ପ୍ଲୟୀ ବା ସ୍ଥାୟୀ କର୍ମଚାରୀ ବ୍ୟବସ୍ଥା ନାହିଁ, ତେଣୁ ନିଯୁକ୍ତି ଜୀବନବ୍ୟାପୀ ନୁହେଁ। ଠିକା ଶ୍ରମଜୀବୀ ତଥା ବିଶେଷଜ୍ଞ ଯୋଗାଇବା ଲାଗି ଭିନ୍ନ ଭିନ୍ନ ମଞ୍ଚ ତିଆରି ହେଲାଣି – ଯଥା 'ଟାଇମ୍ ଟୁ କେୟାର' – ଯଥା ସମୟରେ ଡାକ୍ତରୀ ସେବା ଯୋଗାଇବାର ମଞ୍ଚ– ଜରାଗ୍ରସ୍ତ ରୋଗୀଙ୍କ ଚିକିତ୍ସାର ଶତକଡ଼ା ୯୦ଭାଗ ଠିକାରେ କରାଇନେଉଛି ଏ ମଞ୍ଚ। ରୋଗୀ ନେବାକୁ ଟାକ୍ସି ଯୋଗାଡ କରିବା, ଔଷଧ ବିକିବା, ବିମାନ ଯାତ୍ରାର ବନ୍ଦୋବସ୍ତ କରିବା, ବିମାନରେ ସେବିକା ଯୋଗାଇବା ଭଳି ସମସ୍ତ କାମ ଅନ୍‌ଲାଇନରେ କରିଦେଉଛି, ଦିନିକିଆ ହେଉ କି ସାପ୍ତାହିକ, ମାସିକ ହେଉ କି ବାର୍ଷିକ। ଟାକ୍ସି ଡାକିବା ବା ତା' ଭଡା ମୂଲଚାଲ ନ କରିବା ଲାଗି ଯେଉଁଳି ଓଲା ବା ଉବର୍ ଗୋଟିଏ ଗୋଟିଏ ମଞ୍ଚ – ଏସବୁ ସେହିପରି।

ଜଲ୍‌ଦି ଖାଦ୍ୟ ଯୋଗାଇବାର ବିଶ୍ୱପ୍ରସିଦ୍ଧ ଫାଷ୍ଟଫୁଡ଼ କମ୍ପାନୀ ମାକଡୋନାଲ୍‌ଡର ଉଦାହରଣ ଦେଖନ୍ତୁ। ଏ କମ୍ପାନୀଟି ଠିକା ବ୍ୟବସ୍ଥାକୁ ଚରମ ସୀମାକୁ ନେଇଯାଇଛି। ତା' ରେସ୍ତୋରାଁରେ ଶତକଡା ୧୦୦ ଭାଗ କାମ ଠିକାରେ ହୁଏ, ପରଷିବା ଲୋକ, ରୋଷେୟା, ସଫେଇ କର୍ମଚାରୀ ଆଦି କେହି ମାକଡୋନାଲ୍ଡ କମ୍ପାନୀର କିମ୍ବା ମାକଡୋନାଲ୍ଡ କମ୍ପାନୀର ଲାଇସେନ୍ସପ୍ରାପ୍ତ ଦୋକାନୀ (ଫ୍ରାଞ୍ଚାଇଜ)ର କର୍ମଚାରୀ ନୁହନ୍ତି। ଠିକା ପ୍ଲାଟ୍‌ଫର୍ମରୁ ଘଣ୍ଟାକିଆ ମଜୁରିରେ ଠିକା ଶ୍ରମିକ ମିଳୁଛନ୍ତି। ଆମେରିକାରେ ଟାସ୍କରାବିଟ ନାମକ ଏକ ଲେବର ପ୍ଲାଟ୍‌ଫର୍ମ ଏ କାମ କରୁଛି। ସରକାର ନୀରବଦ୍ରଷ୍ଟା, ମାଲିକ ହାତ ଧୋଇ ବସୁଛି, କର୍ମଚାରୀ ପାଇଁ ଛୁଟି, ଦରମା, ରୋଗ ଖର୍ଚ୍ଚ ବା ପେନ୍‌ସନ୍ ବ୍ୟବସ୍ଥା ଦରକାର ନାହିଁ। କାରଖାନାରେ ଶ୍ରମିକର ସୁରକ୍ଷା ବ୍ୟବସ୍ଥା କରିବା, ପରିବେଶକୁ ପ୍ରଦୂଷଣରୁ ରକ୍ଷାକରିବା, କାରଖାନା ଭିତରେ ଆଶୁ ଚିକିତ୍ସା ବ୍ୟବସ୍ଥା ରଖିବା ଭଳି ବିପୁଳ ବ୍ୟୟରୁ ତ୍ରାହି ମିଳୁଛି। କମ୍ପାନୀର ଖାଲି ଲାଭ ହିଁ ଲାଭ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେମିତି କାମ କରାଯାଉଥିଲା ଏ ଢାଞ୍ଚା ତାହାର ଓଲଟା। ସେତେବେଳେ ପ୍ରତ୍ୟେକ ବ୍ୟବସାୟ ସ୍ୱୟଂସମ୍ପୂର୍ଣ୍ଣ ପ୍ରକ୍ରିୟା ଥିଲା। ଅଧିକାଂଶ କାମ ବ୍ୟବସାୟୀର ନିଜ ପରିବାରରେ, ଇନ୍‌ହାଉସ୍‌ରେ ହେଉଥିଲା। ସ୍ଥାୟୀ ଓ ଚବିଶଘଣ୍ଟିଆ କର୍ମଚାରୀଙ୍କ ଦ୍ୱାରା କାମ ହେଉଥିଲା। ଅଧିକାଂଶ କର୍ମଜୀବୀ ବା ଶ୍ରମିକ ତାଙ୍କ ଜୀବନସାରା ଗୋଟିଏ କମ୍ପାନୀ ବା ଅତି ବେଶିରେ ଦୁଇଟି କମ୍ପାନୀରେ କାମ କରୁଥିଲେ। ଏଥିରେ ବିଜ୍‌ନେସ୍ ଲଜିକ୍ ଥିଲା– ସବୁବେଳେ କାମର ଡାକରାରେ ଓ ମାଲିକର ଡାକହାକ ଶୁଣିବା ପାଇଁ ଲୋକଟିଏ ରହିଲେ କମ୍ପାନୀକୁ ଶସ୍ତା ପଡୁଥିଲା। ପ୍ରତ୍ୟେକ କାମ ପାଇଁ ଖୋଲା ବଜାରରୁ ଲୋକ ଖୋଜିବା, ମଜୁରି ମୂଲଚାଲ କରିବା, ନୂଆ ଲୋକକୁ ତାଲିମ ଦେବା ଓ ସେ କ'ଣ କରିବ ପ୍ରତିଥର ତାକୁ ବୁଝାଇବା ଲାଗି ସମୟ ଦେବା ମହଙ୍ଗା ପଡୁଥିଲା, ଜଣେ ଗଲା ପରେ ନୂଆ ଲୋକଟିଏ ଆସିବାରେ ବିଳମ୍ବ ଯୋଗୁ କାମ ଅଧାପନ୍ତରିଆ ରହୁଥିଲା। ୧୯୮୦ ଦଶକରୁ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ଦେଖାଗଲା। ବିଭିନ୍ନ କମ୍ପାନୀର ଅଂଶୀଦାରମାନେ ସେମାନଙ୍କ କମ୍ପାନୀକୁ ଉତ୍ସାହିତ କଲେ ଯେ କୋର୍ କମ୍ପିଟେନ୍ସି ଉପରେ ଧ୍ୟାନ ଦିଆଯାଉ; ଫାଲ୍‌ତୁ କାମ ଯଥା ସଫେଇ, ହିସାବକିତାବ, କମ୍ପାନୀର ନାମ ରକ୍ଷା ବା ବ୍ରାଣ୍ଡିଂ ଭଳି କାମକୁ ସେ ଦିଗରେ ବିଶେଷ ଜ୍ଞାନଥିବା ଲୋକଙ୍କୁ ଠିକା ଦିଆଯାଉ। ୨୦୦୦ ଦଶକରେ ଆଉଟ୍‌ସୋର୍ସିଂ ରୋଗ ଆମେରିକାରୁ ପୃଥିବୀ ସାରା ବ୍ୟାପିଗଲା। ଚାର୍ଲି ସାଣ୍ଡି ନାମକ ଜଣେ ମ୍ୟାନେଜ୍‌ମେଣ୍ଟ–ଗୁରୁ ଏ ପ୍ରକାର ବ୍ୟବସ୍ଥାକୁ ସାମରକ୍ (ବେଲପତ୍ରିଆ) ଅର୍ଗାନାଇଜେଶନ୍ ନାମ ଦେଇଛନ୍ତି। ସଙ୍ଗଠନର କେନ୍ଦ୍ରରେ ଥିବା ଅତ୍ୟାବଶ୍ୟକ କାର୍ଯ୍ୟକର୍ତ୍ତା ହିଁ ନିୟମିତ କର୍ମଚାରୀ ରହିବେ, ଆଉ ସବୁ ଠିକା ବା ପାର୍ଟଟାଇମ୍ କର୍ମଚାରୀ। ଏହି ତିନିପତରିଆ ବ୍ୟବସ୍ଥା ବିକଶିତ ହେବାକୁ ବହୁବର୍ଷ ଲାଗିଗଲା।

ଠିକା ବା ଆଉଟ୍‌ସୋର୍ସିଂର ବାଧକ ହେଲା ପ୍ରଯୁକ୍ତିବିଦ୍ୟାର କଟକଣା। କମ୍ପାନୀମାନେ ନିଶ୍ଚିତ ହୋଇପାରି ନ ଥିଲେ ଯେ ସେମାନେ ଖୋଲାବଜାରରୁ ନିଜର ଆବଶ୍ୟକତା ମୁତାବକ ଠିକ୍ ଲୋକ ପାଇବାକୁ ସକ୍ଷମ ହେବେ ଏବଂ କାମରେ ଅଭିଜ୍ଞତା ଅର୍ଜନ କରିଥିବା ଲୋକ ସହଜରେ ମିଳିବେ। ଏ କଟକଣା ୨୦୧୦ ବେଳକୁ ଉଠିଗଲା। ଯେଉଁ ନୂଆ ଅର୍ଥନୈତିକ ମଞ୍ଚ ଆସିଲା ତାକୁ ଗିଗ୍–ଇକୋନମି ପ୍ଲାଟଫର୍ମ ବା ଭୀମ–ଅର୍ଥନୀତି ମଞ୍ଚ କୁହାଗଲା। ଆମେରିକାରେ ଏଭଳି ମଞ୍ଚର କେତୋଟି ଉଦାହରଣ ହେଲା ଟାସ୍କରାବିଟ୍ (କାମଶଶକ), ପିପୁଲ ଫର୍ ଆୱାର (ଘଣ୍ଟିକିଆ ମଣିଷ) ଓ ଏକ୍ସପର୍ଟ ୩୬୦ (୩୬୦ ଡିଗ୍ରିଆ ବା ସବୁଦିଗରୁ ବିଶେଷଜ୍ଞ)– ଏମାନେ କମ୍ପାନୀମାନଙ୍କ ଦରକାର ମୁତାବକ କାମିକା ଲୋକ ତତ୍‌କ୍ଷଣାତ୍ ଯୋଗାଇ ପାରିଲେ। ଏହି ମଞ୍ଚମାନଙ୍କ ଗ୍ରାହକ–କମ୍ପାନୀମାନେ ଯେଉଁ ରେଟିଂ ବା ତୁଳନାତ୍ମକ ଦକ୍ଷତାପତ୍ର ଦେଇଥିବେ ତାହା ହିଁ ଠିକା କର୍ମଚାରୀର ଗୁଣବତ୍ତାର ମାପ ହେଲା। ମାତ୍ର ଏକ ଦଶନ୍ଧିରେ ଗିଗ୍–ଇକୋନମି ପ୍ରକାଣ୍ଡକାୟ ହୋଇଗଲା। ଶୀଘ୍ର ବଢିବାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ଉବର, ଟାକ୍ସି ଡାକିବାର ସେବା।

୨୦୧୮ରେ ସ୍ଥୂଳତଃ ଏକ ଭାଗ କର୍ମଜୀବୀ କୌଣସି ନା କୌଣସି ନିଯୁକ୍ତି–ପ୍ଲାଟ୍‌ଫର୍ମରେ ତାଲିକାଭୁକ୍ତ। ଯେଉଁ ପାଠକମାନେ ଏ ବିଷୟରେ ଜାଣିନାହାନ୍ତି ସେମାନେ ଭୁବନେଶ୍ୱର କଳ୍ପନାଛକ ବା ଆଇଆର୍‌ସି ଭିଲେଜର କ୍ରାଉନ ହୋଟେଲ ଛକରେ ଦଳ ଦଳ ଠିଆ ହୋଇଥିବା ଶ୍ରମିକଙ୍କୁ ବା ପାରାଦୀପ ବନ୍ଦରରେ ଷ୍ଟିଭେଡର କାମ ଦେଖନ୍ତୁ, ବୁଝିପାରିବେ କିପରି ନିଯୁକ୍ତି–ପ୍ଲାଟ୍‌ଫର୍ମ କାମ କରୁଛି। ବିଶେଷଜ୍ଞମାନଙ୍କ ପ୍ଲାଟ୍‌ଫର୍ମ ଆସିଯାଉଛି। ୨୦୨୫ ବେଳକୁ ଦେଶର ସୁଦକ୍ଷ, ସ୍ୱଳ୍ପଦକ୍ଷ ଓ ଅଣକୁଶଳୀ ସମସ୍ତଙ୍କ ଭିତରୁ ଶତକଡା ୩୦ରୁ ବେଶି ଲୋକ ଏଭଳି କୌଣସି ନା କୌଣସି ଏମ୍ପ୍ଲୟମେଣ୍ଟ ପ୍ଲାଟ୍‌ଫର୍ମର ଅନ୍ତର୍ଭୁକ୍ତ ହୋଇ ରହିଥିବେ।

ଏ ସମସ୍ୟାର ସମାଧାନ ଆସିବ ଯେତେବେଳେ ଶାସନ ଚଳାଉଥିବା ଲୋକପ୍ରତିନିଧିମାନଙ୍କୁ ଲୋକେ ସେହି ପ୍ରକାର ଅର୍ଥାତ୍ ଲେଜିସ୍‌ଲେଚର ପ୍ଲାଟ୍‌ଫର୍ମରୁ ବାଛିବେ, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଅନୁରୂପ ପ୍ଲାଟ୍‌ଫର୍ମରୁ ଆସିବେ ଏବଂ ପେନ୍‌ସନ୍ ଫେନ୍‌ସନ୍ ଆଦି ସମସ୍ତ ବାଜେ ଖର୍ଚ୍ଚରୁ ଦେଶ ବଞ୍ଚିଯିବ।

ଇ–ମେଲ୍: sahadevas@yahoo.com

# ନ୍ୟାୟାଳୟର ତତ୍ପରତା ଓ ବ୍ୟକ୍ତି ସ୍ୱାଧୀନତା

ଡା. ନୀଳମାଧବ ପୃଷ୍ଟି

ସୁଧୀ ପାଠକଙ୍କୁ ଦୁଇବର୍ଷ ତଳର ଏକ ଘଟଣା ମନେ ପକାଇ ଦେଉଛୁ। ୨୦୧୬ ଏପ୍ରିଲ ୨୫ ତାରିଖରେ ଦିଲ୍ଲୀର ବିଜ୍ଞାନ ଭବନରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଟି.ଏସ୍. ଠାକୁର ବର୍ଷ ବର୍ଷ ଧରି ଲକ୍ଷାଧିକ ମାମଲାର ବୋଝକୁ ନେଇ ଦୁଃଖ ପ୍ରକଟ କରିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟମାନଙ୍କର ମୁଖ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ସେ ସମୟରେ ଭାରତର ସୁପ୍ରିମ୍‌କୋର୍ଟରେ ୬୦ ହଜାରରୁ ଊର୍ଦ୍ଧ୍ୱ ମାମଲା ପଡ଼ି ରହିଥିବାର ତଥ୍ୟ ଦେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। କିଛି ବର୍ଷ ତଳେ ଦେଶର ୪୪ତମ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଜେ.ଏସ୍. ଖେହାର ଆହଲୁୱାଲିଆ କହିଥିଲେ, କୋର୍ଟର ଖରାଦିନିଆ ଛୁଟିରେ କିଛି ସମୟ କାଢ଼ି ବିଚାରପତିମାନେ କେସ୍‌ଗୁଡ଼ିକର ଶୁଣାଣି କଲେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମାମଲାର ବିଚାର ହୋଇପାରନ୍ତା। ତେବେ ସୁପ୍ରିମ୍‌କୋର୍ଟର ବର୍ତ୍ତମାନର ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଦୀପକ ମିଶ୍ର ତାଙ୍କ କାର୍ଯ୍ୟକାଳ ଭିତରେ ବ୍ୟକ୍ତିଗତ ଉଦ୍ୟମରେ ୨ ହଜାରରୁ ଊର୍ଦ୍ଧ୍ୱ ପଡ଼ିରହିଥିବା ମାମଲାର ଶୁଣାଣି କରିପାରିଛନ୍ତି, ଯାହା ପ୍ରଶଂସନୀୟ।

ଅନେକ କ୍ଷେତ୍ରରେ ଦେଖାଯାଏ ବ୍ୟକ୍ତିଗତ ସ୍ୱାର୍ଥ ସମ୍ବଳିତ ଓ ଗୁରୁତ୍ୱହୀନ ମାମଲା ସର୍ବୋଚ୍ଚ ଅଦାଲତର ମୂଲ୍ୟବାନ ସମୟ ନଷ୍ଟ କରିଥାଏ। ଗତବର୍ଷ ଓ ଏ ବର୍ଷ ମଧ୍ୟ ସୁପ୍ରିମ୍‌କୋର୍ଟର ବିଭିନ୍ନ ଖଣ୍ଡପୀଠ ଭିନ୍ନ ଭିନ୍ନ ସମୟରେ ଗୁରୁତ୍ୱହୀନ ମାମଲାର ବିଚାର ବେଳେ ବିରକ୍ତି ପ୍ରକାଶ କରି ଆବେଦନକାରୀଙ୍କୁ କଡ଼ା ତାଗିଦ କରିବା ସହ ସହ ସ୍ଥଳବିଶେଷରେ ଜରିମାନା ଦଣ୍ଡ ବି ଦେଇଛନ୍ତି। ଭାରତବର୍ଷର ନ୍ୟାୟପାଳିକା ଇତିହାସରେ ଅନେକ ସମୟରେ ଦେଖାଯାଇଛି ତଥାକଥିତ ସମାଜର ବଡ଼ବଡ଼ିଆ, ରାଜନୈତିକ ପୃଷ୍ଠଭୂମି ଥିବା ବ୍ୟକ୍ତି ଓ ସେଲିବ୍ରିଟିମାନଙ୍କ ପାଇଁ ଅଗ୍ରାଧିକାର ଭିତ୍ତିରେ ବିଚାର ବ୍ୟବସ୍ଥା କରାଯାଏ। କେତେକ କ୍ଷେତ୍ରରେ ରାତି ଅଧିକ ଯାଏ ବିଚାର ମଧ୍ୟ ହୋଇଛି। ତେବେ ନିକଟରେ ମାଓବାଦୀ ସମ୍ପୃକ୍ତି ଅଭିଯୋଗରେ ମହାରାଷ୍ଟ୍ର ପୋଲିସ ପାଞ୍ଚଜଣ ତଥାକଥିତ ସାମାଜିକ କର୍ମୀ ଓ ଆଇନବିତ୍‌ଙ୍କୁ ଗିରଫ କରିବା ପରେ ଜାତୀୟ ରାଜନୀତି ସରଗରମ ହେବା ସହ ଏହି ପାଞ୍ଚଜଣଙ୍କ ତରଫରୁ ସିଧାସଳଖ ଆବେଦନ ସୁପ୍ରିମ୍‌କୋର୍ଟଙ୍କ ପାଖରେ ପହଞ୍ଚିଥିଲା। ସୁପ୍ରିମ୍‌କୋର୍ଟ ଏହାକୁ ତୁରନ୍ତ ଗ୍ରହଣ କରି ଅଗ୍ରାଧିକାର ଭିତ୍ତିରେ ପ୍ରାଥମିକ ଶୁଣାଣି କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ନ କରି ଗୃହବନ୍ଦୀ ରଖିବା ପାଇଁ ନିର୍ଦ୍ଦେଶ ଦେଲେ, ଯାହାଦ୍ୱାରା ସେମାନେ ପୋଲିସ ହେପାଜତକୁ ଯାଇପାରିଲେ ନାହିଁ।

ଏହି ଲେଖକର ଅଭିଯୋଗ ନ୍ୟାୟପାଳିକାର ନ୍ୟାୟ ପ୍ରଦାନ ବ୍ୟବସ୍ଥା ପାଇଁ ନୁହେଁ, ଅତ୍ୟନ୍ତ ବିନମ୍ର ଭାବେ ଆମେ କିଛି ପ୍ରସଙ୍ଗ ଏଠାରେ ଉଲ୍ଲେଖ କରୁଛୁ। ଏହି ଯେଉଁ ତଥାକଥିତ ସାମାଜିକ କର୍ମୀ ଗିରଫ ହେଲେ ଏ କ୍ଷେତ୍ରରେ ସେମାନେ ପ୍ରଥମ ନୁହନ୍ତି। ଏହା ପୂର୍ବରୁ ଅସଂଖ୍ୟ ଗିରଫଦାରି ହୋଇଛି। ନ୍ୟାୟ ବିଚାରର ଗଣ୍ଡି ଭିତରେ ବ୍ୟବସ୍ଥା ଦ୍ୱାରା ପ୍ରାଥମିକ ଭାବେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଶୁଣାଣି ହୋଇ ଅଭିଯୁକ୍ତଙ୍କୁ ହାଜତକୁ ପଠାଇଥାନ୍ତି କିମ୍ବା ଜାମିନ ପ୍ରଦାନ କରିଥାନ୍ତି। ଏ କ୍ଷେତ୍ରରେ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶନାମା ସନ୍ତୋଷଜନକ ନ ହେଲେ ଅଭିଯୁକ୍ତମାନେ କ୍ରମାନ୍ୱୟରେ ସେସନ୍ସ କୋର୍ଟ, ହାଇକୋର୍ଟ ବା ପରେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥାନ୍ତି। ନ୍ୟାୟ ବ୍ୟବସ୍ଥା ଭିତରେ ବି ଅଭିଯୁକ୍ତମାନେ ସେସନ୍ସ କୋର୍ଟ କିମ୍ବା ହାଇକୋର୍ଟରୁ କେତେକ କ୍ଷେତ୍ରରେ ଆଗୁଆ ଜାମିନ ପାଇଥାନ୍ତି। କିନ୍ତୁ ବର୍ତ୍ତମାନ ସମୟର ଏହି ବ୍ୟକ୍ତିବିଶେଷମାନେ ଯେଉଁ ଭାବରେ ସିଧାସଳଖ ସୁପ୍ରିମ୍‌କୋର୍ଟରେ ଆବେଦନ କରିପାରିଲେ ପରବର୍ତ୍ତୀ ସମୟରେ ଏହା ନ୍ୟାୟପାଳିକା ବ୍ୟବସ୍ଥାକୁ ଜଟିଳ କରିବାର ସମ୍ଭାବନା ରହିଛି। ଭୀମା କୋରୋଗାଓଁ ହିଂସାକାଣ୍ଡ ମାମଲାରେ ତଦନ୍ତର ସମ୍ମୁଖୀନ ହୋଇଥିବା ଏହି ପାଞ୍ଚଜଣ ବ୍ୟକ୍ତିବିଶେଷ ସେମାନଙ୍କ ଦାବି ଅନୁଯାୟୀ ଭାରତୀୟ ନାଗରିକଙ୍କ ସ୍ୱାର୍ଥନିମିତ୍ତ ସକ୍ରିୟ ଥିଲେ ବି ସେମାନେ କିଭଳି ସିଧାସଳଖ ସୁପ୍ରିମ୍‌କୋର୍ଟରେ ପହଞ୍ଚିପାରିଲେ ? ଅନେକେ ହୁଏତ ଜାଣି ନ ଥିବେ ଏହି ପାଞ୍ଚଜଣଙ୍କ ପାଇଁ ଭାରତର ଖ୍ୟାତନାମା ପ୍ରଖ୍ୟାତ ଓକିଲ ପ୍ରଶାନ୍ତ ଭୂଷଣ, ଅଭିଷେକ ମନୁ ସିଂଘଭି, ଦୁଷ୍ୟନ୍ତ ଡାଭେ, ବୃନ୍ଦା ଗ୍ରୋଭର, ରାଜୁ ରାମଚନ୍ଦ୍ରନ୍, ଇନ୍ଦିରା ଜୟସିଂ, ଅମରେନ୍ଦ୍ର ଶରନ ପ୍ରମୁଖ ମାମଲା ଲଢ଼ିଥିଲେ। ପ୍ରତିଟି ଭାରତୀୟ ବେଶ୍ ଭଲଭାବେ ଜାଣିଛନ୍ତି ଯେ, ଏହି ପ୍ରଖ୍ୟାତ ଓକିଲମାନଙ୍କ ଗୋଟିଏ ଦିନର ଫିସ୍ ଲକ୍ଷାଧିକ ଟଙ୍କା। ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ସରଳ ନିରାଡ଼ମ୍ବର ଓ ସାଧୁତାପୂର୍ଣ୍ଣ ଜୀବନ ବିତାଉଥିବା ଏହି ତଥାକଥିତ ସାମାଜିକ କର୍ମୀମାନେ କିପରି ଏହି ଫିସ୍ ଦେଇପାରିଲେ। ଯେ କୌଣସି ପ୍ରସଙ୍ଗରେ ବ୍ୟକ୍ତି ସ୍ୱାଧୀନତା ନାମରେ ଜଣେ ଆବେଦନକାରୀ ଯଦି ସିଧାସଳଖ ସୁପ୍ରିମ୍‌କୋର୍ଟରେ ପହଞ୍ଚନ୍ତି, ତେବେ ଏହି ମାମଲାର ବୋଝ ହାଲ୍‌କା ହେବ ନା ବଢ଼ିବ ?

ପାଣିକୋଇଲି, ଯାଜପୁର,
ମୋ:୯୪୩୯୪୮୨୫୨୬

## ଏଇ ଭାରତରେ

ବର୍ତ୍ତମାନ ପରିବେଶ ପ୍ରଦୂଷଣ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଗୁଜରାଟର ବଡ଼ୋଦରା ଅଞ୍ଚଳରେ ସ୍କୁଲପିଲାମାନେ ମାଟିରେ ଗଣେଶ ମୂର୍ତ୍ତି ଗଢ଼ି ପରିବେଶ ସୁରକ୍ଷାରେ ସହାୟକ ହୋଇପାରିଛନ୍ତି। ଦୀର୍ଘ ୧୪ବର୍ଷ ତଳେ ଏପରି ଉଦ୍ୟମ ଆରମ୍ଭ ହୋଇଥିଲା। ସେତେବେଳେ ମାଟି ଗଣେଶ ମୂର୍ତ୍ତି ଲୋକଙ୍କ ଆଦର ଖୁବ୍ କମ୍ ଥିଲା। କିନ୍ତୁ ମହାରାଜା ଫତେସିଂ ରାଓ ମ୍ୟୁଜିୟମ୍ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଚାର ଅଭିଯାନ ଦ୍ୱାରା ପିଲାମାନେ ମାଟିରେ ଗଣେଶ ମୂର୍ତ୍ତି ଗଢ଼ିବାକୁ ଉତ୍ସାହିତ ହେଉଛନ୍ତି ଏବଂ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ରବିବାର ସକାଳେ ଉକ୍ତ ମ୍ୟୁଜିୟମ୍ ତରଫରୁ ଏକ ସ୍ୱତନ୍ତ୍ର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ବିଜୟୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୩୦୦ ଛାତ୍ର ବିଭିନ୍ନ ଆକୃତିର ମାଟି ମୂର୍ତ୍ତି ତିଆରି କରିଥିଲେ। ମାଟି ମୂର୍ତ୍ତି ଦ୍ୱାରା ପରିବେଶ ସୁରକ୍ଷା ହେବା ସହିତ ବିସର୍ଜନ ବେଳେ ଜଳାଶୟଗୁଡିକ ପ୍ରଦୂଷିତ ହେବନାହିଁ। ଖୁବ୍ କମ୍ ବୟସରେ ଛାତ୍ରୀଛାତ୍ରମାନେ ଏଭଳି ଶିକ୍ଷା ପାଇପାରୁଛନ୍ତି ବୋଲି ମ୍ୟୁଜିୟମ୍ କ୍ୟୁରେଟର ମାଣ୍ଡା ହିଙ୍ଗୁରାଓ ପ୍ରକାଶ କରିଛନ୍ତି। ଉକ୍ତ ନଗରୀର ଅନ୍ୟ ଏକ ସଂଗଠନ ସୋସିଆଲ୍ ରେସ୍‌ପନ୍ସିବିଲିଟି ଫାଉଣ୍ଡେଶନ୍ (ଏସ୍‌ଆର୍‌ଏଫ୍) ଗତ ୩ ବର୍ଷ ହେଲା ପରିବେଶ ସହାୟକ ଗଣେଶ ମୂର୍ତ୍ତି ତିଆରି ପାଇଁ ଉତ୍ସାହିତ କରିଆସୁଛି। ଚଳିତ ବର୍ଷ ସିଟି ପୋଲିସ ମଧ୍ୟ ପରିବେଶ ସହାୟକ ଗଣେଶ ମୂର୍ତ୍ତି ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୯୩

- ପର୍ଯ୍ୟଟନ, ସଂସ୍କୃତି ଏବଂ ବିଜ୍ଞାନ ଓ କାରିଗରି କୌଶଳ କ୍ଷେତ୍ରରେ ଅଧିକତର ସହଯୋଗ ଲାଗି ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ୩ଟି ରାଜିନାମା ସ୍ୱାକ୍ଷରିତ।
- ଓଡ଼ିଶାରେ ସାମାଜିକ ଓ ଶିକ୍ଷାଗତ ଅନୁନ୍ନତ ଶ୍ରେଣୀର ଜନସାଧାରଣଙ୍କ ନିମନ୍ତେ ରାଜ୍ୟ ସରକାର ମଣ୍ଡଳ କମିଶନ ସୁପାରିସକୁ କାର୍ଯ୍ୟକାରୀ କରିଛନ୍ତି।

## ଚିରନ୍ତନୀ

ମଧୁମାସ ପରଶରେ ବଢ଼େ ମମ ପରାସ
ମୁହୁର୍ମୁହୁଃ ନିଃଶ୍ୱାସ ଛାଡ଼ଇ।
ବାସି ଫୁଲ ସମ କେତେ ଝଡ଼ି ପଡ଼େ ବାସନା
ଚାହିଁ ଚାହିଁ ଆଖିପତା ପୀଡ଼ଇ
ସଂଗୀତ ଆସି କେତେ ରୋଧେ ପୁଣି କଣ୍ଠ
ସଙ୍କୋଚେ ମନପ୍ରାଣ ବ୍ରୀଡ଼ଇ।
କେତେ ମଧୁ ମିଳନର ଦେଖିଲଇଁ ସ୍ୱପନ
କେତେ ଚୂତ ମଞ୍ଜରୀ ତୋଳିଲି
ବିଚ୍ଛେଦ–ଧାରେ ଯେତେ ବହିଯାଏ ରୁଧିର
ଅନ୍ତର ତଳେ ତାହା ବୋଳିଲି
ବିରହର ଦୋଳି ଚଢ଼ି ମିଳନର ମଳୟେ
କେବଳ ଜୀବନଯାକ ଦୋଳିଲି।
(ଜୀବନ–ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | 5 | | | | E | | | | | | 0 | 8 |
| 3 | | 9 | | | | | | | | A | | | 2 | |
| | | 0 | D | | | A | | B | 8 | 1 | C | | | |
| | | | | 1 | | | | | 4 | B | 6 | | | |
| | | E | | C | 3 | | | D | | 5 | | | | 9 |
| 7 | 3 | | | | | B | 0 | | | | | | | |
| | | | 4 | | | E | | 2 | | | | 9 | | |
| | A | 5 | C | 0 | 6 | | | | 9 | | 3 | | | |
| | | 1 | | | 2 | | | C | 5 | | 8 | 7 | | |
| | | D | E | | | 3 | | A | 1 | | | | 6 | 0 |
| | | | | 3 | E | 1 | | | 6 | | 0 | | | B |
| | | | | 4 | | | | 7 | E | | | | | |
| | | C | 0 | | | | 5 | | | 3 | | | | |
| | 8 | | 1 | | | | 6 | | 2 | 9 | | | | |
| 5 | | 2 | | | | | 8 | 9 | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | B | A | 8 | 7 | 6 | C | 3 | 9 | 0 | 2 | 5 | 4 | D |
| 9 | 2 | A | C | 0 | E | 5 | 4 | 7 | 3 | D | B | 8 | 6 | 1 |
| 5 | 3 | 8 | 1 | D | 4 | A | 2 | 0 | 7 | 6 | E | 9 | C | B |
| C | 4 | 6 | B | 2 | 3 | E | D | 9 | 5 | 8 | 1 | 0 | 7 | A |
| 7 | 0 | D | 9 | 5 | 6 | B | 1 | 8 | C | 4 | A | 2 | E | 3 |
| 0 | 6 | C | 7 | E | 2 | 4 | B | D | A | 3 | 5 | 1 | 9 | 8 |
| 3 | B | E | 0 | C | 8 | 9 | 7 | A | D | 1 | 4 | 6 | 2 | 5 |
| D | 1 | 9 | 4 | A | 5 | 0 | 8 | 6 | 2 | E | C | B | 3 | 7 |
| 4 | A | 2 | 3 | 6 | B | C | 5 | 1 | 8 | 9 | 7 | E | D | 0 |
| 8 | 5 | 7 | D | 9 | 1 | 2 | 3 | E | 0 | B | 6 | C | A | 4 |
| E | D | 5 | 6 | 1 | A | 3 | 9 | 4 | B | C | 0 | 7 | 8 | 2 |
| B | C | 0 | 8 | 4 | D | 7 | 6 | 5 | E | 2 | 3 | A | 1 | 9 |
| A | 7 | 1 | 2 | 3 | 9 | 8 | 0 | C | 6 | 5 | D | 4 | B | E |
| 6 | 9 | 3 | E | B | 0 | 1 | A | 2 | 4 | 7 | 8 | D | 5 | C |
| 2 | 8 | 4 | 5 | 7 | C | D | E | B | 1 | A | 9 | 3 | 0 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ଦର ବିକଳ୍ପ

ମହାଶୟ,

ଏବେ ବିରୋଧୀ ଦଳଗୁଡ଼ିକ ତୈଳ ଦର ବୃଦ୍ଧି ବିରୋଧରେ ପ୍ରତିବାଦ କରିବା ପାଇଁ ବନ୍ଦ ଡାକରା ଦେଲେ। ଏଥିଯୋଗୁଁ ଗାଡ଼ିଘୋଡ଼ା ବନ୍ଦ ହେଲା ଓ ଅନେକ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହେଲେ। ତେବେ ପ୍ରଶ୍ନ ଉଠେ ପୋଡାଜଳା ନ କରି କିମ୍ବା ହିଂସାକାଣ୍ଡ ନ ଘଟାଇ ଆମେ କ'ଣ ପ୍ରତିବାଦ ଜଣାଇପାରିବା ନାହିଁ ? ବନ୍ଦକୁ ନେଇ ରାଜନୀତି କରୁଥିବା ଦଳର ନେତାମାନେ ଚାହିଁଲେ ଏହାକୁ ଭିନ୍ନରୂପେ ପାଳନ କରିପାରିବେ। ବନ୍ଦ ଡାକରା ଦେବାକୁ ଚାହୁଁଥିବା ନେତାମାନେ ଏଥର ସବୁ କର୍ମୀଙ୍କୁ ଏକାଠି କରନ୍ତୁ। ନିଜ ଘର ଏବଂ ଘର ଚାରି ପାଖରେ ଥିବା ସମସ୍ତ ଅଳିଆ ଆବର୍ଜନା ସଫା କରନ୍ତୁ। ରାସ୍ତାରେ ମାଟି ପକାଇ ଖାଲଖମା ପୋତି ପକାନ୍ତୁ। ସହରରେ ଜମିଥିବା କୁଢ କୁଢ ପଲିଥିନକୁ ହଟାଇ ଦିଅନ୍ତୁ। ଜାମ ହୋଇ ପଡିଥିବା ନାଳକୁ ସଫା କରନ୍ତୁ। ହଜାର ହଜାର ଲୋକ ରାସ୍ତା ବନ୍ଦ ନ କରି ସଫାସଫିରେ ମଜି ଯାଆନ୍ତୁ। ଦେଖନ୍ତୁ ସେମାନଙ୍କୁ ଲୋକ ସମର୍ଥନ ମିଳୁଛି ନା ନାହିଁ। ମାତ୍ର ଘୁଣଖିଆ ରାଜନୈତିକ ବିଚାରଧାରା ବାହାରକୁ ଆସି ଏପରି ସୃଜନାତ୍ମକ ପଦକ୍ଷେପ ନେବାକୁ ରାଜନୈତିକ ଦଳମାନଙ୍କର କଳିଜା ଅଛି କି ? ଥରେ ଚେଷ୍ଟା କରି ଦେଖାଯାଉ ବନ୍ଦ ପାଳନର ଏ ନୂଆ ତରିକା କିପରି କାମ ଦେଉଛି।

ରୁଦ୍ର ପ୍ରସନ୍ନ ରଥ, ଧବଳଗିରି, ଯାଜପୁର ରୋଡ୍, ଯାଜପୁର

### ଏତେ ତରତର

ଅଙ୍ଗାରଗାଡିଆ ବାଲେଶ୍ୱରରୁ ପ୍ରାବନ୍ଧିକ ଅଞ୍ଜନ ଚାନ୍ଦଙ୍କ ପ୍ରବନ୍ଧ 'ଏତେ ତରତର' ବାସ୍ତବରେ ଚାନ୍ଦ ଧରିବାକୁ ତରତର ହେଉଥିବା ମଣିଷଙ୍କ ପାଇଁ ଜ୍ଞାନ ଅଞ୍ଜନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜୀବନ ଏଠି ଭାରି ତୀବ୍ର ଗତିରେ ଚାଲିଛି। ଧୀର ପାଣି ପଥର କାଟେ, ବିଳମ୍ବେ କାର୍ଯ୍ୟ ସିଦ୍ଧି ଏବେ ଅଚଳ ହୋଇ ପଡିଲାଣି। ମଣିଷ ଅଣନିଃଶ୍ୱାସୀ ହୋଇ ପ୍ରତ୍ୟେକ କ୍ଷେତ୍ରରେ ଦୌଡିଚାଲିଛି। ଆମ ସଂସ୍କୃତି କହେ ହାତେ ମାପି ଚାଖଣ୍ଡେ ଚାଲ। କଥାରେ ଅଛି ଚାଷ ତରତର ବଣିଜ ମଠ। କିନ୍ତୁ ଚାଷ ତ ମଣିଷ ଛାଡି ସାରିଲାଣି– ଏବେ ତରତର ହୋଇ ବଣିଜ କରି ଚାଲିଛି। ଫଳ ବି ସେମିତି ମିଳୁଛି।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପରିବା ଗାଡ଼ି ଅଟକାଇ ଚାଳକଙ୍କୁ ମାଡ଼, ୨ ଗିରଫ

ଛେଣ୍ଡିପଦା,୧୦।୯(ଡି.ଏନ.ଏ./ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ଜରପଡା ଥାନା ଦୁର୍ଗାପୁର ଆଡଶିଳା ପାହାଡ ତାରିଣୀ ମନ୍ଦିର ପାଖରେ ରବିବାର ରାତିରେ ଏକ ପରିବା ବୋଝେଇ ପିକଅପ୍ ଭ୍ୟାନକୁ ଅଟକାଇ ଚାଳକଙ୍କୁ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ଜରପଡା ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୁର୍ଗାପୁର ଗ୍ରାମର ବାପି ସାହୁ(୨୪) ଏବଂ ଦୁର୍ଗାପୁର ଟାଙ୍ଗିରୀସାହି ଗ୍ରାମର ନବୀନ ବେହେରା(୧୯)। ଘଟଣାରୁ ଜଣାପଡିଛି, ରାତି ପ୍ରାୟ ୮ଟାରେ ଭ୍ୟାନ୍(ନଂ. ଓଡି ୧୫-୯୬୨୬)ଟି ଆଡଶିଳା ପାହାଡ ତାରିଣୀ ମନ୍ଦିର ପାଖରେ ଯାଉଥିବାବେଳେ ଚାଳକ ଦେବଗଡ ଜିଲା ନାକଟିଦେଉଳ ଥାନା ବାଘବର ଗ୍ରାମର ସୁଶୀଲ କୁମାର ଧଳ(୪୦)ଙ୍କୁ ୨ ଅଭିଯୁକ୍ତ ଅଟକାଇଥିଲେ। ପରେ ସୁଶୀଲଙ୍କୁ ମାଡ଼ ମାରିବା ସହ ୨ ହଜାର ଟଙ୍କା ଛଡାଇ ନେଇଥିଲେ। ଏ ନେଇ ଚାଳକ ପୋଲିସ କଣ୍ଟ୍ରୋଲରୁମ ଟୋଲ ଫ୍ରି ନମ୍ବରକୁ ଜଣାଇବାରେ ଜରପଡା ଥାନା ଆଇଆଇସି ବିନ୍ଦୁବାସିନୀ ବିଶ୍ୱାଳ, ସବଇନସ୍ପେକ୍ଟର ବରେନ୍ଦ୍ର ମୋହନ ପଟ୍ଟନାୟକ, ଏଏସ୍ଆଇ ଦୁର୍ଯୋଧନ ପାଢୀ ଏବଂ ପୋଲିସ କର୍ମଚାରୀମାନେ ସେଠାରେ ପହଞ୍ଚି ବାପି ଓ ନବୀନଙ୍କୁ ଗିରଫ କରିଥିଲେ।

### ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ, ରୋଗୀ ମୃତ



ପରଜଙ୍ଗ, ୧୦।୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଡିହଡୋଳ-ପଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତାର ବାଲିଜୁରୀ ବ୍ରିଜ ନିକଟରେ ସୋମବାର ଏକ ଆମ୍ବୁଲାନ୍ସ (ଓଡ଼ି ୦୫ ଏକ୍ସ ୦୨୬୩) ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ତେଲକୋଇ ଥାନା କରଦାଙ୍ଗ ଗ୍ରାମର ଖିର ବେହେରା ଓ ଆହତ ଜଣକ ତାଙ୍କ ସମ୍ପର୍କୀୟ ଗଦାଧର ବେହେରା ବୋଲି ଜଣାପଡିଛି। ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ମୁତାବକ, ଖିର ଦୀର୍ଘ ଦିନ ହେଲା କିଡ୍ନୀ ରୋଗରେ ପୀଡିତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ହେଲେ ସେ ସୁସ୍ଥ ହେବା ସମ୍ଭାବନା ନ ଥିବା ଦର୍ଶାଇ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ ଘରକୁ ପଠାଇ ଦେଇଥିଲେ। ଫଳରେ ପରିବାର ଲୋକେ ଖିରଙ୍କୁ ଆମ୍ବୁଲାନ୍ସରେ ଘରକୁ ଆଣୁଥିବାବେଳେ ଚାଳକ ଶୋଇପଡିବାରୁ ରାସ୍ତା ତଳକୁ ଗାଡ଼ିଟି ପଶି ଯାଇଥିଲା। ଘଟଣାସ୍ଥଳରେ ମହାବିରୋଡ଼ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ ପହଞ୍ଚି ଗାଡି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସକ୍ରାନ୍ତରେ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଅମିୟ ଚାନ୍ଦ ଘୋଷକ ମନୋନୀତ

ଢେଙ୍କାନାଳ ଅଫିସ,୧୦।୯- ଚଳିତ ମାସ ୧୨ରୁ କଟକର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଥିବା ୨୦ତମ ଉପକନିଷ୍ଠ ଫେନ୍‌ସିଙ୍ଗ୍ (ଅସିଚାଳନା) ପ୍ରତିଯୋଗିତାରେ ଓଡ଼ିଶାର ବରିଷ୍ଠ ଅନ୍ତର୍ଜାତୀୟ କ୍ରୀଡା ଘୋଷକ ଅମିୟ କୁମାର ଚାନ୍ଦ ଘୋଷକ ଭାବେ ମନୋନୀତ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଦେଶର ୨୦ ରୁ ଉର୍ଦ୍ଧ୍ୱ ରାଜ୍ୟର ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ୧୪ ବର୍ଷରୁ ଉର୍ଦ୍ଧ୍ୱ ଓ ୧୭ ବର୍ଷରୁ କମ୍ କ୍ୟାଡେଟ୍ ପ୍ରତିଯୋଗୀ ଭାଗ ନେବେ। ଏହି ପ୍ରତିଯୋଗିତା ୧୬ ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍‌ର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅମିୟ ଚାନ୍ଦ ପୂର୍ବରୁ ୧୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡାରେ ଓ ଦେଶ ବାହାରେ ସଫଳ ଘୋଷକ ଭାବେ କାର୍ଯ୍ୟ କରିଛନ୍ତି ।

# ଢେଙ୍କାନାଳ ବନ୍ଦ : ଯାତ୍ରୀ ପରିବହନ ଠପ୍






ଏଡିଏମ୍ ଅବନୀକାନ୍ତ ପଟ୍ଟନାୟକ ପୋଲିସ ସହାୟତାରେ ତାଲାଖୋଲି ଜିଲା କାର୍ଯ୍ୟାଳୟକୁ ପ୍ରବେଶ କରୁଛନ୍ତି। ଢେଙ୍କାନାଳ ରେଳଷ୍ଟେଶନରେ କର୍ମୀମାନେ ବନ୍ଦ ପାଳନ କରୁଛନ୍ତି।

ଢେଙ୍କାନାଳ ଅଫିସ,୧୦।୯

ତୈଳଦର ବୃଦ୍ଧି ପ୍ରତିବାଦରେ ଢେଙ୍କାନାଳରେ କଂଗ୍ରେସ ପକ୍ଷରୁ ସୋମବାର ବନ୍ଦ ପାଳନ ହୋଇଯାଇଛି। ଏଥିଯୋଗୁ ରେଳ ଓ ବସ୍ ଚଳାଚଳ ବନ୍ଦ ରହିଥିଲା। ସକାଳ ୭ଟାରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଢେଙ୍କାନାଳ ରେଳଷ୍ଟେଶନଠାରେ ତାଳଚେର-ପୁରୀ ପାସେଞ୍ଜର ଟ୍ରେନକୁ ଅଟକାଇ ରଖିଥିଲେ। ଅନ୍ୟ ଟ୍ରେନ୍‌ଗୁଡିକ ବିଭିନ୍ନ ଷ୍ଟେଶନରେ ଅଟକି ରହିଥିଲା। ଫଳରେ ଯାତ୍ରୀ ପରିବହନ ଏକ ପ୍ରକାର ଠପ୍ ହୋଇଯାଇଥିଲା। କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଶୋଭାଯାତ୍ରାରେ ଯାଇ ଜିଲା କାର୍ଯ୍ୟାଳୟ, ସିଭିଲକୋର୍ଟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକୁ ବନ୍ଦ କରୁଥିବା ଦେଖାଯାଇଥିଲା । ଜିଲା କାର୍ଯ୍ୟାଳୟଠାରେ କଂଗ୍ରେସ କର୍ମୀମାନେ ସରକାରୀ କର୍ମଚାରୀଙ୍କୁ ଭିତରକୁ ପ୍ରବେଶ କରାଇ ଦେଉ ନ ଥିବା ବେଳେ ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ କାର୍ଯ୍ୟାଳୟକୁ ଯିବାକୁ ସକାଳ ୯ଟା ୧୫ ମିନିଟରେ ଆସି ପହଞ୍ଚିଥିଲେ। କଂଗ୍ରେସ କର୍ମୀମାନେ ତାଙ୍କୁ ଅଟକାଇବାରୁ ପୋଲିସ ସହାୟତାରେ ଗେଟ୍ ତାଲା ଖୋଲି ସେ ନିଜ ପ୍ରକୋଷ୍ଠରେ ବସି କାର୍ଯ୍ୟ କରିଥିଲେ । ସିଭିଲ କୋର୍ଟ ପରିସରରେ ମଧ୍ୟ ବିଚାରପତିମାନଙ୍କୁ କୋର୍ଟ ଭିତରକୁ ନ ଯିବା ପାଇଁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ଅନୁରୋଧ କରୁଥିବା ଦେଖାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ହିନ୍ଦୋଳ ବ୍ଲକରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଥିବାବେଳେ ଅଧିକାରୀମାନେ ସେଠାରେ ଉପସ୍ଥିତ ରହିଥିଲେ। କିନ୍ତୁ ବନ୍ଦ ଯୋଗୁ ଲୋକମାନେ ଆସି ନ ଥିବା ଜଣାପଡିଛି । ଜିଲା କଂଗ୍ରେସ ସଭାପତି ସୁରେଶଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁବାସିନୀ ମହାକୁଡ, ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର, ଚକ୍ରଧର ନାୟକ, ଡା. ତୁଷାରକାନ୍ତ ନାୟକ, ରଞ୍ଜନ ନାୟକ, ପ୍ରକାଶ କୁଅଁର, ମମତାଞ୍ଜଳି ବେହେରା, ନିଶାକର ସାହୁ ପ୍ରମୁଖ କଂଗ୍ରେସ ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ । ସେହିପରି ରବିନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ନିର୍ମଳ ମିଶ୍ର, ପୂର୍ଣ୍ଣିମାଚାନ୍ଦ ସାହୁ, ପ୍ରିୟବ୍ରତ ଗଡନାୟକ, ପ୍ରଶାନ୍ତ ନାୟକ, ଗୋପାଳ ସାହୁ ପ୍ରମୁଖ ବିଭିନ୍ନ ସ୍ଥାନରେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା କାର୍ଯ୍ୟାଳୟ, ସିଭିଲ କୋର୍ଟ ସମେତ ସହରର ବିଭିନ୍ନ ସ୍ଥାନରେ ସଶସ୍ତ୍ର ପୋଲିସ ମୁତୟନ ହୋଇଥିଲା।

- ବାରଣ ସତ୍ତ୍ୱେ କାର୍ଯ୍ୟାଳୟକୁ ପଶିଲେ ଏଡିଏମ୍
- ଖୋଲାଥିଲା ଜନ ଅଭିଯୋଗ ଶୁଣାଣି ଶିବିର
- କୋର୍ଟ ଭିତରକୁ ନ ଯିବା ପାଇଁ ବିଚାରପତିଙ୍କୁ କଂଗ୍ରେସ କର୍ମୀ କଲେ ଅନୁରୋଧ

#### କର୍ମୀଙ୍କୁ ମିଳିଲାନି ଦଳୀୟ ପତାକା

ବନ୍ଦ ପାଳନ ସମୟରେ ଢେଙ୍କାନାଳରେ ଆନ୍ଦୋଳନ କରୁଥିବା କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କୁ ଆବଶ୍ୟକ ଦଳୀୟ ପତାକା ନ ମିଳିବାରୁ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। କର୍ମୀମାନେ ସଂଗଠନ ଦାୟିତ୍ୱରେ ଥିବା ନେତୃବୃନ୍ଦଙ୍କୁ ଏହାକୁ ନେଇ ସମାଲୋଚନା କରିଥିଲେ। ପରେ ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ଘରୁ ପତାକା ମଗାଯାଇ କର୍ମୀମାନଙ୍କୁ ପ୍ରଦାନ କରାଯାଇଥିବା ଦେଖାଯାଇଥିଲା। ଏହି ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।



## ପିଇଓଙ୍କ କଲମ ଛାଡ଼ ଆନ୍ଦୋଳନ

ଭୁବନ,୧୦।୯(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ବସନ୍ତ ବେହେରାଙ୍କୁ ଦୁର୍ବ୍ୟବହାର ଘଟଣାରେ ଭୁବନ ବ୍ଲକ ପିଇଓମାନେ ଶୁକ୍ରବାରଠାରୁ କଲମ ଛାଡ ଆନ୍ଦୋଳନ କରିଛନ୍ତି। ଅଧ୍ୟକ୍ଷଙ୍କୁ ଗିରଫ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଭୁବନ ବ୍ଲକ ପିଇଓ ସଂଘ ସଭାପତି ଅଭୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ସୁଶୀଲ କୁମାର ଜେନା, ପ୍ରଫୁଲ୍ଲ କୁମାର ସେନାପତି, ସ୍ୱୟଂଦୀପ୍ତ ସାହୁ, ସନ୍ତୋଷ କୁମାର ସାହୁ, ରଞ୍ଜନ ଦେହୁରୀ, ହେମଲତା ନାୟକ, କିରଣବାଳା ତରାଇଙ୍କ ସମେତ ବ୍ଲକର ପିଇଓମାନେ ଧାରଣାରେ ସାମିଲ ହୋଇଛନ୍ତି।

## ଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା



ଜୁବୁଲିଟାଉନ ୧ନଂ ପୂଜା ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତା।

ଢେଙ୍କାନାଳ ଅଫିସ,୧୦।୯

ଢେଙ୍କାନାଳ ସହରସ୍ଥିତ ଜୁବୁଲିଟାଉନ ୧ନଂ ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ସ୍ଥାନୀୟ ନାଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁରେଶଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ ଓ ଜ୍ୟୋତିପ୍ରସାଦ ବେଉରା, ସମ୍ପାଦକ ଶରତଚନ୍ଦ୍ର ଜେନା, ସହ ସମ୍ପାଦକ ସୁଶାନ୍ତ କୁମାର ବାରିକ ଓ କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର କୁମାର ବରାଳ ମନୋନୀତ ହୋଇଛନ୍ତି । ଗତବର୍ଷ ପୂଜାରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ମିଳିଥିବାରୁ ପୂଜା ପ୍ରତିଷ୍ଠାନ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

## ମହିମା ଗାଦିରେ ଆଜି ନବାନ୍ନ ଉତ୍ସବ

ଢେଙ୍କାନାଳ ଅଫିସ,୧୦।୯

- ବିଭିନ୍ନ ରାଜ୍ୟରୁ ସାଧୁ, ସନ୍ଥଙ୍କ ସମାଗମ
- ଭୋର ୪ଟାରେ ନବାନ୍ନ ଅର୍ପଣ

ଢେଙ୍କାନାଳ ଯୋରନ୍ଦା ମହିମାଗାଦିରେ ନବାନ୍ନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହେଉଛି । ଏହି ଉପଲକ୍ଷେ ପୀଠରେ ଆସାମ, ଆନ୍ଧ୍ରପ୍ରଦେଶ, ଛତିଶଗଡ, ମଧ୍ୟପ୍ରଦେଶ ସମେତ ଓଡିଶାର ବିଭିନ୍ନ ଜିଲାରୁ ସାଧୁସନ୍ଥଙ୍କ ସମାଗମ ହୋଇଛି। ଭାରତ ବନ୍ଦକୁ ନଜରରେ ରଖି ସାଧୁସନ୍ଥମାନେ ଦିନକ ପୂର୍ବରୁ ଯୋରନ୍ଦାଠାରେ ପହଞ୍ଚିଛନ୍ତି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସାଧୁସନ୍ଥଙ୍କ ସମାଗମ ଯୋଗୁ ମହିମାଗାଦି ଚଳଚଞ୍ଚଳ ହୋଇପଡିଛି। ଅହ୍ଲଣିଆ ମଣ୍ଡପ, ନବାନ୍ନ ଭୋଜନ ମଣ୍ଡପ ଓ ଉପାସନା ପୀଠ ଗୁଡିକ ସଫା କରାଯାଇ ସମସ୍ତ ପ୍ରସ୍ତୁତି କରାଯାଇଛି। ଏହି ଉପଲକ୍ଷେ ରବିବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକରେ ସତ୍ୟ ମହିମା ଧର୍ମଧାମ ପରିଚାଳନା ପରିଷଦର ସଭାପତି ପବିତ୍ର ମୋହନ ବାବା ସଭାପତିତ୍ୱ କରିଥିଲେ। ସମ୍ପାଦକ ନିତ୍ୟାନନ୍ଦ ବାବା, ପରିଚାଳନା କମିଟି ସଭ୍ୟ ଦୀନବନ୍ଧୁ ବାବା ଓ ଶଙ୍କର ବାବା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି ବରିଷ୍ଠ ସନ୍ୟାସୀମାନଙ୍କ ଉପସ୍ଥିତିରେ ନବାନ୍ନ ପର୍ବର ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଭୋର ସାଢେ ୪ଟା ସମୟରେ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ନବାନ୍ନ ଅର୍ପଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସେହିପରି କୌପୀନଧାରୀ ମହିମା ସମାଜର ଉପଦେଷ୍ଟା ବାବା ରାଜକିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଭାପତି ରଘୁନାଥ ବାବାଙ୍କ ତତ୍ତ୍ୱାବଧାନରେ ନବାନ୍ନ ଉତ୍ସବ ପାଳନ ପାଇଁ ସ୍ଥିର ହୋଇଥିଲା। ଅବିନାଶୀ ବାବା, ସୁଶାନ୍ତ ବାବା ପ୍ରମୁଖଙ୍କ ସମେତ ବରିଷ୍ଠ ସନ୍ୟାସୀମାନେ କାର୍ଯ୍ୟକ୍ରମ ପରିଚାଳନା କରିବାକୁ ନିଷ୍ପତ୍ତି ହୋଇଥିଲା।

## ପଞ୍ଚାୟତ ପରିସରରେ ସ୍ମୃତି ସଭା

ମାଧପୁର,୧୦।୯

୨୦୧୬ ସେପ୍ଟେମ୍ବର ୯ରେ ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀଠାରେ ମହାରାଜା ବସ୍ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ମାଧପୁର ପଞ୍ଚାୟତ ପରିସରରେ ଧବଳେଶ୍ୱର ମେମୋରିଆଲ ଟ୍ରଷ୍ଟ ତଥା କୃଷକ ମହାସଂଘ ଆଠମଲ୍ଲିକ ଶାଖା ତରଫରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ବିଶାଳ ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଆଠମଲ୍ଲିକର ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶ୍ରମିକ ନେତା ବିନୋଦ ପ୍ରଧାନ, ଧବଳେଶ୍ୱର ଟ୍ରଷ୍ଟ ସଭାପତି ଦେବେନ୍ଦ୍ର ପ୍ରଧାନ, ଆଦିତ୍ୟ ପଣ୍ଡା, ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃଷକ ମହାସଂଘର ସହ ସମ୍ପାଦକ ଭାବେ ସଚ୍ଚିଦାନନ୍ଦ ପ୍ରଧାନ ମନୋନୀତ ହୋଇଥିଲେ। ସଂଘ ସମ୍ପାଦକ ଯତୀନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ପ୍ରଧାନ, ହୃଦାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୌରାଞ୍ଚଳ ଆପ୍ କର୍ମୀଙ୍କ ବୈଠକ

ଢେଙ୍କାନାଳ ଅଫିସ,୧୦।୯



ବୈଠକରେ ଯୋଗ ଦେଇଥିବା ଢେଙ୍କାନାଳ ପୌରାଞ୍ଚଳର ଆପ୍ କର୍ମୀ।

ସ୍ଥାନୀୟ ପିପାର କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ଟାରେ ପୌରାଞ୍ଚଳ ଆପ କର୍ମୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲା ଆବାହକ ପଙ୍କଜ ନାୟକ ସଭାପତିତ୍ୱ କରିଥିଲେ। ଢେଙ୍କାନାଳ ନିର୍ବାଚନ ପ୍ରଭାରୀ ଆଶିଷ କୁମାର ମିଶ୍ର ଯୋଗଦେଇ ଦିଲ୍ଲୀରେ ଆପ୍ ସରକାର ପକ୍ଷରୁ ଲୋକଙ୍କୁ ଯୋଗାଯାଉଥିବା ସେବା ସମ୍ପର୍କରେ ପ୍ରତି ୱାର୍ଡରେ ଲୋକଙ୍କୁ ଜଣାଇବା ପାଇଁ ଦଳୀୟ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେବା ଜରୁରୀ ବୋଲି କହିଥିଲେ। ଆସନ୍ତା ରବିବାର ଢେଙ୍କାନାଳ ସଂଖ୍ୟାଲଘୁ ଦଳିତ ଅଧିକାର ମଞ୍ଚର ବୈଠକରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଓ ଦଳିତ ଅଧିକାର ମଞ୍ଚର ରାଜ୍ୟ ଆବାହକ ମାନସ ଜେନା ଯୋଗଦେବେ ବୋଲି ଆପ୍‌ର ସଂଖ୍ୟାଲଘୁ ସେଲ୍ ସମ୍ପାଦକ ନୁରୁଲ ଇସଲାମ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିଚାଳନାଗତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଶାସନ ଓ ପୋଲିସ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ବୈଠକରେ ଚକ୍ରଧର ତରାଇ, ସନ୍ତୋଷ ସେଠୀ, କୁଞ୍ଜବିହାରୀ ଲେଙ୍କା, ପ୍ରିୟରଞ୍ଜନ ଶତପଥୀ, ଅୟସକାନ୍ତ ତ୍ରିପାଠୀ, କବି ନାୟକ, ଅନ୍ତର୍ଯ୍ୟାମୀ ସାହୁ, ସୁନୀଲ ସାହୁ, କାମାକ୍ଷା ବେହେରା, ପ୍ରଦୀପ ବେହେରା, ପ୍ରାଣବନ୍ଧୁ ଓଝା, ପ୍ରସନ୍ନ ଓଝା, ସନ୍ତୋଷ ସାହୁ, ବର୍କତ ଅଲ୍ଲୀ, ଆଜମତ ହୁସେନ, ଆସଲାମ ଖାଁ, ବିଶ୍ୱନାଥ ନାୟକ ଓ ଜନାର୍ଦ୍ଦନ ନନ୍ଦି ପ୍ରମୁଖ ଉପସ୍ଥିତ ଥିଲେ । କାମଦେବ ସେଠି ଧନ୍ୟବାଦ ଦେଇଥିଲେ ।

## ରେଙ୍ଗାଳି ଡ୍ୟାମ୍‌ରୁ ୨ୟ ପର୍ଯ୍ୟାୟ ବନ୍ୟା ଜଳ ନିଷ୍କାସିତ



କଣିହାଁ,୧୦।୯(ଡି.ଏନ.ଏ.)

କଣିହାଁ ବ୍ଲକ ସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ରୁ ସୋମବାର ୨ୟ ପର୍ଯ୍ୟାୟ ବନ୍ୟା ଜଳ ନିଷ୍କାସିତ ହୋଇଛି। ଡ୍ୟାମର ୧୧ ନମ୍ବର ଗେଟ ଖୋଲାଯାଇ ବନ୍ୟା ଜଳ ଛଡାଯାଉଛି। ଡ୍ୟାମ ନିର୍ବାହୀ ଯନ୍ତ୍ରୀ ଅଜିତ୍ ଜେନା କହିଛନ୍ତି, ଡ୍ୟାମର ଜଳ ଧାରଣ କ୍ଷମତା ୧୨୩.୫୦ ମିଟର ରହିଛି। ଗତ ୩ ତାରିଖ ସନ୍ଧ୍ୟାରେ ଗୋଟିଏ ଗେଟ୍ ଖୋଲାଯାଇ ପ୍ରଥମ ପର୍ଯ୍ୟାୟ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ୪ ତାରିଖରେ ଆଉ ଗୋଟିଏ ଗେଟ୍ ଖୋଲାଯାଇଥିଲା। ୫ ତାରିଖରେ ଗୋଟିଏ ଗେଟ ବନ୍ଦ କରାଯାଇଥିବାବେଳେ ଡ୍ୟାମ ତଳ ମୁଣ୍ଡର ବିଭିନ୍ନ ଜିଲାରେ ବନ୍ୟା ଆଶଙ୍କା ନେଇ ୬ ତାରିଖରେ ସମସ୍ତ ଗେଟ ବନ୍ଦ ହୋଇଥିଲା। ଡ୍ୟାମ ଜଳସ୍ତର ବୃଦ୍ଧି ପାଇ ୧୨୪.୧ ମିଟରରେ ପହଞ୍ଚିବାରୁ ୧୧ ନଂ. ଗେଟ୍ ଖୋଲାଯାଇଛି। ଉପର ମୁଣ୍ଡରୁ ଡ୍ୟାମକୁ ୬୮୩ ଘନ ମିଟର ଜଳ ପ୍ରବେଶ କରୁଛି। ଖୋଲାଯାଇଥିବା ୧୧ ନମ୍ବର ଗେଟ ଓ ପାୱାର ହାଉସରୁ ପ୍ରତି ସେକେଣ୍ଡରେ ୨୪୫୦ ଘନ ମିଟର ଜଳ ନିଷ୍କାସିତ ହେଉଛି।

## ରାସ୍ତା ଉପରେ କେନ୍ଦ୍ର ବିରୋଧରେ ନାରାବାଜି

ହିନ୍ଦୋଳ/ଓଡ଼ାପଡା/ଭୁବନ/କାମାକ୍ଷାନଗର/କଙ୍କଡାହାଡ଼/ପରଜଙ୍ଗ/ ସାତମାଇଲ, ୧୦।୯(ଡି.ଏନ.ଏ.)




କାମାକ୍ଷାନଗରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ।

କଂଗ୍ରେସ ପକ୍ଷରୁ ତୈଳ ଦର ବୃଦ୍ଧି ପ୍ରତିବାଦରେ ଦିଆଯାଇଥିବା ବନ୍ଦ ଡାକରା ହିନ୍ଦୋଳ ବ୍ଲକରେ ସଫଳ ହୋଇଥିବା ଦାବି କରାଯାଇଛି। ଗାଡି ଚଳାଚଳ ସହ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସମିତିସଭ୍ୟ ଛବିରାଜ ବିଶ୍ୱାଳ, ପୂର୍ବତନ ବିଧାୟକ ମହେଶ୍ୱର ନାୟକ, ସୁବାସ ପାଳ, ଦାଶରଥି ରଥ, ଡା.ଚୈତନ୍ୟ ସାହୁ ପ୍ରମୁଖ ରାସୋଳ, ବାଲିମୀ ଓ ସାତମାଇଲଠାରେ ଥିବା ପେଟ୍ରୋଲ ପମ୍ପଠାରେ ଧାରଣା ଦେଇଥିଲେ। ଓଡାପଡା ବ୍ଲକର ଅନେକ ସ୍ଥାନରେ ଦୋକାନ ବଜାର, ସ୍କୁଲ, କଲେଜ ବନ୍ଦ ରହିଥିବା ବେଳେ ସରକାରୀ କାର୍ଯ୍ୟାଳୟରେ ଅଳ୍ପ କିଛି ଅଧିକାରୀ ଓ କର୍ମଚାରୀଙ୍କୁ ଦେଖିବାକୁ ମିଳିଥିଲା। ଭୁବନ ନଗର କଂଗ୍ରେସ ସଭାପତି ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରବାଳକାନ୍ତି ସାହୁ, କାମାକ୍ଷାନଗର ଉପଖଣ୍ଡର ଯୁବ କଂଗ୍ରେସ ସଭାପତି ବିନୋଦ ମହାରଣା, ନଗର କଂଗ୍ରେସ ଉପସଭାପତି ତ୍ରିଲୋଚନ ସାହୁ, ସମ୍ପାଦକ ଦୀପକ ସାହୁ, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ପୋଥାଳ, ଯୁବ ଜିଲା ଉପସଭାପତି ବିଶ୍ୱଜିତ ସାହୁ, ନଗର ଯୁବ କଂଗ୍ରେସ ସଭାପତି ଦିବାକର ବେହେରା, ଛାତ୍ର ସଭାପତି ମୋହନ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। କାମାକ୍ଷାନଗର ହନୁମାନ ବଜାରଠାରେ କଂଗ୍ରେସ କର୍ମୀ ରାସ୍ତା ଉପରେ ବସି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। କଂଗ୍ରେସ ଜିଲା ଉପସଭାପତି ପ୍ରଭୁଦତ୍ତ ଭଟ, କାଉନସିଲର ସନ୍ତୋଷ ମହାରଣା, ନରେଶ ମହାରଣା, ରଞ୍ଜିତ ସାହୁ, ଅଯୋଧ୍ୟା ପ୍ରସାଦ ଶତପଥୀ, କମାକ୍ଷା ପ୍ରସାଦ ପଣ୍ଡା, ଦୋଳଗୋବିନ୍ଦ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି କଙ୍କଡାହାଡ଼ ବ୍ଲକରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିମଳ ବେହେରାଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସର ଆବାହକ ଆଦିତ୍ୟ ସେଠ, ୧ନଂ. ଜୋନ ସଭାପତି କାର୍ତ୍ତିକ ନାୟକ, ୨ନଂ. ଜୋନ ସଭାପତି ଦଣ୍ଡଧର ଦେହୁରୀ, ପୂର୍ବତନ ସରପଞ୍ଚ ହେମନ୍ତ କୁମାର ନାୟକ, ବରୁଣ ଦଳବେହେରା, ଅଜିତ ଜେନା, ଡାକ୍ତର ସେଠ, ପ୍ରମୋଦ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ପରଜଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦିଲୀପ କୁମାର ନାଥଙ୍କ ନେତୃତ୍ୱରେ ୨ନଂ. ଜୋନ ସଭାପତି ନଗେନ ବିନାୟକ, ୩ ନଂ. ଜୋନ ସଭାପତି ସୁଧାଂଶୁ ଶତପଥୀ, ରଞ୍ଜିତ ସାହୁ, ସତ୍ୟବାନ ଜେନା, ମନୋଜ ପରିଡ଼ାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ହିନ୍ଦୋଳ କଂଗ୍ରେସ କର୍ମୀମାନେ ସାତମାଇଲ ବଜାର, ରାସୋଳ ବଜାର, ଖଜୁରିଆକଟା ବଜାର, ହିନ୍ଦୋଳ ଟାଉନରେ ପିକେଟିଂ କରି ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଯୁବ କଂଗ୍ରେସ ନେତା ଦିବାକର ନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବନ୍ଦ ସଫଳ: ଏସ୍‌ୟୁସିଆଇ

ଅନୁଗୋଳ ଅଫିସ, ୧୦।୯- ତୈଳ, ରନ୍ଧନ ଗ୍ୟାସ୍ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି ବିରୋଧରେ ଅନୁଷ୍ଠିତ ସର୍ବଭାରତୀୟ ସାଧାରଣ ଧର୍ମଘଟ ଅନୁଗୋଳ ଜିଲାରେ ସଫଳ ହୋଇଥିବା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ଦାବି କରାଯାଇଛି। ସକାଳୁ ଏସ୍‌ୟୁସିଆଇ କର୍ମୀ ଓ ସମର୍ଥକମାନେ ଶୋଭାଯାତ୍ରାରେ ବାହାରି ଜିଲା ମୁଖ୍ୟାଳୟରେ ଥିବା ସମସ୍ତ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ। ଅନୁଗୋଳ ଆଞ୍ଚଳିକ କମିଟି ସମ୍ପାଦକ ବ୍ରଜବନ୍ଧୁ ସାହୁ, ପ୍ରମୋଦ ପ୍ରଧାନ, ନିତ୍ୟାନନ୍ଦ ବେହେରା, ବିଷ୍ଣୁ ସାହୁ, ନିରଞ୍ଜନ ନାୟକ, ବନିତା ସ୍ୱାଇଁ, ନାରାୟଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜରପଡା ଆଞ୍ଚଳିକ କମିଟିର ସମ୍ପାଦକ ସୁବାସ ପ୍ରଧାନ, ଜଳନ୍ଧର ଦେହୁରୀ, ଯୁବ ସଙ୍ଗଠକ ମାନସ ପାଲ, ଭରତ ନାଏକ, ଲମ୍ବୋଦର ପଣ୍ଡାଙ୍କ ନେତୃତ୍ୱରେ ୫୫ ନମ୍ବର ଜାତୀୟ ରାଜପଥରେ ପିକେଟିଂ କରାଯାଇଥିଲା।

### ସିପିଆଇର ପଥପ୍ରାନ୍ତ ସଭା

ଅନୁଗୋଳ ଅଫିସ, ୧୦।୯- ସିପିଆଇ(ଏମ୍.ଏଲ୍.) ଲିବରେସନ ଅନୁଗୋଳ ଜିଲା କମିଟି ସଭାପତି ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଷ୍ଟାଡିୟମ ଗେଟ୍ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ପରେ ଏକ ପଥପ୍ରାନ୍ତ ନାଟକ ମାଧ୍ୟମରେ କେନ୍ଦ୍ରର ଭାଜପା ସରକାରଙ୍କ ବିରୋଧାତ୍ମକ କାର୍ଯ୍ୟକଳାପ ଉପରେ ନାଟକ ପରିବେଷଣ କରିଥିଲେ। ଏଥିସହ ଦଳ ପକ୍ଷରୁ ଏକ ଶୋଭାଯାତ୍ରା ହରିମହୁରୀ ଛକ ଓ ବସ୍‌ଷ୍ଟାଣ୍ଡ ଦେଇ ଯାଇଥିଲା। ଏଥିରେ ମୋଦି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଜିଲା ସାଧାରଣ ସମ୍ପାଦକ ତପନ ମହାନ୍ତି, ଆଇନ ପରାମର୍ଶଦାତା ଦିଲୀପ ରଥ, ମିଥୁନ ବେହେରା, ନାରାୟଣ ବେହେରା, ସୁରେଶ ବେହେରା, ଶଙ୍କର ବେହେରା, ଇନ୍ଦ୍ର ବେହେରା, ଅଶୋକ ବେହେରା, ଟୁନା ଗୋଚ୍ଛାୟତ, ଶିବ ଗୋଚ୍ଛାୟତ ଯୋଗଦେଇଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଆଠମଲ୍ଲିକ, ୧୦।୯(ଡି.ଏନ.ଏ.)- ବିଦ୍ୟୁତ୍ ଆଘାତରେ ଆଠମଲ୍ଲିକ ଥାନା ଅନ୍ତର୍ଗତ କୁଦଗାଁର ନିରଞ୍ଜନ ପ୍ରଧାନ (୨୫)ଙ୍କ ସୋମବାର ମୃତ୍ୟୁ ଘଟିଛି। ଏ ନେଇ ଆଠମଲ୍ଲିକ ପୋଲିସ ନଂ ୯/୧୮ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନିରଞ୍ଜନ ଆଠମଲ୍ଲିକ ସହର ସ୍ଥାନୀୟ ମାଣିକପଥର ସ୍ଥିତ ତାଙ୍କ ସମ୍ପର୍କୀୟ ଦୁଃଶାସନ ଭୁକ୍ତାଙ୍କ ଘରେ ରହି ଶ୍ରମିକ କାମ କରୁଥିଲେ। ଅପରାହ୍ନରେ ସେ ମୋବାଇଲ ଚାର୍ଜ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଭାବେ ତାଙ୍କୁ ଆଠମଲ୍ଲିକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କାଉ ମଡ଼କ ନେଇ ଆତଙ୍କ



ଆଠମଲ୍ଲିକ,୧୦।୯(ଡି.ଏନ.ଏ.)- ଆଠମଲ୍ଲିକ ସହରର ଗଣେଶ ବଜାର ଛକର ଏକ ଜାମୁଗଛ ନିକଟରେ ସକାଳ ସାଢେ ୧୦ଟା ବେଳେ ପ୍ରାୟ ୨୫ଟି କାଉ ମରି ପଡିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଅଞ୍ଚଳରେ ବାର୍ଡ ଫ୍ଲୁ ବ୍ୟାପିଥିବା ଆଶଙ୍କା କରି ସାଧାରଣରେ ଆତଙ୍କ ଖେଳିଯାଇଛି। ଖବରପାଇ ସ୍ଥାନୀୟ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ପ୍ରାଣୀଧନ ଚିକିତ୍ସାଳୟକୁ ଜଣାଇଥିଲେ। ଚିକିତ୍ସାଳୟ ପକ୍ଷରୁ କାଉ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ବିଷ ଜନିତ ପ୍ରକ୍ରିୟାରୁ କାଉଗୁଡିକର ମୃତ୍ୟୁ ଘଟିଥିବା ଡାକ୍ତର ଦୀପକ ଷଡଙ୍ଗୀ ପ୍ରକାଶ କରିଛନ୍ତି। ବାର୍ଡ ଫ୍ଲୁର କୌଣସି ସୂଚନା ମିଳି ନ ଥିବାରୁ ସହରବାସୀ ଆତଙ୍କିତ ନ ହେବାକୁ ସେ ନିବେଦନ କରିଛନ୍ତି।

### ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ, ଜଣେ ଗିରଫ

ବଇଣ୍ଡା, ୧୦।୯(ଡି.ଏନ.ଏ.)- ଠାକୁରଗଡ଼ ଗ୍ରାମରେ ରହୁଥିବା ଟାପଢୋଲ ଗ୍ରାମର ବାବୁଲା ନାଏକ(୬୦)ଙ୍କୁ ଠାକୁରଗଡ଼ ଗ୍ରାମର ସଞ୍ଜୟ ନାୟକ ଓ ତାଙ୍କ ସ୍ତ୍ରୀ ସୁଫଳା ନାୟକ ଠେଙ୍ଗାରେ ଆକ୍ରମଣ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ. ୮୩/୧୮ରେ ଏକ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଛି। ପୋଲିସ କହିଛି, ବାବୁଲା ଠାକୁରଗଡ଼ ଗ୍ରାମରେ ତାଙ୍କ ଝିଅ ଘରେ ରହୁଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ସଞ୍ଜୟ ଓ ସୁଫଳା ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଅନୁଗୋଳରେ ୫ କୋଟିର ବ୍ୟବସାୟ ଠପ୍



- ବନ୍ଦ ସଫଳ ହୋଇଥିବା କଂଗ୍ରେସର ଦାବି
- କର୍ଡନ ଭାଙ୍ଗି ଜିଲାପାଳଙ୍କ ଅଫିସକୁ ପଶିଗଲେ କର୍ମୀ
- ଏସ୍ଏସ୍ ମାର୍ଟ, ଗାନ୍ଧୀ ଛକରେ ଉତ୍ତେଜନା
- ନାଲ୍‌କୋରେ ଉତ୍ପାଦନ ବାଧାପ୍ରାପ୍ତ

ଅନୁଗୋଳ ଅଫିସ, ୧୦।୯

ତୈଳ ଦର ବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ଅନୁଗୋଳ ଜିଲାରେ ବନ୍ଦ ପାଳନ କରାଯାଇଛି। ଗୋଟେ ଦୁଇଟି ସ୍ଥାନରେ ସାମାନ୍ୟ ଉତ୍ତେଜନା ବ୍ୟତୀତ ମୋଟାମୋଟି ଭାବେ ବନ୍ଦ ଶାନ୍ତିପୂର୍ଣ୍ଣ ଥିବା ଓ ସଫଳ ହୋଇଥିବା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଶଙ୍କର ସିନେମା ହଲ ରୋଡରେ ଥିବା ଏସ୍ଏସ୍ ମାର୍ଟ ଓ ଗାନ୍ଧୀଛକ ଏସ୍‌ବିଆଇ ନିକଟରେ ଉତ୍ତେଜନା ଦେଖାଦେଇଥିଲା। ଜଣେ ବ୍ୟବସାୟୀଙ୍କୁ ବିରୋଧ କରିବା ସହ ତାଙ୍କ ଦୋକାନ ବନ୍ଦ କରାଇଥିଲେ। ସେହିପରି କର୍ମଚାରୀମାନେ ଷ୍ଟେଟବ୍ୟାଙ୍କ ଖୋଲୁଥିବା ବେଳେ ତାହାକୁ ମଧ୍ୟ ଦୃଢ଼ ବିରୋଧ କରିଥିଲେ। ଏହି ବନ୍ଦ ଯୋଗୁ ୫ କୋଟି ଟଙ୍କାର କାରବାର ଠପ୍ ହୋଇଯାଇଥିବା ଅନୁଗୋଳ ବଣିକ ସଂଘର ସଭାପତି ଅଶୋକ କୁମାର ଜୈନ୍ ସୂଚନା ଦେଇଛନ୍ତି। ନାଲ୍‌କୋ ପ୍ଲାଣ୍ଟରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି।

ସକାଳ ୬ଟାରୁ କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତାକୁ ଓହ୍ଲାଇଥିଲେ। ଜିଲା ସଭାପତି ବିପ୍ଳବ ଜେନା ଥାନା ଛକରେ ପହଞ୍ଚିବା ପରେ କର୍ମୀମାନେ ବିଭିନ୍ନ ଛକକୁ ଯାଇ ଚକା ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ହୁଲୁରିସିଂହା ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ, ଥାନା ଛକ, ହେମସୁରପଡ଼ା ଛକ, ତୁରଙ୍ଗ, ନାଲ୍‌କୋ, କାଣ୍ଡସର, ବଣଁରପାଳ, ବଡ଼କେରା, ବନ୍ତଳା ଆଦି ପ୍ରମୁଖ ଛକରେ କଂଗ୍ରେସ କର୍ମୀମାନେ ପିକେଟିଂ କରି ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ଏସ୍ଏସ୍ ମାର୍ଟର ବ୍ୟବସାୟୀ ଦୋକାନ ଖୋଲୁଥିବା ଦେଖି କର୍ମୀମାନେ ବିରୋଧ କରିବାରୁ ସମ୍ପୃକ୍ତ ବ୍ୟବସାୟୀ ଦୋକାନ ବନ୍ଦ କରି ଦେଇଥିଲେ। ଗାନ୍ଧୀଛକରେ ଥିବା ଷ୍ଟେଟ ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କ ଖୋଲୁଥିବାରୁ ତାହାକୁ କଂଗ୍ରେସ କର୍ମୀମାନେ ବିରୋଧ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମୁଖ୍ୟ ଫାଟକରେ ପୋଲିସ ଜଗି ରହିଥିଲେ ବି କର୍ମୀମାନେ କର୍ଡନ ଭାଙ୍ଗି ଭିତରକୁ ଧସେଇ ପଶିଯାଇଥିଲେ। ମେଡିକାଲ ଓ ଆମ୍ବୁଲାନ୍ସ ସେବାକୁ ବନ୍ଦରୁ ବାଦ ଦିଆଯାଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ମହିଳା କଂଗ୍ରେସ ସଭାପତି ସସ୍ମିତା ବେହେରା, ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ବେହେରା ଓ ଅମ୍ବିକା ଭଞ୍ଜ, ଜିତେନ୍ଦ୍ର ସାହୁ, ଦିଲୀପ ଦାସ, ସୁକାନ୍ତି ଦାସ, ଗୋପାଳ ନାଥ, ପୂର୍ବତନ ବ୍ଲକ ସଭାପତି ମୋହନ ସାହୁ, ଚିତ୍ତ ରଞ୍ଜନ ନାଏକ, ଜୟନ୍ତ ସାହୁ, ତପନ ପ୍ରଧାନ, ବାମଦେବ ପ୍ରଧାନ, ନିରଞ୍ଜନ କର, ଗଣେଶ୍ୱର ସାହୁ, ସୁଶୀଲ ପ୍ରଧାନ, ରଜତ ଦାଶ ପ୍ରମୁଖ ସାମିଲ ଥିଲେ।

# କଂଗ୍ରେସ କାଉନସିଲରଙ୍କ ଦୋକାନ ଖୋଲା

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ସହରରେ ସୋମବାର ବନ୍ଦ ପାଳନ ବେଳେ କଂଗ୍ରେସ କର୍ମୀମାନେ ସହର ସାରା ପିକେଟିଂ କରୁଥିଲେ। କାଁ ଭାଁ ଖୋଲା ଯାଇଥିବା ଦୋକାନ, ଅଫିସ ଆଦିକୁ ସେମାନେ ଜୋର କରି ବନ୍ଦ କରାଉଥିଲେ। ଏପରିକି ସରକାରୀ ଓ ବେସରକାରୀ ଅଫିସ ମଧ୍ୟରେ ଥିବା କର୍ମଚାରୀଙ୍କୁ ବାହାର କରି ତାଲା ପକାଇ ଦେଉଥିଲେ। ହେଲେ ସହର ମଧ୍ୟରେ ଜଣେ କଂଗ୍ରେସ କାଉନସିଲରଙ୍କ ଏକ ଦୋକାନ ଖୋଲାଥିବା ସକାଳୁ ଦେଖିବାକୁ ମିଳିଥିଲା। ପୌର ପରିଷଦ ୧ ନମ୍ବର ୱାର୍ଡର କାଉନସିଲର ଗୌରୀ ଶଙ୍କର ସେଠୀ ଅମଲାପଡ଼ା ଛକରେ ଥିବା ତାଙ୍କ ଦୋକାନ ଖୋଲା ରଖିଥିଲେ। ପରେ କର୍ମୀମାନେ ପହଞ୍ଚି ତାହାକୁ ବନ୍ଦ କରାଇଥିଲେ। ଏହା ଅନ୍ୟ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା ବିଷୟ ହୋଇଥିଲା।

**ଦେଖାଦେଲେନି ନଗରପାଳ:** ଅନୁଗୋଳରେ ଦଳୀୟ ନେତା ଓ କର୍ମୀମାନେ ବନ୍ଦ ପାଳନ କରୁଥିବା ବେଳେ ବରିଷ୍ଠ ନେତା ତଥା ପୌରପରିଷଦ ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କୁ ଆନ୍ଦୋଳନକାରୀଙ୍କ ସହ ଦେଖିବାକୁ ନ ମିଳିବା ସହରବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। କେଉଁ କାରଣରୁ ସାମନ୍ତ ଏହି ଆନ୍ଦୋଳନରୁ ଦୂରେଇ ରହିଲେ ତାହା ଜଣାପଡ଼ି ନ ଥିଲେ ବି ଏହାକୁ ନେଇ ନାନା କଥା ଶୁଣାଯାଉଛି।

**ଚାଲି ଚାଲି ଗଲେ ପ୍ରଶାସନିକ ଅଧିକାରୀ:** ବନ୍ଦକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟାଳୟକୁ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ଅନୁଗୋଳ ଏଡିଏମ୍ ତପନ କୁମାର ଶତପଥୀଙ୍କ ସମେତ ଉପଜିଲାପାଳ ବାସୁଦେବ ଶତପଥୀ, ପ୍ରକଳ୍ପ ଉନ୍ନୟନ ଅଧିକାରୀ ଅତୁଲ୍ୟ କୁମାର ଚମ୍ପତିରାୟ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ ଚାଲିକରି ଯାଇଥିଲେ।

**ପାଣି ଟାଙ୍କି ତଳେ ଛିଡ଼ା ହେଲେ କର୍ମଚାରୀ:** ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ କଂଗ୍ରେସ କର୍ମୀମାନେ କର୍ମଚାରୀଙ୍କୁ ଛାଡ଼ି ନ ଥିଲେ। ଫଳରେ ସେମାନେ କାର୍ଯ୍ୟାଳୟ ପରିସରରେ ଥିବା ପାଣି ଟାଙ୍କି ତଳେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ପରେ ସେଠାରେ ଠିଆ ହେବା ପରେ ସମ୍ପୃକ୍ତ କର୍ମଚାରୀମାନେ ଘରକୁ ଚାଲିଯାଇଥିଲେ।

**କର୍ମଚାରୀଙ୍କୁ ବିଦା କଲେ କର୍ମୀ:** ଅନୁଗୋଳ ତହସିଲ ସମେତ ଜିଲା ପ୍ରକଳ୍ପ ଉନ୍ନୟନ କାର୍ଯ୍ୟାଳୟ, ଶ୍ରମିକ ସଂଘରେ କର୍ମଚାରୀମାନେ କାର୍ଯ୍ୟ କରୁଥିଲେ। ଏହି ସମୟରେ ମହିଳା, ଯୁବ ଓ ଛାତ୍ର କଂଗ୍ରେସର କର୍ମୀମାନେ ସେଠାରେ ପ୍ରବେଶ କରି ସମସ୍ତ କର୍ମଚାରୀଙ୍କୁ ବିଦା କରିଦେଇଥିବା ଦେଖିବାକୁ ମିଳିଥିଲା।

**ଅସୁସ୍ଥ ହେଲେ ଜିଲା ସଭାପତି:** ଅନୁଗୋଳ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା ଆନ୍ଦୋଳନ ପରେ ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ନାଲ୍‌କୋ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡ଼ି ଦିଆଯାଇଥିଲା। ଦେହରେ ଜଳୀୟ ଅଂଶ କମିଯିବାରୁ ସଭାପତି ଅସୁସ୍ଥ ହୋଇପଡ଼ିଥିବା ଡାକ୍ତର ସୂଚନା ଦେଇଥିଲେ।

# କୋଲ୍ ଫିଲ୍ଡସ୍‌ରେ ଅଚଳାବସ୍ଥା



ଆଠମଲ୍ଲିକରେ ଚାଲିଛି ଆନ୍ଦୋଳନ।

ତାଳଚେର/ଛେଣ୍ଡିପଦା/ ମାଧପୁର/ବଇଣ୍ଡା/କଣିହାଁ/ବନ୍ତଳା/ବଣଁରପାଳ/ଆଠମଲ୍ଲିକ/ପାଲଲହଡ଼ା/ ପବିତ୍ରନଗର, ୧୦।୯(ଡି.ଏନ.ଏ.)

କଂଗ୍ରେସର ବନ୍ଦ ଆନ୍ଦୋଳନ ଯୋଗୁ ତାଳଚେର କୋଲ୍ ଫିଲ୍ଡସରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏମ୍‌ସିଏଲ୍‌ର ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ ଓ କଣିହାଁ ଖଣି ସମେତ ୮ଗୋଟି ଖଣିର ସମସ୍ତ କାର୍ଯ୍ୟ ସହ ଉତ୍ତୋଳନ, ପରିବହନ ଠପ୍ ହୋଇଯାଇଥିଲା। କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ବେହେରା, ବ୍ଲକ ସଭାପତି ହାଡିବନ୍ଧୁ ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ରାଜକିଶୋର ସାହୁ ଓ ଅନ୍ୟମାନେ ଦୋକାନବଜାର, ଅଫିସ ଆଦି ବନ୍ଦ କରାଇଥିଲେ। ଛେଣ୍ଡିପଦା ବ୍ଲକ କଂଗ୍ରେସ ସଭାପତି ଅଜିତ୍ କୁମାର ପ୍ରଧାନଙ୍କ ନେତୃତ୍ୱରେ ନରୋତ୍ତମ ନାଏକ, ସୁଦୀପ୍ତ ପ୍ରଧାନ, ଦିଲୀପ କୁମାର ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇ ବନ୍ଦ ପାଳନ କରିଥିଲେ। ମାଧପୁରରେ କଂଗ୍ରେସ ନେତା ମକୁନ୍ଦ ପ୍ରଧାନଙ୍କ ନେତୃତ୍ୱରେ କୁନାଚରଣ ରଥ, ମହେନ୍ଦ୍ର ସାହୁ ପ୍ରମୁଖ ବନ୍ଦ ପାଳନ କରିଥିଲେ। କିଶୋରନଗର ବ୍ଲକ ବଇଣ୍ଡାଠାରେ ବ୍ଲକ କଂଗ୍ରେସ ସଭାପତି ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ତପନ ମହାନ୍ତି, ଜୟାନନ୍ଦ ସାହୁ, ମନୋଜ ସିଂ, ମାଧବ ସାହୁଙ୍କ ସମେତ ବହୁ କର୍ମୀ ବନ୍ଦ ପାଳନ କରିଥିଲେ। ବାମୁର, ଠାକୁରଗଡ଼ଠାରେ ପଞ୍ଚାୟତ କଂଗ୍ରେସ ସଭାପତି ଅନାମ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ଗୌରାଙ୍ଗ ଖୁଣ୍ଟିଆ, ଭଗବାନ ସାହୁ ପ୍ରମୁଖ ବଇଣ୍ଡା-ଆଠମଲ୍ଲିକ ରାସ୍ତା ଅବରୋଧ କରିଥିଲେ। କଣିହାଁ ବ୍ଲକ କଂଗ୍ରେସ କମିଟି ସଦସ୍ୟମାନେ ଏନ୍‌ଟିପିସି ବାଇପାସ ଛକରେ ମିଳିତ ପ୍ରତିବାଦ କରିଥିଲେ। ରେଙ୍ଗାଳି, ସମଲଠାରେ ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଫକିର ସାମଲ, ଦେବଦତ୍ତ ପ୍ରଧାନ, ସନାତନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ବନ୍ତଳା ଛକରେ ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ମୋହନ ସାହୁ, ବଂଶୀଧର ପ୍ରଧାନ, ଆରସିଏମସି ସଭାପତି ଚିତ୍ତରଞ୍ଜନ ନାଏକଙ୍କ ସମେତ ଦଳୀୟ କର୍ମୀ ଯୋଗ ଦେଇଥିଲେ। ବଣଁରପାଳ ଓ ନାଲ୍‌କୋ ଅଞ୍ଚଳରେ ମଧ୍ୟ ବନ୍ଦ ପାଳନ କରାଯାଇଥିଲା। ଆଠମଲ୍ଲିକ ନଗର କଂଗ୍ରେସ ସଭାପତି ଇଂ. କମଳାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ପିସିସି ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ସମ୍ପାଦକ ଦେବବ୍ରତ ପ୍ରଧାନ, ମାଷ୍ଟରକୋଟ୍ ଜିତେନ୍ଦ୍ର କୁମାର ମୁଖୀ, ଯୁବ କଂଗ୍ରେସ ସଭାପତି ଅନିଲ କୁମାର ପାଣିଗ୍ରାହୀ, ଉପସଭାପତି ଘନଶ୍ୟାମ ମହାପାତ୍ର, ଆଇନଜୀବୀ ଆର୍ଯ୍ୟଭଞ୍ଜ ମହାନନ୍ଦିଆ, ସୁଧାଂଶୁ ଶତପଥୀ, ଅଜିତ କୁମାର ମହାନ୍ତି, ଯୁବନେତା ଯୁବିନ ଆର୍ଯ୍ୟବର୍ତ୍ତ ଷଡଙ୍ଗୀ ପ୍ରମୁଖ ଆନ୍ଦୋଳନରେ ଯୋଗ ଦେଇଥିଲେ। ପାଲଲହଡ଼ାଠାରେ କଂଗ୍ରେସ କର୍ମୀମାନେ ୧୪୯ ଓ ୪୯ ନଂ. ଜାତୀୟ ରାଜପଥର ଫପଣ୍ଡ ଓ କନ୍ତଲାଠାରେ ଅବରୋଧ କରିଥିଲେ। ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ସୁବ୍ରତ କୁମାର ଗଡ଼ନାୟକ, ବ୍ଲକ କଂଗ୍ରେସ ସଭାପତି ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକ ପବିତ୍ରନଗର ଓ ସମଲଠାରେ ବନ୍ଦ ପାଳନ କରାଯାଇଥିଲା। ଯୁବନେତା ସୁବ୍ରତ ଗଡ଼ନାୟକ, ମାନସ ରଞ୍ଜନ ପ୍ରଧାନ, ରସନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ବଇଣ୍ଡାଠାରେ କଂଗ୍ରେସ କର୍ମୀମାନେ ରାସ୍ତା ଉପରେ ଆନ୍ଦୋଳନ କରୁଛନ୍ତି।

■ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ସନ୍ଧ୍ୟାହେଲେ ବହିର୍ବିଭାଗରେ ତାଲା

ବନ୍ତଳା, ୧୦।୯ (ଡି.ଏନ.ଏ)

ଅନୁଗୋଳ ବ୍ଲକ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁନାହାନ୍ତି ଆଟେଣ୍ଡାଣ୍ଟ। ସନ୍ଧ୍ୟା ହେଲା ମାତ୍ରେ ମେଡିକାଲରେ ସେମାନଙ୍କ ଦେଖା ଦର୍ଶନ ମିଳୁନି। ଡାକ୍ତରଖାନା ବହିର୍ବିଭାଗ ଗୃହରେ ତାଲା

- ଆଟେଣ୍ଡାଣ୍ଟଙ୍କ ମନମୁଖି କାମ
- ରୋଗୀ ହଇରାଣ, ବିଭାଗ ଜାଣି ନୀରବ

ପକାଇ ମନଇଚ୍ଛା ଘରକୁ ପଳାଉଥିବା ଅଭିଯୋଗ ହୋଇଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

୩୪ଟି ପଞ୍ଚାୟତକୁ ନେଇ ନିର୍ମିତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ ନିର୍ଭର କରନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଦେଇ ୫୫ ନମ୍ବର ଜାତୀୟ ରାଜପଥ, ସମ୍ବଲପୁର ପୂର୍ତ୍ତ ବିଭାଗ ରାସ୍ତା ଯାଇଛି। ତେଣୁ ସମସ୍ତ ପଞ୍ଚାୟତବାସୀଙ୍କ ସମେତ ଏହି ରାସ୍ତାରେ ଦୁର୍ଘଟଣାରେ ଆହତମାନେ ମଧ୍ୟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ଏପରିସ୍ଥଳେ ଡାକ୍ତରଖାନାରେ ନିଯୁକ୍ତ ହୋଇଥିବା ଆଟେଣ୍ଡାଣ୍ଟଙ୍କ



ମନମୁଖି କାମ ଯୋଗୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆହତଙ୍କୁ ପ୍ରାଥମିକ ଚିକିତ୍ସା ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହିବାକୁ ଏଠାରେ ୪ ଜଣ ଆଟେଣ୍ଡାଣ୍ଟ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ଡ୍ୟୁଟି ସକାଳ ୮ଟାରୁ ଅପରାହ୍ନ ୨ଟା ଓ ଅପରାହ୍ନ ୨ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ରହିଛି। ସେମାନଙ୍କ ପାଇଁ ୪ଟି ନୂତନ କ୍ୱାର୍ଟର୍ସ ମଧ୍ୟ ଦିଆଯାଇଛି। ହେଲେ ସନ୍ଧ୍ୟା ହେବାମାତ୍ରେ କେହି ବି ସ୍ୱାସ୍ଥ୍ୟକେନ୍ଦ୍ରରେ ନ ରହି ବହିର୍ବିଭାଗରେ ତାଲା ପକାଇ ଘରକୁ ପଳାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏ ନେଇ ଜାଣୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଗୁରୁତର ରୋଗୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗତ ଶୁକ୍ରବାର ସନ୍ଧ୍ୟାରେ ସାନକନ୍ତକୁଳ ଗ୍ରାମର ସଂଗ୍ରାମ ସାହୁ ଦୁର୍ଘଟଣାରେ ଆହତ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ଆଟେଷ୍ଟାଣ୍ଡ ବହିର୍ବିଭାଗ ଗୃହ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଫାର୍ମାସିଷ୍ଟ ହରିଶ୍ଚନ୍ଦ୍ର ପାଳ ଡ୍ରେସିଂ କରିଥିଲେ। ତୁରନ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏଠାରୁ ବଦଳି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଘନଶ୍ୟାମ ବେହେରାଙ୍କ ମୋବାଇଲ ନମ୍ବର ୯୪୩୯୯୮୨୭୭୨କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

# ବଣଁରପାଳ ବ୍ଲକରେ ଦଲାଲ ରାଜ

ବଣଁରନାଳ, ୧୦।୯(ଡି.ଏନ.ଏ.)

ବଣଁରପାଳ ବ୍ଲକରେ ଦିନକୁ ଦିନ କୁଜି ନେତା ଓ ଦଲାଲ ରାଜ ବୃଦ୍ଧି ନେଇ ଅସନ୍ତୋଷ ଦେଖାଦେଇଛି। ବହୁ ସମୟରେ ସେମାନେ ଇନ୍ଦିରାବାସ, ବିଜୁ ପକ୍କାଘର, ରାସ୍ତା ନିର୍ମାଣ ଆଦିରେ ହସ୍ତକ୍ଷେପ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିଯୋଗୁ ବିଭିନ୍ନ ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟଙ୍କୁ ସାମିଲ କରାଯାଉ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭିନ ପାଣ୍ଠିରେ ହେଉଥିବା କାର୍ଯ୍ୟ ନିମ୍ନମାନର କରାଯାଉଥିଲେ ମଧ୍ୟ ବିନା ତଦନ୍ତରେ ସେମାନଙ୍କ ବିଲ ପାସ୍ କରାଯାଉଛି। ଏହିପରି ଦୁର୍ନୀତି ପଛରେ ଜନୈକ ସମବାୟ ସମିତି ସମ୍ପାଦକଙ୍କ ହାତ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦଲାଲ ଓ ସମ୍ପାଦକଙ୍କ ବିରୋଧରେ କୌଣସି ଅଧିକାରୀ ମୁହଁ ଖୋଲିଲେ ତାଙ୍କୁ ଅନ୍ୟତ୍ର ବଦଳି କିମ୍ବା ଚାକିରିରୁ ନିଲମ୍ବିତ କରାଯିବାର ଧମକ ଦିଆଯାଉଥିବା କିଛି ଅଧିକାରୀ ଗୋପନରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବଣଁରପାଳ ବିଡିଓ ଦାୟିତ୍ୱରେ ଥିବା ଜିତେନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବାରେ କହିଥିଲେ, ପୂର୍ବରୁ ବ୍ଲକରେ ଦଲାଲଗିରି ଚାଲିଥିବା ମୋ ପାଖରେ ଖବର ଅଛି। ଯେହେତୁ ନୂତନ ଭାବେ ଦାୟିତ୍ୱ ନେଇଛି ଏଥିପ୍ରତି ଆଗାମୀ ଦିନରେ ସଜାଗ ରହିବା ସହ ଗରିବ ଲୋକେ କିଭଳି ଦଲାଲଙ୍କ ଶିକାର ନ ହୋଇ ସରକାରୀ ଯୋଜନାର ସୁଫଳ ପାଇବେ ସେଥିପ୍ରତି ଦୃଷ୍ଟି ଦେବି ବୋଲି ସେ କହିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ଜଗନ୍ନାଥ



@ ସାହିଲ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ମହିଳାଙ୍କ ମୁହଁରେ ଲୋମ ଓ ପ୍ରଜନନଜନିତ ସମସ୍ୟା

ଡା. ଅକ୍ଷୟ ମହାପାତ୍ର



ଯେକୌଣସି ମହିଳାଙ୍କ ପାଇଁ ମୁଖରେ କେଶ ସମସ୍ୟା ଲଜ୍ଜାଜନକ, ଅବସାଦ ପରିସ୍ଥିତି ସୃଷ୍ଟି କରିଥାଏ। ବହୁ ଅଧ୍ୟୟନ ଏବଂ ଗବେଷଣାରୁ ଜଣାଯାଇଛି ଯେ, ୨୦୦ ଲକ୍ଷରୁ ଅଧିକ ମହିଳାଙ୍କ କ୍ଷେତ୍ରରେ ହିରସ୍ୟୁଟିଜିମ୍ (ମହିଳାଙ୍କ ଶରୀରରେ ଅତ୍ୟଧିକ କେଶ) ଦେଖାଯାଇଥାଏ । ଏହା ସେମାନଙ୍କ ଲୁକ୍ ଏବଂ ସୌନ୍ଦର୍ଯ୍ୟ ଉପରେ ପ୍ରଭାବ ପକାଇବା ବ୍ୟତୀତ ଏହି ପରିସ୍ଥିତି ବିଭିନ୍ନ ପୁଷ୍ଟିଗତ ସମସ୍ୟା ଏବଂ ବନ୍ଧ୍ୟାତ୍ୱ ସମସ୍ୟାର ସୂଚନା ମଧ୍ୟ ପ୍ରଦାନ କରିଥାଏ। ଉକ୍ତ ପରିସ୍ଥିତି ଯେକୌଣସି ହରମୋନ୍‌ଜନିତ ଅସନ୍ତୁଳନତା କିମ୍ବା ଅତ୍ୟଧିକ ହରମୋନ୍ ଉତ୍ପନ୍ନ ଯୋଗୁ ବୃଦ୍ଧି ପାଉଥିବା ଟ୍ୟୁମରର ସୂଚନା ପ୍ରଦାନ କରିଥାଏ।

ହିରସ୍ୟୁଟିଜିମ୍ ସମସ୍ୟା ପୁରୁଷ ହରମୋନ୍ ଟେଷ୍ଟୋଷ୍ଟେରନର ଅତ୍ୟଧିକ କ୍ଷରଣ ପାଇଁ ହୋଇଥାଏ । ହାଲୁକା ଏବଂ ନରମ ଫେସିଆଲ



ହେୟାରର ଉପସ୍ଥିତି କିଛି ମହିଳାଙ୍କ କ୍ଷେତ୍ରରେ ସାଧାରଣ ହୋଇଥିଲେ ମଧ୍ୟ ଗାଢ଼ ତଥା ମୋଟା କେଶ ହରମୋନ୍‌ଜନିତ ଅସନ୍ତୁଳନତାକୁ ଦର୍ଶାଇଥାଏ, ଯାହା ସମସ୍ୟା ସୃଷ୍ଟି କରିପାରେ । ମୁଖର ଥୋଡ଼ି, ତଳିପେଟ କିମ୍ବା ପଛ ପାଖରେ ଅଧିକ ଲୋମ ଥିବା ମହିଳାଙ୍କ ପାଖରେ ଅତ୍ୟଧିକ ପୁରୁଷ ହରମୋନ୍ ଆନ୍‌ଡ୍ରୋଜେନର ଉପସ୍ଥିତିକୁ ଦର୍ଶାଇଥାଏ, ଯାହା ଆଡ୍ରେନାଲ କିମ୍ବା କିଛି ଅଣ୍ଡକୋଷଜନିତ ରୋଗ ଦ୍ୱାରା ଉତ୍ପନ୍ନ ହୋଇଥାଏ । ଏହିପରି ପରିସ୍ଥିତି ମୋଟାପଣ ଏବଂ ଗର୍ଭଧାରଣ କ୍ଷମତା କମ୍ କରିବାରେ ସହାୟକ ହୋଇଥାଏ, ଯାହା ସାଧାରଣ ଭାବେ ଗର୍ଭଧାରଣରେ ବାଧା ସୃଷ୍ଟି କରିଥାଏ । ପଲିସିଷ୍ଟିକ ଓଭାରିଆନ ସିନ୍‌ଡ୍ରୋମ (ପିସିଓଏସ୍) ଏପରି ଏକ ସମସ୍ୟା, ଯାହା ମହିଳାଙ୍କ ମୁହଁରେ କେଶ ବୃଦ୍ଧି, ଡାଇବେଟିସ୍ ଏବଂ କାର୍ଡିଆକ୍ ସମସ୍ୟା ସହିତ ଅଧିକମାତ୍ରାରେ ଜଡିତ ରହିଥାଏ । ପିସିଓଏସ୍ ଅତ୍ୟଧିକ ଆନ୍‌ଡ୍ରୋଜେନର ଉପବିଭାଗ, ଯାହା ମହିଳାଙ୍କ କ୍ଷେତ୍ରରେ ହରମୋନ୍‌ଜନିତ ଅନିୟମିତତାର କାରଣ ଏବଂ ଜର୍ଜିଆ ହେଲ୍‌ଥ ସାଇନ୍ସ ୟୁନିଭର୍ସିଟିର ଗବେଷଣା ଅନୁଯାୟୀ ଏହା ପାଖାପାଖି ୧୦ ପ୍ରତିଶତ ମହିଳାଙ୍କ ଉପରେ ପ୍ରଭାବ ପକାଇଥାଏ । ହିରସ୍ୟୁଟିଜିମ ଏକ ଗୁରୁତ୍ୱପୂର୍ଣ୍ଣ ଚିହ୍ନ। ଏହା ଦର୍ଶାଇଥାଏ ଯେ, ମହିଳାଙ୍କ କ୍ଷେତ୍ରରେ ଅତ୍ୟଧିକ କେଶ ବୃଦ୍ଧି ହେତୁ ମେଟାବୋଲିକ ଅନିୟମିତତା,



> ମୁଖର ଥୋଡ଼ି, ତଳିପେଟ କିମ୍ବା ପଛ ପାଖରେ ଅଧିକ ଲୋମ ଥିବା ମହିଳାଙ୍କ ପାଖରେ ଅତ୍ୟଧିକ ପୁରୁଷ ହରମୋନ ଆନ୍‌ଡ୍ରୋଜେନର ଉପସ୍ଥିତିକୁ ଦର୍ଶାଇଥାଏ, ଯାହା ଆଡ୍ରେନାଲ କିମ୍ବା କିଛି ଅଣ୍ଡକୋଷଜନିତ ରୋଗ ଦ୍ୱାରା ଉତ୍ପନ୍ନ ହୋଇଥାଏ । ଏହିପରି ପରିସ୍ଥିତି ମୋଟାପଣ ଏବଂ ଗର୍ଭଧାରଣ କ୍ଷମତା କମ୍ କରିବାରେ ସହାୟକ ହୋଇଥାଏ, ଯାହା ସାଧାରଣଭାବେ ଗର୍ଭଧାରଣରେ ବାଧା ସୃଷ୍ଟି କରିଥାଏ...

ଇନ୍‌ସୁଲିନର ରେଜିଷ୍ଟାଣ୍ଟ ଏବଂ ହୃଦ୍‌ରୋଗ ଇତ୍ୟାଦି ସମସ୍ୟା ସୃଷ୍ଟି ହୋଇପାରେ । ହାଇପର ଆଣ୍ଡ୍ରୋଜିନିଜମ୍‌ର ଓଭାରିଆନ କାରଣଗୁଡିକ ହେଉଛି ପିସିଓଏସ୍, କନ୍‌ଜେନେଟାଲ ଆଡ୍ରେନାଲ ହାଇପରପ୍ଲେସିଆ (ସିଏଚ୍‌ଏ) ଏବଂ ଅଣ୍ଡକୋଷ ଟ୍ୟୁମର। ଅନେକ କ୍ଷେତ୍ରରେ ଏହାର କାରଣଗୁଡିକ ଜଣା ପଡିନଥାଏ ଏବଂ ଯୌବନାବସ୍ଥା ପରେ ଏଷ୍ଟ୍ରୋଜେନ୍‌ର କ୍ଷରଣ କମ ହେବା ଏବଂ ଟେଷ୍ଟୋଷ୍ଟେରନର ଅତ୍ୟଧିକ ଉତ୍ପନ୍ନ ଦ୍ୱାରା ଧୀରେ ଧୀରେ ବୃଦ୍ଧି ପାଇଥାଏ ।

## କାରଣ

**ଆନୁବଂଶିକ:** ଏପରି ପରିସ୍ଥିତିରେ ପାରିବାରିକ ଇତିହାସ ବୃହତ୍ ସମସ୍ୟା ସୃଷ୍ଟି କରିଥାଏ । ତ୍ୱଚା ସମ୍ବେଦନଶୀଳତା ଅନ୍ୟ ଏକ ଆନୁବଂଶିକ ସମସ୍ୟା, ଯାହା ଦ୍ୱାରା ନିମ୍ନସ୍ତରର ଟେଷ୍ଟୋଷ୍ଟେରନ ଦ୍ୱାରା କୋର୍ସ ଏବଂ ମୋଟା କେଶର ବୃଦ୍ଧି ହୋଇଥାଏ ।

**ପଲିସିଷ୍ଟିକ ଓଭାରିଆନ ସିନ୍‌ଡ୍ରୋମ (ପିସିଓଏସ):** ପିସିଓଏସ ଥିବା ମହିଳାଙ୍କ କ୍ଷେତ୍ରରେ ଅଧିକ ଫେସିଆଲ ହେୟାର ରହିଥିବା ଦେଖାଯାଇଥାଏ ଏବଂ ଏହା ବହୁ କ୍ଷେତ୍ରରେ ସାଧାରଣ କାରଣ ଏବଂ ଖରାପ ପ୍ରଜନନ ଜନିତ ସ୍ୱାସ୍ଥ୍ୟ ଅବସ୍ଥାର ସୂଚନା ମଧ୍ୟ ପ୍ରଦାନ କରିଥାଏ । ପିସିଓଏସ୍ ଦ୍ୱାରା ଅଣ୍ଡକୋଷରେ ବହୁ କ୍ଷୁଦ୍ର ସିଷ୍ଟ ବିକଶିତ ହେବା ସହିତ ଅତ୍ୟଧିକ ମାତ୍ରାରେ ପୁରୁଷ ହରମୋନର ଉତ୍ପନ୍ନ ଦ୍ୱାରା ଅନିୟମିତ ଓଭ୍ୟୁଲେସନ, ଋତୁସ୍ରାବଜନିତ ଅନିୟମିତତା ଏବଂ ମୋଟାପଣ ଇତ୍ୟାଦି ସମସ୍ୟା ଦେଖାଯାଇଥାଏ ।

**ଅଣ୍ଡକୋଷଜନିତ ଟ୍ୟୁମର :** କିଛି କ୍ଷେତ୍ରରେ ଆଣ୍ଡ୍ରୋଜେନ ଦ୍ୱାରା ଉତ୍ପନ୍ନ ହେଉଥିବା ଓଭାରିଆନ ଟ୍ୟୁମର ଦ୍ୱାରା ହିରସ୍ୟୁଟିଜିମ୍ ସୃଷ୍ଟି ହୋଇଥାଏ ଏବଂ ଏହା ମଧ୍ୟ ଟ୍ୟୁମରର ତୀବ୍ର ବୃଦ୍ଧିରେ ସହାୟକ ହୋଇଥାଏ । ଏହା ମହିଳାଙ୍କ ମଧ୍ୟରେ ବିଭିନ୍ନ ପୁରୁଷଭିତ୍ତିକ କାର୍ଯ୍ୟକଳାପ ବୃଦ୍ଧି କରିବା ସହିତ ଗଭୀର କଣ୍ଠ ଏବଂ ବର୍ଦ୍ଧିତ କ୍ଲିଟୋରିସ ସୃଷ୍ଟି କରିଥାଏ ।

**ଆଡ୍ରେନାଲ ଅନିୟମିତତା :** ଆଡ୍ରେନାଲ ଗ୍ରନ୍ଥି ଯାହା ପ୍ରତ୍ୟେକ କିଡ୍‌ନୀର ଉପରିଭାଗରେ ଉପସ୍ଥିତ, ତାହା ମଧ୍ୟ ଆଣ୍ଡ୍ରୋଜେନ୍ ସୃଷ୍ଟି କରିଥାଏ । ଏହି ଗ୍ରନ୍ଥିଗୁଡିକର ଅଣସଠିକ କାର୍ଯ୍ୟକଳାପ ହିରସ୍ୟୁଟିଜମର ପରିଣାମ ଦେବା ସହିତ ଆନୁବଂଶିକ ଅନିୟମିତତା ତଥା କନ୍‌ଜେନେଟିଆଲ ଆଡ୍ରେନାଲ ହାଇପରପ୍ଲାସିଆ (ସିଏଚଏ)ର ସୃଷ୍ଟି କରିଥାଏ । ମହିଳାଙ୍କ କ୍ଷେତ୍ରରେ ଫେସିଆଲ ହେୟାର ସେମାନଙ୍କ ପ୍ରଜନନ ପ୍ରକ୍ରିୟାରେ ବିଭିନ୍ନ ସମସ୍ୟା ତଥା ପିସିଏଏସ୍, ସିଏଚ୍‌ଏ, ୟୁଟ୍ରେଇନ ପଲିପ୍ସର ସୂଚନା ପ୍ରଦାନ କରିଥାଏ, ଯାହା ଗର୍ଭଧାରଣରେ ବାଧାସୃଷ୍ଟି କରିବାର ଏକ ମୂଳ କାରଣଭାବେ ପରିଲକ୍ଷିତ ହୋଇଥାଏ ।

## ଡାକ୍ତର କିପରି ବିଶ୍ଳେଷଣ କରିବେ

**ପାରିବାରିକ ଇତିହାସ :** ଡାକ୍ତରମାନେ ଯୌବନପ୍ରାପ୍ତିର ବୟସ, ବୃଦ୍ଧି ପ୍ରକ୍ରିୟାର ହାର (ଶୀଘ୍ର କିମ୍ବା ଧୀର), ଅନ୍ୟାନ୍ୟ ଲକ୍ଷଣ ତଥା ଅନିୟମିତ ଋତୁସ୍ରାବ, ସ୍ତନ୍ୟରେ ଟିସୁର କ୍ଷୟ, ଲିବିଡିଓର ବୃଦ୍ଧି, ଓଜନ ହାସଲ କରିବାର ଇତିହାସ ଏବଂ ଡାଇବେଟିସର ପରୀକ୍ଷଣ କରିବା ଆବଶ୍ୟକ। ଓଭାରିଆନ ଓଜନ ପାଇଁ ତଳିପେଟର ପାପଲିଟେସନ ପରୀକ୍ଷଣ ମଧ୍ୟ କରିବା ଆବଶ୍ୟକ । ବହୁ ସେରମ ପ୍ରସ୍ତୁତକାରୀ ପରୀକ୍ଷଣ ହୋଇପାରେ।

**ଟେଷ୍ଟୋଷ୍ଟେରନ :** ଯଦି ଉକ୍ତ ସ୍ତର ସାଧାରଣ ସ୍ତରଠାରୁ ଅଳ୍ପ ପରିମାଣରେ ବୃଦ୍ଧି ପାଇଥାଏ, ତେବେ ପାଥୋଲୋଜି ପିସିଓଏସ୍ କିମ୍ବା ସିଏଚ୍‌ଏର ସୂଚନା ପ୍ରଦାନ କରିଥାଏ । ଯଦି ଭିନ୍ନତା ସାଧାରଣଠାରୁ ବହୁମାତ୍ରାରେ ଅଧିକ ହୋଇଥାଏ, ତେବେ ଏହା ମାଲିଗାଣ୍ଟ ଓଭାରିଆନ ଟ୍ୟୁମରର ସୂଚନା ପ୍ରଦାନ କରିଥାଏ ।

**ପୋଜିଷ୍ଟେରନ :** ଏହି ପରୀକ୍ଷଣଟି ସିଏଚ୍‌ଏର ଚିହ୍ନଟ ପାଇଁ ଋତୁସ୍ରାବ ସମୟର ପ୍ରାଥମିକ ଫଲିକୁଲାର ଫେଜରେ କରାଯାଇଥାଏ । ଏଲଏଚ କିମ୍ବା ଏଫ୍‌ଏସ୍‌ଏଚ୍ ଉଚ୍ଚ ମାତ୍ରାର ହରମୋନ ପିସିଓଏସ୍‌ର ସୂଚନା ପ୍ରଦାନ କରିଥାଏ ।

**ପ୍ରୋଲାକ୍ଟିନ :** ଯଦି ଏହି ହରମୋନର ସ୍ତର ବୃଦ୍ଧି ପାଇଛି ବୋଲି ଦେଖାଯାଏ, ତେବେ ରୋଗୀ ହାଇପର ପ୍ରୋଲାକ୍ଟିନେମିଆରେ ଆକ୍ରାନ୍ତ ବୋଲି ଆଶଙ୍କା କରାଯାଏ ।

**ସେରମ ଟିଏସ୍‌ଏଚ୍ :** ନିମ୍ନ ପରିମାଣର ଥାଇରଏଡ୍ ବୃଦ୍ଧି କରୁଥିବା ହରମୋନ ହାଇପୋଥାଇରୋଡିଜିମ ସୃଷ୍ଟି କରିବା ସହିତ ମହିଳାଙ୍କ କ୍ଷେତ୍ରରେ ପ୍ରଜନନ ଜନିତ ସମସ୍ୟାର କାରଣ ହୋଇଥାଏ ।

**ହିରସ୍ୟୁଟିଜମ୍ ଏବଂ ବନ୍ଧ୍ୟାତ୍ୱର ଚିକିତ୍ସା :** ପ୍ରଜନନଜନିତ ସ୍ୱାସ୍ଥ୍ୟର ଉପଚାର ଉପରେ ଗୁରୁତ୍ୱ ଦେବା ଉଚିତ। ତେଣୁ ଏହାର ପରିସ୍ଥିତି ଉପରେ ଏହାର ଚିକିତ୍ସା ନିର୍ଭର କରିଥାଏ । ଯଦି ଏହି ଅସୁବିଧା ପିସିଓସ୍ ଦ୍ୱାରା ହୋଇଥାଏ, ତେବେ ଔଷଧ ମାଧ୍ୟମରେ ଓଭ୍ୟୁଲେସନକୁ ବୃଦ୍ଧି କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ମହିଳା ଗର୍ଭଧାରଣ କରିବାକୁ ଯୋଜନା କରୁଥିଲେ ପ୍ରତିଦିନ ଆଧାରରେ ଓରାଲ ଔଷଧୀକରଣ ଦ୍ୱାରା ଆଲ୍‌ଡୋଷ୍ଟେରୋନ ସ୍ତରକୁ କମ୍ କରାଯାଇପାରିବ। ଏହା ଟେଷ୍ଟୋଷ୍ଟେରେନ ସ୍ତରକୁ କମ କରିବା ସହିତ ପ୍ରଜନନ କ୍ଷମତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଯେଉଁ ମହିଳାମାନେ ହାଇପୋଥାଇରଡିଜିମର ଚିକିତ୍ସା ହେଉଥାନ୍ତି, ସେମାନଙ୍କ କ୍ଷେତ୍ରରେ ବନ୍ଧ୍ୟାତ୍ୱ ସଠିକ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଯଦି ହାଇପୋଥାଇରୋଡିଜିମ ପରେ ବନ୍ଧ୍ୟାତ୍ୱ ରହିଥାଏ, ତେବେ ବନ୍ଧ୍ୟାତ୍ୱର ଚିକିତ୍ସା ପାଇଁ ଅନ୍ୟାନ୍ୟ ଚିକିତ୍ସା କରିବା ଆବଶ୍ୟକ।

*–ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*
*ମୋ: ୯୫୬୬୮୪୧୩୦୬*

ଖାଦ୍ୟରୁଚି

## ଆଳୁ ମଟର ଟିକା

**ଆବଶ୍ୟକ ସାମଗ୍ରୀ–**

ଶିଝା ଆଳୁ (୪ଟା) , ଧନିଆ ପତ୍ର ଦୁଇ ଚାମଚ, ଲୁଣ ସ୍ୱାଦ ଅନୁସାରେ, ଶିଝା ହୋଇଥିବା ମଟର, ଅଧାକପ ଲୁଣ –ଚିନି ମଶ୍ରିତ ପାଣି, ତେଲ (ସେକିବା ପାଇଁ), ଚଟଣି ଏବଂ କେଚଅପ୍ (ପରଷିବା ସମୟରେ)।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ଏକ ବାଓଲରେ ୪ଟି ଶିଝା ଆଳୁ ନିଅନ୍ତୁ। ଏହାପରେ ସେଥିରେ କଟା ହୋଇଥିବା ଧନିଆପତ୍ର ପକାଇ ଆଳୁ ସହ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ପରେ ସେଥିରେ ଚାମଚେ କଞ୍ଚାଲଙ୍କା ଏବଂ ସ୍ୱାଦ ଅନୁସାରେ ଲୁଣ ମିଶାଇ ପୁଣି ଭଲଭାବେ ଚକଟି ଦିଅନ୍ତୁ। ଏବେ ଏହି ମିଶ୍ରଣରେ





ଆବଶ୍ୟକ ମୁତାବକ ମଟର ମିଶାଇ ଟିକା ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ। ଏବେ ଏହି ଗୁଳାକୁ ଟିକେ ଚାପି ଟିକା ଆକାରରେ ଶେପ୍ ଦିଅନ୍ତୁ। ଏହାପରେ ଗ୍ୟାସ୍ ଚୁଲା ଲଗାଇ ସେଥିରେ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେଲାପରେ ସେଥିରେ ଟିକା ପକାଇ ଟିକେ ଗୋଲଡେନ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଫ୍ରାଏ ହୋଇଗଲା ପରେ ଆବଜର୍ବେଟର ପେପର ରଖିଦିଅନ୍ତୁ। ଏବେ ଆପଣଙ୍କ ଆଳୁ ମଟର ଟିକା ପ୍ରସ୍ତୁତ ହୋଇଗଲା। ଏହା ପ୍ରସ୍ତୁତ ହୋଇଗଲା ପରେ ତାକୁ ଚଟଣୀ କିମ୍ବା ଟମାଟୋ କେଚଅପ୍ ଦେଇ ପରଷନ୍ତୁ।

ଫ୍ୟାଶନ

## ଦୁପଟ୍ଟା କିଣୁଥିଲେ...



ଆଜିକାଲି ବଜାରରେ ବିଭିନ୍ନ ଡିଜାଇନ୍‌ର ଦୁପଟ୍ଟା ମିଳୁଛି। ବଦଳୁଥିବା ଫ୍ୟାଶନ୍ ଅନୁଯାୟୀ ନିଜକୁ ବଦଳାଇବା ମଧ୍ୟ ଜରୁରୀ। ଯେଉଁଭଳି ବଜାରରେ କୁର୍ତ୍ତିର ନୂଆ ଡିଜାଇନ୍ ଆସୁଛି, ସେମିତି ଦୁପଟ୍ଟାର ମଧ୍ୟ ବିଭିନ୍ନ ଡିଜାଇନ୍‌ର ଆସୁଛି। ଆଜି ଏଠାରେ ଆପଣଙ୍କୁ ଏମିତି କିଛି ଦୁପଟ୍ଟା ବିଷୟରେ କହୁଛୁ, ଯାହା ଆପଣଙ୍କୁ ସୁନ୍ଦର କରିବା ସହ ଫ୍ୟାଶନ୍ ଲୁକ୍ ମଧ୍ୟ ବଦଳାଇ ଦେଇଥାଏ।

**ସିଫନ୍ ଦୁପଟ୍ଟା :**
ଏହି ଦୁପଟ୍ଟାକୁ ଆପଣ କୌଣସି ଫଙ୍କଶନ୍‌ରେ ମଧ୍ୟ ପିନ୍ଧି ଯାଇପାରିବେ। ଏହା ପିନ୍ଧିବାକୁ ନରମ ଓ ହାଲୁକା ଲାଗେ, ଯାହାକୁ ସମ୍ଭାଳିବା ବହୁତ ସହଜ ଲାଗେ।

**ଭେଲ୍‌ଭେଟ୍ ଦୁପଟ୍ଟା:** ଏହି ଦୁପଟ୍ଟା ପିନ୍ଧିବା ଦ୍ୱାରା ଆପଣ କୌଣସି ବଡ୍ ଖାନ୍‌ଦାନ୍‌ର ବୋଲି ଲାଗିବେ। ଏହାକୁ ପିନ୍ଧିଲେ ଭାରି ଲାଗିଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ।

**କଲମକାରୀ:**
ଏହି ପ୍ରକାର ଦୁପଟ୍ଟା ସାଧାରଣତଃ ଭାରତ ଏବଂ ଇରାନ୍‌ରେ ଦେଖିବାକୁ ମିଳେ, ଯାହାକୁ ଆପଣ ଜିନ୍ସ କିମ୍ବା କୁର୍ତ୍ତିରେ ପକାଇପାରିବେ।

**ଏଲକଟ ଦୁପଟ୍ଟା:**
ଏହି ଦୁପଟ୍ଟା ସବୁଠୁ ଆରାମଦାୟକ ଲାଗେ, ଯାହାକୁ ଆପଣ କୌଣସି କଲେଜ୍ ଫଙ୍କଶନ୍‌ରେ ପକାଇ ପାରିବେ।

**ଚନ୍ଦେରି ଦୁପଟ୍ଟା:**
ଏହି ଦୁପଟ୍ଟା ସାଧାରଣତଃ ରେଶମ୍ ସୂତାରେ ପ୍ରସ୍ତୁତ ହୋଇଥାଏ, ଯାହାକୁ ଆପଣ କୌଣସି ଅକେଜନ୍‌ରେ ମଧ୍ୟ ପିନ୍ଧିପାରିବେ।



ସୌନ୍ଦର୍ଯ୍ୟ

## କୋମଳ ରହିବ ହାତ

ହାତକୁ କିପରି କୋମଳ ରଖିବେ ଜାଣନ୍ତୁ ସେ ସମ୍ପର୍କରେ...

– ଏକ ପାତ୍ର ନେଇ ସେଥିରେ ଗ୍ଲିସେରିନ୍, ଗୋଲାପଜଳ, ଲେମ୍ବୁରସ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଦିନରେ ଦୁଇଥର ହାତରେ ଲଗାନ୍ତୁ। କିଛି ଦିନ ପରେ ହାତର ସ୍କିନ୍ କୋମଳ ହୋଇଯିବ।
– ପ୍ରତିଦିନ ବାଦାମ ତେଲରେ ହାତକୁ ମାଲିସ୍ କରନ୍ତୁ। ଏହି ତେଲରେ ମାଲିସ୍ କରିବା ଦ୍ୱାରା ହାତରେ ଥିବା ଡେଡ୍ ସ୍କିନ୍ ଦୂରେଇଯିବା ସହ ହାତ କୋମଳ ଲାଗେ।
– ମଲାଇରେ ଲାକ୍ଟିକ୍ ଏସିଡ୍ ରହିଛି, ଯାହା ସ୍କିନ୍‌କୁ ମୁଲାୟମ୍ କରିଥାଏ। ହାତକୁ ସଫ୍ଟ କରିବାକୁ ହେଲେ ଏକ ଚାମଚ ତାଜା ମଲାଇ ନିଅନ୍ତୁ। ଏଥିରେ ହାତକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମସାଜ୍ କରନ୍ତୁ। ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ।
– ରାତିରେ ଶୋଇବା ପୂର୍ବରୁ ହାତକୁ ଆଲୋଭେରା ଜେଲ୍ ଲଗାଇ ମାଲିସ୍ କରନ୍ତୁ। ସକାଳୁ ଉଠି ହାତକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କରିବା ଦ୍ୱାରା ହାତ ମୁଲାୟମ୍ ଲାଗିଥାଏ।
– ଏକ ପାତ୍ରରେ ନଖ ଉଷୁମ ପାଣି ନିଅନ୍ତୁ। ଏଥିରେ ମହୁ, ଲେମ୍ବୁରସ ମିଶାନ୍ତୁ। ଏବେ ଏହି ପାଣିରେ ୧୦ ମିନିଟ୍ ପର୍ଯ୍ୟନ୍ତ ହାତକୁ ବୁଡାଇ ରଖନ୍ତୁ। ଏପରି କରିବା ଦ୍ୱାରା ଶୁଷ୍କ ସ୍କିନ୍ ନରମ ହୋଇଯାଏ।





“ ଦେଶରେ ଚିନି ଉତ୍ପାଦନ ବଢୁଛି। ଚିନି ଷ୍ଟକ୍‌କୁ ଠିକ ଢଙ୍ଗରେ ପରିଚାଳନା ଲାଗି ବିକଳ୍ପ ଚିନ୍ତାଧାରାର ଆବଶ୍ୟକତା ରହିଛି।
– ଶରଦ ପାୱାର, ଏନ୍‌ସିପି ସୁପ୍ରିମୋ



“ ପେଟ୍ରୋଲ ଓ ଡିଜେଲ୍‌କୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଗଲେ ଦେଶରେ ତୈଳଦର ହ୍ରାସ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି।
– ଉଦୟ କୁମାର ବର୍ମା, ମହାସଚିବ, ଆସୋଚାମ

## ସଂକ୍ଷେପରେ

### ଦୀପକ କୋଚରଙ୍କୁ ସମନ

ନୂଆଦିଲ୍ଲୀ,୧୦-୯: ଭିଡିଓକନ୍‌କୁ ଋଣ ପ୍ରଦାନ ମାମଲାରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚରଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ ସମନ ଜାରି କରିଛନ୍ତି। ଦୀପକଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବଲ୍ସ ଓ ନ୍ୟୁପାୱାର ୱିଣ୍ଡ ନାମକ ଦୁଇଟି କମ୍ପାନୀରେ ଭିଡିଓକନ ଗ୍ରୁପ ମାଲିକ ବେଣୁଗୋପାଳ ଧୁତ୍ ଆଇସିଆଇସିଆଇ ବ୍ୟାଙ୍କରୁ ନେଇଥିବା ଋଣର କିଛି ଅର୍ଥ ନିବେଶ କରିଥିଲେ ବୋଲି ଅଭିଯୋଗ ହୋଇଛି। ଇତିମଧ୍ୟରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଦୁଇ କମ୍ପାନୀର ଆକାଉଣ୍ଟସ ଯାଞ୍ଚ କରାଯାଇଛି।

### ପିଏନ୍‌ବି ମହାଦୁର୍ନୀତି

### ନୀରବଙ୍କ ଭଉଣୀ ବିରୋଧରେ ରେଡକର୍ନର ନୋଟିସ

ନୂଆଦିଲ୍ଲୀ,୧୦-୯: ପିଏନ୍‌ବି ମହାଦୁର୍ନୀତି ମାମଲାରେ ଇଣ୍ଟରପୋଲ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଭଉଣୀ ତଥା ବେଲଜିଅମ ନାଗରିକ ପୂରବୀ ମୋଦିଙ୍କ ବିରୋଧରେ ରେଡକର୍ନର ନୋଟିସ ଜାରି କରିଛି ବୋଲି ସୋମବାର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଅନୁରୋଧ କରାଯିବା ପରେ ମନି ଲଣ୍ଡରିଂ ମାମଲାରେ ୪୪ ବର୍ଷୀୟା ପୂରବୀ ଦୀପକ ମୋଦିଙ୍କ ବିରୋଧରେ ଇଣ୍ଟରପୋଲ ରେଡକର୍ନର ନୋଟିସ ଜାରି କରିଛି। ଉକ୍ତ ମାମଲାରେ ପୂରବୀଙ୍କୁ ଯାଞ୍ଚରେ ସହଯୋଗ କରିବାକୁ ଇଡି ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଥିବା ସତ୍ତ୍ୱେ ସେ ଆସି ନ ଥିଲେ। ନିୟମ ଅନୁଯାୟୀ ଇଣ୍ଟରପୋଲ୍‌ର ରେଡକର୍ନର ନୋଟିସ ଜାରି ହେବା ଅର୍ଥ ଏହାର ୧୯୨ ସଦସ୍ୟ ରାଷ୍ଟ୍ର ପଳାତକଙ୍କୁ ଗିରଫ କରିବାକୁ ବାଧ୍ୟ। ଗିରଫ ହେବା ପରେ ତାଙ୍କୁ ସମ୍ପୃକ୍ତ ଦେଶକୁ ପ୍ରତ୍ୟର୍ପଣ କରାଯାଇଥାଏ।

### ତେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସକୁ ସରକାରଙ୍କ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୧୦-୯: ଦେଶରେ ତୈଳ ଦରବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ଓ କେତେକ ବିରୋଧୀ ଦଳ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଉତ୍ପାଦ ଶୁଳ୍କ(ଏକ୍ସାଇଜ ଡ୍ୟୁଟି) କମାଇ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରନ୍ତୁ ବୋଲି ବିରୋଧୀ ଦଳଗୁଡିକ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହା ସମ୍ଭବ ନୁହେଁ ବୋଲି ସରକାର ସୋମବାର ସ୍ପଷ୍ଟ କରିଛନ୍ତି। ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ବିତ୍ତୀୟ ନିଅଣ୍ଟ ହ୍ରାସ ପାଇବାକୁ ଦୃଷ୍ଟିରେ ରଖି ସରକାର ତେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରିପାରିବେ ନାହିଁ। ତା'ଛଡା ବିହାର, କେରଳ ଏବଂ ପଞ୍ଜାବ ବିକ୍ରି କର କିମ୍ବା ଭାଟ୍ ହ୍ରାସ କରିବା ସ୍ଥିତିରେ ନାହାନ୍ତି। ଆଗାମୀ ଦିନରେ ତେଲ ଦର ହ୍ରାସ ପାଇବ ବୋଲି ସରକାର ମନେ କରୁଛନ୍ତି। ବୃଦ୍ଧି ପାଉଥିବା ତେଲ ଦରକୁ ନେଇ ଅଧିକାରୀ ଜଣକ ରୋକ୍‌ଠୋକ୍ ଶୁଣାଇ କହିଛନ୍ତି ଯେ, ଏହାର ବ୍ୟବହାରକାରୀଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହିଁ ପଡିବ। ଉତ୍ପାଦ ଶୁଳ୍କ ହ୍ରାସ ଯୋଗୁ ଉନ୍ନୟନ ଖର୍ଚ୍ଚ କମିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଟଙ୍କାକୁ ନେଇ ଶେଷରେ ଚେତିଲେ

# ଏନ୍‌ଆର୍‌ଆଇଙ୍କ ସାହାରା ନେବେ ସରକାର

ନୂଆଦିଲ୍ଲୀ,୧୦-୯

ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସକୁ ନେଇ କେନ୍ଦ୍ର ସରକାରଙ୍କ ମୁଣ୍ଡରେ ଚିନ୍ତା ପଶିଛି। ଏହି ସଙ୍କଟରୁ ବାହାରିବା ଲାଗି ସରକାର ଏବେ ପ୍ରବାସୀ ଭାରତୀୟ(ଏନ୍‌ଆର୍‌ଆଇ)ଙ୍କ ସହାୟତା ନେବାକୁ ଅଣ୍ଟା ଭିଡିଛନ୍ତି। ଏଦିଗରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମଧ୍ୟ ସମର୍ଥନ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଟଙ୍କା ଏବେ ଏସିଆରେ ସବୁଠୁ ଖରାପ ପ୍ରଦର୍ଶନ କରିଛି। ସୋମବାର ଟଙ୍କାର ମୂଲ୍ୟ ହ୍ରାସକୁ ହିସାବକୁ ନେଲେ ଅଦ୍ୟାବଧି ଏଥିରେ ୧.୩% ହ୍ରାସ ହୋଇଛି। ଆମଦାନୀକାରୀଙ୍କ ପକ୍ଷରୁ ଡଲାର ଚାହିଦା ବଢ଼ିବା କାରଣରୁ ଟଙ୍କାର ମୂଲ୍ୟ ସୋମବାର ୭୨.୫୦ ସ୍ତର ପାର୍ କରିଯାଇଥିଲା। ଆମେରିକାରେ ଅଧିକ ନିଯୁକ୍ତି ସୃଷ୍ଟି ହେବ ବୋଲି ସୂଚନା ମିଳିବା ପରେ ଅନ୍ୟ ବିଦେଶୀ ମୁଦ୍ରା ତୁଳନାରେ ଡଲାର ଦିନକୁ ଦିନ ଅଧିକ ମଜଭୁତ ହେବାରେ ଲାଗିଛି। ଜଣେ ସରକାରୀ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ସରକାର ଏବେ ଏନ୍‌ଆର୍‌ଆଇଙ୍କ ସହାୟତାରେ ଚଳନ୍ତି ଜମା ନିଅଣ୍ଟ ଓ ବାଣିଜ୍ୟ ନିଅଣ୍ଟକୁ ସମ୍ଭାଳିବାକୁ ଚାହାନ୍ତି। ଏହାଦ୍ୱାରା ବର୍ଦ୍ଧିତ ତେଲ ଦର ଜନିତ ନିଅଣ୍ଟ ପରିମାଣକୁ ଅନେକାଂଶରେ ରୋକାଯାଇପାରିବ। ୨୦୧୩ରେ ଉପା ସରକାର ବେଳେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ସରକାର ଡିସ୍‌କାଉଣ୍ଟେଡ ଫରେନ୍ କରେନ୍ସି ସ୍ୱାପ୍ ବା ବିଦେଶୀ ମୁଦ୍ରା ଅଦଳବଦଳରେ ଦିଆଯାଉଥିବା ଛାଡ ସହାୟତାରେ ଏନ୍‌ଆର୍‌ଆଇଙ୍କ ଠାରୁ ୩୪ ବିଲିୟନ ଡଲାର ଆଣିପାରିଥିଲେ। ଏହାଦ୍ୱାରା ସେତେବେଳେ ସର୍ବକାଳୀନ ନିମ୍ନ ସ୍ତରକୁ ଚାଲିଯାଇଥିବା ଟଙ୍କା ସମ୍ଭାଳିଥିଲା। ଇତିମଧ୍ୟରେ ଟଙ୍କାର ମୂଲ୍ୟକୁ ସ୍ଥିର ରଖିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ମଝିରେ ମଝିରେ ଡଲାର ବିକ୍ରି କରିଛନ୍ତି। ଫଳରେ ଦେଶର ମୁଦ୍ରା ଭଣ୍ଡାର ୪୨୬ ବିଲିୟନ ଡଲାରରୁ ହ୍ରାସ ପାଇ ୪୦୦ ବିଲିୟନ ଡଲାରରେ ପହଞ୍ଚିଛି। ଶୁକ୍ରବାର ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ବୃଦ୍ଧି ପାଇ ୫ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବାଣିଜ୍ୟ ନିଅଣ୍ଟ ପରିମାଣ ବୃଦ୍ଧି ପାଉଥିବାରୁ ଏଥିରୁ ଏବେ ନିସ୍ତାର ମିଳିବାର ସମ୍ଭାବନା କମ୍। ଚଳିତ ସପ୍ତାହରେ ରପ୍ତାନି ଡାଟା ପ୍ରକାଶ ପାଇବାକୁ ଯାଉଛି,ଯେଉଁଥିରେ ତୈଳ ଆମଦାନୀ କାରଣରୁ ବାଣିଜ୍ୟ ନିଅଣ୍ଟ ତଥା ଚଳନ୍ତି ଜମା ନିଅଣ୍ଟ ପରିମାଣ ଯେ ବଢ଼ିବ ଏହା ନିଶ୍ଚିତ। ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଦେଶର ତୈଳ ଆମଦାନୀ ବିଲ୍ ୭୬% ବୃଦ୍ଧି ପାଇଛି।



- ୨୦୧୩ରେ ଟଙ୍କା କ୍ରମାଗତ ହ୍ରାସ ପାଉଥିଲା
- ଏନଆର୍‌ଆଇଙ୍କଠାରୁ ଅଧିକ ଡଲାର ଆଣିବା ଯୋଜନା
- ଚଳନ୍ତି ଜମା ନିଅଣ୍ଟ ୫ ବର୍ଷର ସର୍ବାଧିକ ସ୍ତରରେ

### ଆଉ ଏକ ରେକର୍ଡ ଭାଙ୍ଗିଲା ଟଙ୍କା

ନୂଆଦିଲ୍ଲୀ,୧୦-୯: ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୨ ପଇସା ହ୍ରାସ ପାଇ ୭୨.୪୫ରେ ବନ୍ଦ ହୋଇ ଆଉ ଏକ ରେକର୍ଡ କରିଛି। ଚାଇନା ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଅଧିକ ଗଭୀର ହେବ ବୋଲି ଆଶଙ୍କା ପ୍ରକାଶ ପାଇବା, ସରକାରଙ୍କ ଚଳନ୍ତି ଜମା ନିଅଣ୍ଟ ପରିମାଣ ବଢ଼ିବା,ଅଶୋଧିତ ତେଲ ଦର ବୃଦ୍ଧି ଆଦି ଟଙ୍କାର ମୂଲ୍ୟ ହ୍ରାସର ମୁଖ୍ୟ କାରଣ ବୋଲି କୁହାଯାଉଛି। ଶୁକ୍ରବାର ଟଙ୍କାର ମୂଲ୍ୟ ୭୧.୭୩ ଥିବାବେଳେ ଏହା ସୋମବାର ଏକ ସମୟରେ ୭୨.୬୭କୁ ଖସି ଆସିଥିଲା। ତେବେ ଏହା ୭୨.୪୫ରେ ବନ୍ଦ ହୋଇଥିଲା।

**ଆଦିତ୍ୟ ଗ୍ରୁପ୍। ଅଟୋମୋବାଇଲ୍ କ୍ଷେତ୍ରରେ ଓଡିଶାରେ ଏକ ପରିଚିତ ଏବଂ ବହୁଳ ଆଦୃତ ଡିଲରଶିପ୍ ନେଟ୍‌ୱର୍କ। ହୋଣ୍ଡା, ହ୍ୟୁଣ୍ଡାଇ ଏବଂ ମହିନ୍ଦ୍ରା ଭଳି ତିନି ପ୍ରମୁଖ କମ୍ପାନୀ ସହିତ ଜଡିତ ଏହି ଗ୍ରୁପ୍ 'ଆଦିତ୍ୟ କାର୍ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍' ନାମରେ ୨୦୦୪ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହାର ପ୍ରାଣ ପ୍ରତିଷ୍ଠାତା ଥିଲେ ପଦ୍ମଚରଣ ପାତ୍ର। ନିଜ ପୁତ୍ର ଆଦିତ୍ୟ ପାତ୍ରଙ୍କ ନାମରେ ସେ ଏହି କମ୍ପାନୀକୁ ଆରମ୍ଭ କରିଥିବା ବେଳେ ଆଜି ନିଜେ ଆଦିତ୍ୟ ଏହି କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଭାବେ ଗୁରୁ ଦାୟିତ୍ୱ ତୁଲାଉଛନ୍ତି। ଦୀର୍ଘ ୧୫ ବର୍ଷ ଧରି ଏହି କମ୍ପାନୀ କିପରି ଅଗ୍ରସର ହେଉଛି ସେ ସମ୍ପର୍କରେ ନିଜେ ଆଦିତ୍ୟ ପାତ୍ର ଯାହା କୁହନ୍ତି...**



ଆଦିତ୍ୟ ପାତ୍ର

# ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚିବାର ରାହା ଦେଖାଏ

**ଆଦିତ୍ୟ ଗ୍ରୁପ୍‌ର ଆରମ୍ଭ କିପରି?**
ହୋଣ୍ଡା କାର୍ସ, ମହିନ୍ଦ୍ରା ଅଟୋମୋଟିଭ୍ ଏବଂ ହ୍ୟୁଣ୍ଡାଇ କାର୍ସ ଭଳି ତିନି ପ୍ରମୁଖ ବ୍ରାଣ୍ଡ ଆମ ଗ୍ରୁପ୍‌ରେ ରହିଛି। ଆଜିକା ସମୟରେ ୟୁଜ୍‌ଡ କାର ପ୍ରତି ଲୋକମାନେ ଆଗ୍ରହ ପ୍ରକାଶ କରୁଥିବାରୁ ଆମେ ଏହାକୁ ଗୁରୁତ୍ୱ ଦେଉଛୁ। ଏଥି ସହିତ ଆମର ପେଟ୍ରୋଲିୟମ ଉତ୍ପାଦ ବିକ୍ରି କ୍ଷେତ୍ରରେ ମଧ୍ୟ ପ୍ରବେଶ ରହିଛି। ହୋଣ୍ଡା କାର୍ ପାଇଁ ଆମେ ପ୍ରଥମେ ହାଇୱେ ହୁଣ୍ଡା ନାମରେ ଶୋ'ରୁମ୍ ଆରମ୍ଭ କରିଥିଲୁ। ପରେ ୨୦୦୭ ରେ ମହିନ୍ଦ୍ରା ସହିତ ଜଡିତ ହେଲୁ ଏବଂ ୨୦୧୧ରେ ହ୍ୟୁଣ୍ଡାଇ କାର୍ ସହିତ ମଧ୍ୟ କାରବାର ଆରମ୍ଭ କଲୁ। ଆଗକୁ ମଧ୍ୟ ଅନ୍ୟ ପ୍ରମୁଖ ଯାନ ନିର୍ମାତାଙ୍କ ସହ ଜଡ଼ିତ ହେବା ପାଇଁ ଆଗ୍ରହ ରଖିବୁ।

**ୟୁଜ୍‌ଡ୍ କାର ବ୍ୟବସାୟରେ ବର୍ତ୍ତମାନର ଧାରା କିପରି ?**
ଏବେ ପ୍ରତି ୧୦୦ଟି ଯାନ ବିକ୍ରିରେ ୨୫ ରୁ ୩୦% ୟୁଜ୍‌ଡ୍ କାର୍‌ର ସମ୍ପୃକ୍ତି ରହୁଛି। ଅର୍ଥାତ ଯିଏ ନୂଆ ଯାନ କିଣିବାକୁ ଚାହୁଁଛନ୍ତି ସେମାନଙ୍କ ମଧ୍ୟରୁ ୧୦୦ରେ ପାଖାପାଖି ୩୦ ଜଣ ପୁରୁଣା ଯାନ ବଦଳରେ ହିଁ ନୂଆ ଯାନ କ୍ରୟ ପାଇଁ ପସନ୍ଦ କରୁଛନ୍ତି। ସେଥିପାଇଁ ଆମେ ୟୁଜ୍‌ଡ୍‌କାର ଡିଭିଜନ ବ୍ୟବସ୍ଥା କରିଛୁ। ପୂର୍ବରୁ ଏ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିଲା। କାରଣ ଜଣେ ଯଦି ଚାହୁଁ ଥିଲା ପୁରୁଣା ଗାଡି ବିକ୍ରି କରି ନୂଆ ଗାଡି କିଣିବା ପାଇଁ, ସେତେବେଳେ ନିଜେ ଗ୍ରାହକ ଯୋଗାଡ କରୁଥିଲା ବା କୌଣସି ବ୍ରୋକରର ସହାୟତା ନେଉଥିଲା। ଏବେ ଏଥିରେ ବ୍ୟବସ୍ଥିତ ହୋଇଛି।

**ଆପଣଙ୍କ ଗ୍ରୁପ୍‌ର ଅବସ୍ଥିତି ତଥା ବିସ୍ତୃତି ସମ୍ପର୍କରେ?**
ବର୍ତ୍ତମାନ ଆମେ ହୋଣ୍ଡା କାର୍ସ ପାଇଁ ଚାରୋଟି ଶୋ'ରୁମ୍‌ରେ ପରିଚାଳିତ ହେଉଛୁ। ସେଥି ମଧ୍ୟରୁ ଭୁବନେଶ୍ୱରରେ ଦୁଇଟି ଶୋ'ରୁମ୍ ସହିତ କଟକ ଏବଂ ଯାଜପୁରରେ ଗୋଟିଏ ଲେଖାଏ ଶୋ'ରୁମ୍ ରହିଛି। ସେହିପରି ହ୍ୟୁଣ୍ଡାଇ କ୍ଷେତ୍ରରେ ନୟାଗଡ, ପୁରୀ, ଭୁବନେଶ୍ୱରର ତମାଣ୍ଡୋ ଏବଂ ଲୁଇସ୍ ରୋଡରେ ଗୋଟିଏ ଲେଖାଏ ଶୋ'ରୁମ୍ ରହିଛି। ଏବେ ଉତ୍ତରା ଛକ ପାଖରେ ଆଉ ଏକ ଶୋ'ରୁମ୍ ନିର୍ମାଣ ଚାଲିଛି। ଏହା ଅକ୍ଟୋବର ସୁଦ୍ଧା ଉନ୍ମୋଚନ ହେବ। ମହିନ୍ଦ୍ରା ପାଇଁ ୫ଟି ସେଲ୍‌ସ ପ୍ଲସ୍ ସର୍ଭିସ୍ ସେଣ୍ଟର ରହିଥିବା ବେଳେ କେବଳ ୧୫ଟି ସେଲ୍ ସେଣ୍ଟର ରହିଛି, ଯାହାକି ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ, ନୟାଗଡ ଏବଂ ଯାଜପୁର ଜିଲାକୁ ବିସ୍ତୃତ।

**ଆଗକୁ ଯୋଜନା କ'ଣ ରହିଛି?**
ଆମେ ସର୍ବଦା ଭଲ ସୁଯୋଗକୁ ପ୍ରାଧାନ୍ୟ ଦେଉଛୁ। ଯୋଉଠି ବଡ କାମ କରିବା ପାଇଁ ସୁଯୋଗ ମିଳିବ ସେଠି ଆମେ ଆଗଭର ହେବୁ। ଦୀର୍ଘ ୧୫ ବର୍ଷ ଧରି ଯେମିତି ଲୋକଙ୍କ ପ୍ରିୟଭାଜନ ହୋଇ ପାରିଛୁ ଆଗାମୀ ଦିନରେ ମଧ୍ୟ ସେହି ଧାରାକୁ ଆହୁରି ମଜ୍‌ଭୁତ୍ କରିବୁ। ବାପା ମୋ ନାମରେ ଏହି କମ୍ପାନୀ ଆରମ୍ଭ କରିବା ବେଳୁ ସର୍ବଦା ଚାହାନ୍ତି କର୍ମଚାରୀଙ୍କ ଖୁସି। ସେମାନଙ୍କ ଉନ୍ନତି ତଥା ସୁଖ ଦୁଃଖରେ ଆମେ ସର୍ବଦା ଭାଗୀଦାରି ହେବାକୁ ଚାହୁଁ। ବାପା ଚାହାନ୍ତି ନିଜେ ବଞ୍ଚିବା ସହିତ ଆଉ ୫ ଜଣ କିପରି ମୋ ଦ୍ୱାରା ଉପକୃତ ହୁଅନ୍ତୁ। ଆରମ୍ଭରୁ ଏହି ଲକ୍ଷ୍ୟ ଆମର ରହି ଆସିଛି। ବାପାଙ୍କ ଏହି ଭାବଧାରାକୁ ଆଦିତ୍ୟ ଗ୍ରୁପ୍ ସର୍ବଦା ସମ୍ମାନର ସହ ପାଳନ କରିବ।

## ଯାଜପୁର ରୋଡ୍‌ରେ ନୂଆ ଶୋ'ରୁମ୍ ଖୋଲିଲା ଭି୨




ଭୁବନେଶ୍ୱର,୧୦-୯

ପୁରୁଷ, ମହିଳା ତଥା ଶିଶୁଙ୍କ ପାଇଁ ଆକର୍ଷଣୀୟ ପୋଷାକର ସମ୍ଭାର ସହିତ ଦେଶର ପ୍ରମୁଖ ରିଟେଲ୍ ଚେନ୍ 'ଭି୨ ରିଟେଲ୍ ଲିମିଟେଡ୍' ଯାଜପୁର ରୋଡ୍‌ସ୍ଥିତ ଚୋରଦା ଛକରେ ରବିବାର ଏହାର ନୂତନ ଶୋ'ରୁମ୍ ଉଦ୍‌ଘାଟନ କରିଛି। ଆଗକୁ ପୂଜା ଋତୁ ଆସୁଥିବା ବେଳେ ଏହି ନୂତନ ଶୋ'ରୁମ୍ ସ୍ଥାନୀୟ ଗ୍ରାହକଙ୍କୁ ବିଭିନ୍ନ ବ୍ରାଣ୍ଡ୍‌ର ନୂଆ ନୂଆ କଲେକ୍ସଶନ କ୍ରୟ କରିବାର ସୁଯୋଗ ଦେବ ଏବଂ ଆକର୍ଷଣୀୟ ଅଫର୍ ମଧ୍ୟ ପ୍ରଦାନ କରିବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହି ଅବସରରେ କମ୍ପାନୀର ଏରିଆ ମ୍ୟାନେଜର ସତ୍ୟପ୍ରିୟ ପଣ୍ଡା, ରିଜିଓନାଲ୍ ମ୍ୟାନେଜର ଦୀପକ ଜେନା ଏବଂ ବିଜ୍‌ନେସ୍ ହେଡ୍ ଶକ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର ସୂଚନା ଅନୁସାରେ ଗଣେଶ ପୂଜା ଉପଲକ୍ଷେ ଗ୍ରାହକଙ୍କୁ ୧୨୦୦ ଟଙ୍କାର କ୍ରୟରେ ଏଲ୍‌ଇଡି ବଲ୍‌ବ, ୨୯୯୯ ଟଙ୍କାର କ୍ରୟରେ ନନ୍‌ଷ୍ଟିକ୍ ତାୱା, ୫୯୯୯ ଟଙ୍କା କ୍ରୟରେ ଡିନର ସେଟ୍ ଏବଂ ୭୯୯୯ ଟଙ୍କାର କ୍ରୟରେ ଜୁସର ମିକ୍ସର ଆଦି ଉପହାର ପ୍ରଦାନ କରାଯିବ। ସେହିପରି ୯୯୯ ଟଙ୍କା କ୍ରୟରେ ଲକି ଡ୍ର କୁପନ ମାଧ୍ୟମରେ କାର୍, ବାଇକ୍, ଏଲ୍‌ଇଡି ଟିଭି ଆଦି ଆକର୍ଷଣୀୟ ଉପହାରର ସୁଯୋଗ କହିଛି। ଆଗାମୀ ଦିନରେ ଭି୨ ରାଉରକେଲା, ପାରାଦୀପ, ବାଲେଶ୍ୱର, ସମ୍ବଲପୁର ଆଦି ପ୍ରମୁଖ ସହରରେ ଶୋ'ରୁମ୍ ଖୋଲିବାକୁ ଯୋଜନା ରଖିଛି ବୋଲି କମ୍ପାନୀ ପ୍ରକାଶ କରିଛି। ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଯାଜପୁର ରୋଡ ଆଇଆଇସି ଅମିତାଭ ମହାପାତ୍ର, ସ୍ଥାନୀୟ ବ୍ୟାସନଗର ପୌରାଧକ୍ଷା ସବିତା ରାଉତ ଏବଂ ଉପନଗରପାଳ ସୁବାସ ବଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ପେମେଣ୍ଟ ସେବା ଲାଗି ଗୁଗୁଲ ମାନିବ ଆର୍‌ବିଆଇ ନିୟମ

ନୂଆଦିଲ୍ଲୀ,୧୦-୯

ଭାରତରେ ପେମେଣ୍ଟ ସେବା ଆରମ୍ଭ କରିବାକୁ ହେଲେ ଦେଶରେ ଡାଟାକୁ ସୁରକ୍ଷିତ ରଖିବାକୁ ହେବ ବୋଲି ରିଜର୍ଭ ବ୍ୟାଙ୍କର ପ୍ରଣୀତ ନିୟମକୁ ଇଣ୍ଟରନେଟ୍ ସେବା ପ୍ରଦାନକାରୀ କମ୍ପାନୀ ଗୁଗୁଲ ମାନିବ। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, କେନ୍ଦ୍ର ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଦୁଇ ମାସ ପୂର୍ବେ ଆମେରିକାରେ ଗୁଗୁଲ ମୁଖ୍ୟ ସୁନ୍ଦର ପିଚାଇଙ୍କୁ ଭେଟିବା ବେଳେ କମ୍ପାନୀ ପକ୍ଷରୁ ଏସଂକ୍ରାନ୍ତରେ ଜଣାଇ ଦିଆଯାଇଥିଲା। ଦେଶରେ ପେମେଣ୍ଟ ସେବା ଆରମ୍ଭ କରିଥିବା ସମସ୍ତ କମ୍ପାନୀ ଭାରତରେ ଡାଟାକୁ ସୁରକ୍ଷିତ ରଖିବାକୁ ବାଧ୍ୟ ବୋଲି ରିଜର୍ଭ ବ୍ୟାଙ୍କ ଗତ ବର୍ଷ ଅକ୍ଟୋବରରେ ନିୟମ ପ୍ରଣୟନ କରିଥିଲେ। ଏବେ ପେମେଣ୍ଟ ବ୍ୟବସ୍ଥା ଯୋଗାଣକାରୀ ତଥା ସେମାନଙ୍କ ଆଉଟସୋର୍ସ କମ୍ପାନୀ ଭାରତରେ ଡାଟାକୁ ସମ୍ପୂର୍ଣ୍ଣ କିମ୍ବା ଅର୍ଦ୍ଧେକ ଗଚ୍ଛିତ ରଖୁଛନ୍ତି ବୋଲି ଆର୍‌ବିଆଇ କହିଛି।

## ଏଲ୍‌ଆଇସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ପାଟନା,୧୦-୯

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ପାଟନା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଫୋର୍ଟ ୟୁ ମେଡି ଏମର୍ଜେନ୍ସି ହସ୍ପିଟାଲର ନିର୍ଦ୍ଦେଶକ ଡା. ନୀଲେସ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆଞ୍ଚଳିକ ପ୍ରବନ୍ଧକ ମେଡିକାଲ୍ ଟିମ୍‌କୁ ସ୍ୱାଗତ କରିଥିଲେ। ଉକ୍ତ ଟିମ୍‌ରେ ନ୍ୟୁରୋ ବିଭାଗର ଡ. ପ୍ରଦୀପ କୁମାର, ଡ. ଅଶ୍ୱିନୀ କୁମାର, ଫିଜିସିଆନ ଏବଂ ଟେକ୍ନିସିଆନ୍ ମାନେ ଯୋଗ ଦେଇଥିଲେ। ଏଠାରେ ରକ୍ତଚାପ, ମଧୁମେହ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂକ୍ରାନ୍ତ ପରାମର୍ଶ ପ୍ରଦାନ କରାଯାଇଥିଲା।

## ବିଓଆଇର ୧୧୩ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୧୦-୯

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ପକ୍ଷରୁ ଏହାର ୧୧୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳ ଅଧୀନସ୍ଥ ୨୧ ଜିଲାର ୧୨୭ଟି ଶାଖାକୁ ଓଡିଶାବାସୀଙ୍କୁ ପୁନଃ ଉତ୍ସର୍ଗୀକୃତ କରାଯାଇଛି। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀ, ଉପଆଞ୍ଚଳିକ ପ୍ରବନ୍ଧକ ଏସ୍. ବେହୁରା ଏବଂ ବ୍ୟାଙ୍କର ଅଫିସର୍ସ ସଂଘ ଓଡିଶା ୟୁନିଟର ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ ପକ୍ଷରୁ ଏହି ଅବସରରେ ସୁମଣ୍ଡଳ ଏବଂ ବରିମୁଣ୍ଡ ଶାଖାର ଆଧୁନିକୀକରଣ କରାଯାଇଛି। ସେହିଭଳି ରାଣୀହାଟ ଏବଂ ଚନ୍ଦକା ଶାଖାରେ ସ୍ୱର୍ଣ୍ଣଧାରା ସେଲ୍ ଶୁଭାରମ୍ଭ ହୋଇଛି। ବ୍ୟାଙ୍କର ଡିଜିଟାଲ ପୋଷ୍ୟଗ୍ରାମ କାର୍ଯ୍ୟକ୍ରମ ଅଧୀନରେ ୧୩ଟି ଗ୍ରାମ ଏବଂ ଗୋଟିଏ ୱାର୍ଡକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି। ବ୍ୟାଙ୍କର ଗୌରବମୟ ଇତିହାସ ତଥା ୧୯୦୬ ପରଠାରୁ ବ୍ୟାଙ୍କ ପ୍ରଦାନ କରୁଥିବା ଗୁଣାତ୍ମକ ସେବା ଉପରେ ଏଥିରେ ଦ୍ୱିବେଦୀ ଗୁରୁତ୍ୱାରୋପ କରିଥିଲେ।

# ଏନ୍‌ପିଏ ଲାଗି ଦାୟୀ ଉପା ସରକାର

ନୂଆଦିଲ୍ଲୀ,୧୦-୯

### ସଂସଦୀୟ କମିଟିକୁ ରାଜନଙ୍କ ଚିଠି



ବ୍ୟାଙ୍କଗୁଡିକ ଲାଗି ଅନାଦାୟ ଋଣ (ଏନ୍‌ପିଏ) ଏବେ ମୁଣ୍ଡବ୍ୟଥାର କାରଣ ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ଏଥିପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହଙ୍କ ନେତୃତ୍ୱରେ ପରିଚାଳିତ ଉପା ସରକାରକୁ ଦାୟୀ କରିଛନ୍ତି।

ବରିଷ୍ଠ ଭାଜପା ସାଂସଦ ମୁରଲୀ ମନୋହର ଜୋଷୀଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି ଏନ୍‌ପିଏ ବଢ଼ିବାର କାରଣ ସମ୍ପର୍କରେ ଜଣାଇବାକୁ ରାଜନଙ୍କୁ ପତ୍ର ଲେଖିଥିଲେ। ଏହାର ଉତ୍ତର ଦେଇ ସେ ଉପା ସରକାରଙ୍କୁ କାଠଗଡାରେ ଛିଡା କରିଛନ୍ତି। ସରକାରଙ୍କ ଏକାଧିକ ଦୁର୍ନୀତିର ପର୍ଦ୍ଦାଫାଶ ପରେ ଏହାର ଯାଞ୍ଚ ଯୋଗୁ ନିଷ୍ପତ୍ତି ନେବାର ଗତି ଧିମା ପଡିଯାଇଥିଲା ବୋଲି ରାଜନ କହିଛନ୍ତି। ସେ ଚିଠିରେ ଦର୍ଶାଇଛନ୍ତି, ବ୍ୟାଙ୍କଗୁଡିକ ଏନ୍‌ପିଏ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଲେ। ସେମାନେ ପୁରୁଣା ଋଣକୁ ଏନ୍‌ପିଏ ଭାବେ ଘୋଷଣା କରିବା ପରିବର୍ତ୍ତେ ଋଣଗ୍ରହିତାଙ୍କୁ ଏହା ପରିଶୋଧ କରିବା ଲାଗି ନୂଆ ଋଣ ଦେଲେ। ଫଳରେ ଧୀରେ ଧୀରେ ଅନାଦାୟ ଋଣ ବଢ଼ିଚାଲିଲା। ଏକଦା ଉପା ସରକାରଙ୍କ ଦ୍ୱାରା ଦେଶର ମୁଖ୍ୟ ଆର୍ଥିକ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଥିବା ରାଜନ ପରବର୍ତ୍ତୀ ସମୟରେ ଉପା-୨ ସରକାର ବେଳେ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଦାୟିତ୍ୱ ତୁଲାଇଥିଲେ। ଡ.ମନମୋହନ ସିଂହଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଉପା-୨ ସରକାରରେ ହୋଇଥିବା ଏକାଧିକ ଦୁର୍ନୀତିକୁ ଏନ୍‌ପିଏ ବୃଦ୍ଧିର ଅନ୍ୟତମ କାରଣ ବୋଲି ରାଜନ ଦର୍ଶାଇଥିଲେ। ସୂଚନାଥାଉ କି, ରାଜନଙ୍କ ଅମଳରେ ରିଜର୍ଭ ବ୍ୟାଙ୍କ ପ୍ରଣୀତ ନୀତି ଯୋଗୁ ବ୍ୟାଙ୍କଗୁଡିକର ଏନ୍‌ପିଏ ବଢ଼ିଛି ବୋଲି ନିକଟରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଅଭିଯୋଗ କରିଥିଲେ। ରାଜନ ଏହାର ସିଧାସଳଖ ଜବାବ ନ ଦେଇ ବ୍ୟାଙ୍କଗୁଡିକ ଉପରେ ଦୋଷ ଲଦିଛନ୍ତି। ସେ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ସତର୍କ କରିବା ସତ୍ତ୍ୱେ ସଙ୍କଟକୁ ଜାଣି ମଧ୍ୟ ବ୍ୟାଙ୍କଗୁଡିକ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଲେ। ଦକ୍ଷତାର ଅଭାବ ଅଥବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଯୋଗୁ ପଦକ୍ଷେପ ନିଆଗଲାନି ସେଥିନେଇ ସେ ନିଶ୍ଚିତ ନୁହନ୍ତି ବୋଲି ରାଜନ କହିଛନ୍ତି। ବାଣିଜ୍ୟିକ ବ୍ୟାଙ୍କ ହୋଇ ନ ଥିବାରୁ ଏ ଦିଗରେ ଆର୍‌ବିଆଇର ଭୂମିକା ସୀମିତ ବୋଲି ରାଜନ ଉଲ୍ଲେଖ କରିଛନ୍ତି। ତେବେ ବ୍ୟାଙ୍କଗୁଡିକରେ ଥିବା ରିଜର୍ଭ ବ୍ୟାଙ୍କର ପ୍ରତିନିଧି ମାନେ ନିଷ୍କ୍ରିୟ ଥିଲେ ବୋଲି ସେ ସ୍ୱୀକାର କରିଛନ୍ତି।

## ଷ୍ଟକ୍ ମାର୍କେଟ ଧରାଶାୟୀ

### ସେନସେକ୍ସ ୪୬୮, ନିଫ୍ଟି ୧୫୧ ପଏଣ୍ଟ ହ୍ରାସ

ମୁମ୍ବାଇ,୧୦-୯



ତେଲ ଦର ବୃଦ୍ଧିକୁ ନେଇ ସୋମବାର ଦେଶରେ ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ ଟଙ୍କାର ମୂଲ୍ୟ ହ୍ରାସ ଓ ଭୂ-ରାଜନୈତିକ କାରଣ ଷ୍ଟକ୍ ମାର୍କେଟ ହ୍ରାସ ପାଇଁ ଦାୟୀ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସୋମବାର ସେନସେକ୍ସ ୪୬୭.୬୫ ପଏଣ୍ଟ ହ୍ରାସ ପାଇ ୩୭,୯୨୨.୧୭ ଏବଂ ନିଫ୍ଟି ୧୫୧ ପଏଣ୍ଟ କମି ୧୧,୪୩୮.୧୦ରେ ବନ୍ଦ ହୋଇଛି। ଫଳରେ ନିବେଶକଙ୍କର ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କା ବୁଡିଯାଇଛି। ଉଭୟ ସୂଚକାଙ୍କ ୧.୩୦% ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଇଛି। ଦେଶର ଚଳନ୍ତି ଜମା ନିଅଣ୍ଟ(ସିଏଡି) ପରିମାଣ ବୃଦ୍ଧି ପାଇବା ନିବେଶକଙ୍କ ମନୋଭାବ ଉପରେ ପ୍ରଭାବ ପକାଇଛି। ଆର୍‌ବିଆଇ ଡାଟା କହୁଛି ଯେ, ଏପ୍ରିଲ-ଜୁନରେ ଦେଶର ସିଏଡି ୧୫.୮ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ପୂର୍ବ ବର୍ଷ ଏହା ୧୫ ବିଲିୟନ ଡଲାର ଥିଲା।

"ଜୋକୋଭିଚ୍ ରୋଜର ଫେଡେରରଙ୍କ ୨୦-ଗ୍ରାଣ୍ଡସ୍ଲାମ ରେକର୍ଡକୁ ଭଙ୍ଗ କରିବାରେ ସକ୍ଷମ ହେବେ ବୋଲି ମୋର ଦୃଢ଼ ବିଶ୍ୱାସ।
-ଜୁଆନ ମାର୍ଟିନ ଡେଲ ପୋଟ୍ରୋ
ଆର୍ଜେଣ୍ଟିନା ଟେନିସ ଖେଳାଳି



"ମୋ ପାଇଁ କେବଳ ଅଲିମ୍ପିକ ପଦକ ଜିତିବା ବାକି ରହିଛି, ତେଣୁ ମୋର ପରବର୍ତ୍ତୀ ଟାର୍ଗେଟ ଟୋକିଓ ଗେମ୍ସ ରହିଛି।
-ରାହି ସାର୍ନୋବତ୍, ଭାରତୀୟ ମହିଳା ଶୁଟର



## ସଂକ୍ଷେପରେ

### ଫ୍ରାନ୍ସଠାରୁ ହାରିଲା ଭାରତ

ନୂଆଦିଲ୍ଲୀ,୧୦।୯(ପି.ଟି.): ଚତୁଃରାଷ୍ଟ୍ରୀୟ ୧୯ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତୀୟ ଦଳ ପରାଜୟ ସହ ଅଭିଯାନ ଶେଷ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତକୁ ୦-୨ ଗୋଲରେ ଫ୍ରାନ୍ସ ପରାସ୍ତ କରିଛି। କ୍ରୋଏସିଆର ଜାଗ୍ରେବଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ମିଳିଥିବା ସୁଯୋଗକୁ ହାତ ଛଡ଼ା କରିବା ଭାରତୀୟ ଦଳର ପରାଜୟର କାରଣ। ମ୍ୟାଚ୍ ଆରମ୍ଭରୁ ଫ୍ରାନ୍ସ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। କିନ୍ତୁ ଭାରତୀୟ ଗୋଲକିପର ପ୍ରଭସୁଖାନ ଗିଲଙ୍କ ପାଇଁ ଫ୍ରାନ୍ସ ଦଳ ୮ ମିନିଟ୍‌ରେ ଖାତା ଖୋଲି ପାରି ନ ଥିଲା। ମାତ୍ର ୧୮ତମ ମିନିଟ୍‌ରେ ଫ୍ରାନ୍ସ ଦଳ ୧-୦ ଗୋଲ୍‌ର ଅଗ୍ରଣୀ ହାସଲ କରିଥିଲା। ଜବାବରେ ୩୨ତମ ମିନିଟ୍‌ରେ ଭାରତକୁ ସୁବର୍ଣ୍ଣ ସୁଯୋଗ ମିଳିଥିଲା, ଯାହାକି ବେକାର ସାବ୍ୟସ୍ତ ହୋଇଥିଲା। ଏହାବାଦ୍ ଗୋଲ୍‌କିପର ଗିଲଙ୍କ ଚମତ୍କାର ସେଭ ଯୋଗୁ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭାରତ ୦-୧ ଗୋଲ୍‌ରେ ପଛୁଆ ଥିଲା। ଦ୍ୱିତୀୟାର୍ଦ୍ଧ ତଥା ୭୩ତମ ମିନିଟ୍‌ରେ ୨ୟ ସଫଳତା ପାଇଥିଲା। ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଦଳର କ୍ରମାଗତ ୩ୟ ପରାଜୟ। ପୂର୍ବରୁ କ୍ରୋଏସିଆଠାରୁ ୫-୦ ଓ ସ୍ଲୋଭେନିଆଠାରୁ ୧-୦ ଗୋଲରେ ଭାରତ ପରାସ୍ତ ହୋଇଥିଲା।

### ଜାପାନ ଓପନରୁ ଓହରିଲେ ସାଇନା, ପ୍ରଣୀଥ

ଟୋକିଓ,୧୦।୯(ପି.ଟି.)- ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହେବାକୁ ଥିବା ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଜାପାନ ଓପନ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟରୁ ଏସିଆନ୍ ଗେମ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ଓ ବି. ସାଇ ପ୍ରଣୀଥ ଓହରି ଯାଇଛନ୍ତି। ଏମାନଙ୍କ ଅନୁପସ୍ଥିତିରେ ବିଶ୍ୱ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସ ରୌପ୍ୟ ପଦକଧାରୀ ପି. ଭି. ସିନ୍ଧୁ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ। ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ସହଜ ଥିବାରୁ ସିନ୍ଧୁ କ୍ୱାର୍ଟର ଫାଇନାଲରେ ପହଞ୍ଚିବାର ବିଶେଷ ସମ୍ଭାବନା ରହିଛି। ସେହି ମୁକାବିଲାରେ ୩ ଥର ବିଶ୍ୱ ଚାମ୍ପିୟନ କାରୋଲିନା ମାରିନ କିମ୍ବା ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିପାରନ୍ତି। ୨୩ ବର୍ଷୀୟ ଶଟଲର ପ୍ରଥମ ରାଉଣ୍ଡରେ ଜାପାନର ସାୟାକା ତାକାହାଶିଙ୍କ ସହ ମୁକାବିଲା କରିବେ। ପୁରୁଷ ଖେଳାଳିଙ୍କ ମଧ୍ୟରେ ବିଶ୍ୱ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସରେ ନିରାଶ କରିଥିବା କିଦାମ୍ବି ଶ୍ରୀକାନ୍ତ ଓ ଏଚ୍. ଏସ୍. ପ୍ରଣୟ ଟୁର୍ନାମେଣ୍ଟରେ ଖେଳିବେ।

### ଜେକେସିଏ ଚୟନ ପ୍ରକ୍ରିୟାରେ ପଠାନଙ୍କ ହସ୍ତକ୍ଷେପ

ଜମ୍ମୁ,୧୦।୯(ପି.ଟି.): ଜମ୍ମୁ ଓ କଶ୍ମୀର କ୍ରିକେଟ ଆସୋସିଏଶନ (ଜେକେସିଏ) ଚୟନ କମିଟି ସଦସ୍ୟ ଧ୍ରୁବ ମହାରାଜନ ଇସ୍ତଫା ଦେଇଛନ୍ତି। ଚୟନ ପ୍ରକ୍ରିୟାରେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ତଥା ମେଣ୍ଟର ଦାୟିତ୍ୱରେ ଥିବା ଇର୍ଫାନ ପଠାନଙ୍କ ହସ୍ତକ୍ଷେପ ଯୋଗୁ ସେ ପଦରୁ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି। ୩୩ ବର୍ଷୀୟ ଅଲରାଉଣ୍ଡରଙ୍କୁ ଗତ ମାର୍ଚ୍ଚରେ ଆଗାମୀ ସିଜନ ଲାଗି ପ୍ଲେୟର କମ ମେଣ୍ଟର ଭାବେ ନିଯୁକ୍ତ କରାଯାଇଛି। "ମୁଁ ଚୟନ କମିଟି ସଦସ୍ୟ ପଦରୁ ଇସ୍ତଫା ଦେଉଛି। କାରଣ ଚୟନ ପ୍ରକ୍ରିୟାରେ ପଠାନ ଅତ୍ୟଧିକ ହସ୍ତକ୍ଷେପ କରୁଛନ୍ତି, ଯାହାକି ଆସୋସିଏଶନର ସମ୍ବିଧାନ ନିୟମ ଭଙ୍ଗ କରୁଛି। ଖେଳାଳି ଚୟନ କରିବା ମୋ ଦାୟିତ୍ୱ। ଚୟନ ପ୍ରକ୍ରିୟାରେ କୌଣସି ତ୍ରୁଟି ହେଲେ ଆମେ ଉତ୍ତରଦାୟୀ। ଏଣୁ ଏଥିରେ କେହି ହସ୍ତକ୍ଷେପ କରିବା ଉଚିତ ନୁହେଁ। ବ୍ୟକ୍ତିଗତ ଭାବେ ପଠାନଙ୍କୁ ସମ୍ମାନ ଦିଏ। ମାତ୍ର ନିଜ ଦାୟିତ୍ୱକୁ ହିଁ ସେ ଗୁରୁତ୍ୱ ଦେବା ଉଚିତ। ଅଯଥାରେ ଅନ୍ୟଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିପାରିବେ ନାହିଁ" ବୋଲି ରାଜ୍ୟ ରଣଜୀ ଦଳର ପୂର୍ବତନ ଅଧିନାୟକ ମହାରାଜନ ଜେକେସିଏ କାର୍ଯ୍ୟକାରୀ ସଭାପତି ଆଶିକ ବୁଖାରୀଙ୍କୁ ଦେଇଥିବା ଇସ୍ତଫା ପତ୍ରରେ ଲେଖିଛନ୍ତି। ଉଲ୍ଲେଖଥାଉ କି, ୩୯ ବର୍ଷୀୟ ମହାରାଜନ ୨୦୧୫ରେ ଘରୋଇ କ୍ରିକେଟରୁ ଅବସର ନେଇଛନ୍ତି।

# ଜୋକୋଭିଚ୍‌ଙ୍କୁ ୧୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ

ନ୍ୟୁୟର୍କ,୧୦।୯ (ଏଏଫପି)

ସର୍ବିୟା ଅଭିଜ୍ଞ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ଜୋକୋଭିଚ୍ ୬-୩, ୭-୬, ୬-୩ ସେଟରେ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ ପୋଟ୍ରୋଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏଥିସହ ଜୋକୋଭିଚ୍ କ୍ୟାରିୟରରେ ମୋଟ ଉପରେ ୧୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ଆମେରିକୀୟ କିମ୍ବଦନ୍ତୀ ଟେନିସ ତାରକା ପିଟ୍ ସାମ୍ପ୍ରାସ୍‌ଙ୍କ ସମକକ୍ଷ ହୋଇଛନ୍ତି।

ଷଷ୍ଠ ସିଡ ମାନ୍ୟତା ପାଇଥିବା ଜୋକୋଭିଚ୍ ଅଷ୍ଟମଥର ପାଇଁ ୟୁଏସ୍ ଓପନ୍ ଫାଇନାଲ ଖେଳିଛନ୍ତି ଓ ତୃତୀୟଥର ପାଇଁ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ସେ ୨୦୧୧ ଓ ୨୦୧୫ରେ ମଧ୍ୟ ୟୁଏସ୍ ଓପନ ଟାଇଟଲ ଜିତିଥିଲେ।

**ଜୋକୋଭିଚ୍‌ଙ୍କ ଗ୍ରାଣ୍ଡସ୍ଲାମ ସଫଳତା**

- ଅଷ୍ଟ୍ରେଲିଆ ଓପନ- ୨୦୦୮, ୨୦୧୧, ୨୦୧୨, ୨୦୧୩, ୨୦୧୫, ୨୦୧୬
- ଫ୍ରେଞ୍ଚ ଓପନ- ୨୦୧୬
- ୱିମ୍ବଲଡ଼ନ- ୨୦୧୧, ୨୦୧୪, ୨୦୧୫, ୨୦୧୮
- ୟୁଏସ୍ ଓପନ- ୨୦୧୧, ୨୦୧୫, ୨୦୧୮


ଚାମ୍ପିୟନ୍ ଟ୍ରଫି ସହ ନୋଭାକ ଜୋକୋଭିଚ୍।

ଏବେ ଜୋକୋଭିକ୍ ସ୍ପେନ୍‌ର ରାଫାଲ ନାଡ଼ାଲଙ୍କଠାରୁ ୩ଟି ଓ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କଠାରୁ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ପଛରେ ରହିଛନ୍ତି। ନାଡ଼ାଲ ଏପର୍ଯ୍ୟନ୍ତ ୧୭ ଓ ଫେଡେରର ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୩୧ ବର୍ଷୀୟ ଫେଡେରର ଇଞ୍ଜୁରି କାରଣରୁ ଗତବର୍ଷ ୟୁଏସ୍ ଓପନ୍ ଖେଳିପାରି ନ ଥିଲେ। ଅନ୍ୟପଟେ ବିଶ୍ୱର ୩ ନମ୍ବର ଖେଳାଳି ପୋଟ୍ରୋ ଫାଇନାଲ

### 'ଫେଡେରର, ନାଡାଲଙ୍କଠାରେ ମୁଁ ଋଣୀ'

ତୃତୀୟ ଥର ପାଇଁ ୟୁଏସ୍ ଓପନ ଟାଇଟଲ ହାସଲ କରିବା ପରେ ନୋଭାକ ଜୋକୋଭିଚ୍ ବେଶ୍ ଖୁସି ଜାହିର କରିଛନ୍ତି। କିମ୍ବଦନ୍ତୀ ଟେନିସ ଖେଳାଳି ପିଟ୍ ସାମ୍ପ୍ରାସ୍‌ଙ୍କ ୧୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲର ସମକକ୍ଷ ହେବା ମୋ ପାଇଁ ଏକ ବଡ଼ ଗୌରବ ବୋଲି ସେ କହିଛନ୍ତି। ତେବେ ସମସାମୟିକ ପ୍ରତିଦ୍ୱନ୍ଦ୍ୱୀ ରୋଜର ଫେଡେରର ଓ ରାଫାଲ ନାଡ଼ାଲଙ୍କ ଯୋଗୁ ମୁଁ ଜଣେ ଭଲ ଟେନିସ ଖେଳାଳି ହୋଇପାରିଛି। ଏଥିପାଇଁ ନାଡାଲ ଓ ଫେଡେରରଙ୍କଠାରେ ମୁଁ ଋଣୀ ବୋଲି ଜୋକୋଭିଚ୍ କହିଛନ୍ତି। ସାମ୍ପ୍ରାସ ହେଉଛନ୍ତି ମୋ ପିଲାବେଳର ଆଦର୍ଶ ଖେଳାଳି। ଟିଭିରେ ତାଙ୍କ ଖେଳ ଦେଖି ମୁଁ ଟେନିସ ଖେଳିବା ଆରମ୍ଭ କରିଥିଲି ଓ ତାଙ୍କଠାରୁ ପ୍ରେରଣା ପାଇଥିଲି। ଏବେ ତାଙ୍କ ସହ ସମକକ୍ଷ ହେବା ମୋ ପାଇଁ ଏକ ଗୌରବର ବିଷୟ। ଚଳିତ ପିଢିରେ ନାଡ଼ାଲ ଓ ଫେଡେରରଙ୍କଠାରୁ ମୁଁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛି ଓ ଏହି କାରଣରୁ ମୁଁ ଭଲ ଖେଳିବାରେ ସଫଳତା ହାସଲ କରିଛି। ଏହି ଦୁଇ ଖେଳାଳିଙ୍କଠାରୁ ମୁଁ ବହୁତ କିଛି ଶିକ୍ଷା କରିଛି ବୋଲି ଜୋକୋଭିଚ୍ ମ୍ୟାଚ ପରେ କହିଛନ୍ତି।

**ୟୁଏସ୍ ଓପନ**

ପରାଜୟ ପରେ ବେଶ୍ ନିରାଶ ହୋଇଛନ୍ତି। ୯ ବର୍ଷ ତଳେ ପୋଟ୍ରୋ ୟୁଏସ୍ ଓପନ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଏହି ବିଜୟ ସହ ପୋଟ୍ରୋଙ୍କ ବିପକ୍ଷରେ ଜୋକୋଭିଚ୍ ୧୫ତମ ଓ ପଞ୍ଚମ ଗ୍ରାଣ୍ଡସ୍ଲାମ ବିଜୟ ହାସଲ କରିଛନ୍ତି। ଗତ ୫୫ଟି ମେଜର ଟୁର୍ନାମେଣ୍ଟରୁ ଫେଡେରର, ନାଡ଼ାଲ, ଜୋକୋଭିଚ୍ ଓ ଆଣ୍ଡି ମୁରେ ୫୦ଟିରେ ଟାଇଟଲ ହାସଲ କରିଛନ୍ତି।

ବର୍ଷା ଓ କୋହଲା ପାଗ କାରଣରୁ ଆର୍ଥର ଅଶି ଷ୍ଟାଡିୟମର ଛାତକୁ ବନ୍ଦ କରିଦିଆଯାଇଥିଲା। ବିଜୟୀ ହେବା ପାଇଁ ଜୋକୋଭିଚଙ୍କୁ ପାଖାପାଖି ୩ ଘଣ୍ଟା ୧୫ ମିନିଟ ଆବଶ୍ୟକ ହୋଇଥିଲା। ପୋଟ୍ରୋଙ୍କୁ ହରାଇବା ପାଇଁ ଜୋକୋଭିଚ୍‌ଙ୍କୁ ଅବଶ୍ୟ କଷ୍ଟ କରିବାକୁ ପଡିଥିଲା। କ୍ୟାରିୟରର ୨୩ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ଜୋକୋଭିଚ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ନ୍ୟୁୟର୍କର ଆର୍ଦ୍ରତା ତାଙ୍କ ପାଇଁ ପ୍ରଥମ ଦୁଇଟି ରାଉଣ୍ଡରେ ବେଶ୍ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥିଲା। ତେବେ ତୃତୀୟ ରାଉଣ୍ଡ ପରେ ସେ ଗୋଟିଏ ହେଲେ ବି ସେଟ୍ ଡ୍ରପ୍ କରି ନ ଥିଲେ। ପୋଟ୍ରୋଙ୍କ ସର୍ଭ ଜୋକୋଭିଚ୍‌ଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତେବେ ଶେଷରେ ନିଜ ଅଭିଜ୍ଞତାରୁ ଜୋକୋଭିଚ୍ ଫାଇଦା ଉଠାଇ ବାଜି ମାରିଥିଲେ। ଏହା ପୂର୍ବରୁ ଗତ ଜୁଲାଇ ମାସରେ ଜୋକୋଭିଚ୍ ୱିମ୍ବେଲଡ଼ନ ଟାଇଟଲ ହାସଲ କରିଥିଲେ। କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଜିତି ଜୋକୋଭିଚ୍ ଏବେ ଏଟିପି ର୍‍ୟାଙ୍କିଙ୍ଗର ତୃତୀୟ ସ୍ଥାନକୁ ଉଠିବା ନିଶ୍ଚିତ ହୋଇଛି। ଏହି ଟୁର୍ନାମେଣ୍ଟରେ ତୃତୀୟ ସିଡ ମାନ୍ୟତା ପାଇଥିବା ୨୯ ବର୍ଷୀୟ ପୋଟ୍ରୋ ୨୦୦୯ ୟୁଏସ୍ ଓପନ ଜିତିବା ପରେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିଲେ। ପରାଜୟ ମୋତେ ନିରାଶ କରିଛି। ତେବେ ଜୋକୋଭିଚ୍‌ଙ୍କ ପାଇଁ ମୁଁ ବେଶ୍ ଆନନ୍ଦିତ ବୋଲି ପୋଟ୍ରୋ କହିଛନ୍ତି।

## ଏସିଆ କପ୍‌ରୁ ଚାଣ୍ଡିମଲ ଆଉଟ୍



କଲମ୍ବୋ, ୧୦।୯ (ଏଏଫପି)

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶ୍ରୀଲଙ୍କାର ୧୬ ଜଣିଆ କ୍ରିକେଟ ଦଳରୁ ଟେଷ୍ଟ ଅଧିନାୟକ ଦୀନେଶ ଚାଣ୍ଡିମଲ ଓହରି ଯାଇଛନ୍ତି। ଏହି ୨୮ବର୍ଷୀୟ ବ୍ୟାଟ୍ସମ୍ୟାନ ଏକ ଘରୋଇ ଟି୨୦ ମ୍ୟାଚ ଖେଳୁଥିବାବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଛି। ଏଥିରୁ ଆରୋଗ୍ୟ ଲାଭ କରିବା ଲାଗି ତାଙ୍କୁ କିଛି ସମୟ ଲାଗିବ ବୋଲି ଶ୍ରୀଲଙ୍କା କ୍ରିକେଟ (ଏସଏଲସି) ପକ୍ଷରୁ ସଫେଇ ଦିଆଯାଇଛି। ଚାଣ୍ଡିମଲଙ୍କ ସ୍ଥାନରେ ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା ଦଳରେ ସ୍ଥାନ ପାଇଛନ୍ତି। ୬ଟି ଦେଶର କ୍ରିକେଟ ଦଳକୁ ନେଇ ଏସିଆ କପ୍ ଟୁର୍ନାମେଣ୍ଟ ଶନିବାରଠାରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ।

**ଶ୍ରୀଲଙ୍କା ଦଳ:** ଆଞ୍ଜେଲୋ ମାଥ୍ୟୁସ (ଅଧିନାୟକ), କୁସାଲ ପେରେରା, କୁସାଲ ମେଣ୍ଡିସ, ଉପୁଲ ଥରଙ୍ଗା, ନିରୋଶାନ ଡିକ୍‌ୱେଲା, ଦାନୁଷ୍କା ଗୁଣତିଲକା, ଥିସାରା ପେରେରା, ଦାସୁନ ଶାନକା, ଦନଞ୍ଜୟ ଡି'ସିଲ୍‌ଭା, ଆକିଲା ଦନଞ୍ଜୟ, ଦିଲରୁୱାନ ପେରେରା, ଆମିଲା ଆପୋଁସୋ, କାସୁନ ରାଜିଥା, ସୁରଙ୍ଗ ଲକମଲ, ଦୁଷ୍ମନ୍ତ ଚାମିରା ଓ ଲସିଥ ମାଲିଙ୍ଗା।

## ରାଜ୍ୟ ଟେନିକଏଟ ଉଦ୍‌ଯାପିତ

କଟକ ଅଫିସ,୧୦।୯

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩୧ତମ ରାଜ୍ୟ ସବ୍‌ଜୁନିୟର, ଜୁନିୟର, ସିନିୟର ଟେନିକଏଟ ଚାମ୍ପିୟନଶିପ୍ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସିନିୟର ପୁରୁଷ ସିଙ୍ଗଲ୍ସରେ ଅରୁଣ କୁମାର ନାୟକ ଚାମ୍ପିୟନ ହୋଇଥିବା ବେଳେ ରାଜେଶ ନାୟକ ରନର୍ସଅପ ଓ ମହମ୍ମଦ ମୁମତାଜ ୩ୟ ସ୍ଥାନରେ ରହିଥିଲେ। ସିନିୟର ପୁରୁଷ ଡବଲ୍ସ ଫାଇନାଲରେ କଟକର ବିନୟ ଝା- ମନୋଜ ମହାରଣାଙ୍କ ଯୋଡ଼ି ଯାଜପୁରର କ୍ଷୀତିଶ ନାଥ- ଶକ୍ତି ପ୍ରସାଦ ବିଶ୍ୱାଳଙ୍କ ଯୋଡ଼ିକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ସିନିୟର ମହିଳା ସିଙ୍ଗଲ୍ସରେ ଶୁଭଶ୍ରୀ ସାମଲ ଚାମ୍ପିୟନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ରନର୍ସଅପ ଓ ସୁଶ୍ରୀ ସଙ୍ଗୀତା ଜେନା ୩ୟ ସ୍ଥାନରେ ରହିଥିଲେ। ସିନିୟର ମହିଳା ଡବଲ୍ସରେ ଯାଜପୁରର ଶୁଭାଙ୍ଗିନୀ ମିଶ୍ର-ଲକ୍ଷ୍ମୀପ୍ରିୟା ନନ୍ଦଙ୍କ ଯୋଡ଼ି କେନ୍ଦ୍ରାପଡ଼ାର ଇପସିତା ସେନ-ଶ୍ରୀବିତ୍ୟ ମହାରଣାଙ୍କ ଯୋଡ଼ିକୁ ହରାଇ ଚାମ୍ପିୟନ ହୋଇଛି। ସିନିୟର ମିକ୍ସଡ ଡବଲ୍ସରେ ଯାଜପୁରର ମଳୟ ସିଂ-ପ୍ରଭାସିନୀ ବିଶ୍ୱାଳଙ୍କ ଯୋଡ଼ି ଟାଇଟଲ ହାସଲ କରିଛି। କଟକର ପ୍ରକାଶ ସ୍ୱାଇଁ-କଲ୍ୟାଣୀ ସାହୁଙ୍କ ଯୋଡ଼ି ରନର୍ସଅପ ହୋଇଥିଲା। ଜୁନିୟର ବାଳକ ସିଙ୍ଗଲ୍ସରେ ପବନ ପ୍ରସାଦ ଚାମ୍ପିୟନ, ବିଜୟ ମହାନ୍ତି ରନର୍ସଅପ ଓ ଅଭିମନ୍ୟୁ ବେହେରା ୩ୟ ସ୍ଥାନରେ ରହିଥିଲେ। ଜୁନିୟର ବାଳକ ଡବଲ୍ସରେ ଯାଜପୁରର ମନୋଜ ବାରିକ-ସୌମ୍ୟ ରଞ୍ଜନ ସାହୁଙ୍କ ଯୋଡ଼ି ଚାମ୍ପିୟନ ଓ କଟକର ସତ୍ୟବ୍ରତ ନାୟକ-କାର୍ତ୍ତିକ ବେହେରାଙ୍କ ଯୋଡ଼ି ରନର୍ସଅପ ହୋଇଛି। ଜୁନିୟର ବାଳିକା ସିଙ୍ଗଲ୍ସରେ ପ୍ରମିଳା ରାଉତ, ନୀତି ଗୁପ୍ତା ଓ ଅର୍ପିତା ପ୍ରିୟଦର୍ଶିନୀ ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି। ଜୁନିୟର ବାଳିକା ଡବଲ୍ସ ଫାଇନାଲରେ କଟକର ଚାନ୍ଦିନୀ ପରିଡ଼ା-ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କ ଯୋଡ଼ି ଯାଜପୁରର ଶୁଭଶ୍ରୀ ବିଶ୍ୱାଳ- ଦୀପ୍ତିମୟୀ ପ୍ରଧାନଙ୍କ ଯୋଡ଼ିକୁ ହରାଇ ଚାମ୍ପିୟନ ହୋଇଥିଲା। ଜୁନିୟର ମିକ୍ସଡ ଡବଲ୍ସରେ ଝାରସୁଗୁଡ଼ାର ଶୁଭମ ଯାଦବ-ଇଶିକା ମୁଖାର୍ଜୀଙ୍କ ଯୋଡ଼ି ଟାଇଟଲ ଅର୍ଜନ କରିଛନ୍ତି।



ଜାତୀୟ ରୋଲ୍ ବଲ୍ ସ୍କେଟିଂ ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳର ଖେଳାଳିମାନେ।

## ଜାତୀୟ ରୋଲ୍ ବଲ୍‌କୁ ଓଡ଼ିଶା ବାଳିକା ଦଳର ଯୋଗ୍ୟତା

ଭୁବନେଶ୍ୱର, ୧୦।୯(ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ରୋଲ୍ ବଲ ଚାମ୍ପିୟନଶିପ୍ ନିମନ୍ତେ ୧୪ ବର୍ଷରୁ କମ୍ ଓଡ଼ିଶା ବାଳକ ଓ ବାଳିକା ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଥମଥର ଲାଗି ୧୪ ବର୍ଷରୁ କମ୍ ଓଡ଼ିଶା ବାଳିକା ଦଳ ଜାତୀୟ ପ୍ରତିଯୋଗିତାରେ ଖେଳିବାକୁ ସୌଭାଗ୍ୟ ହାସଲ କରିଛି। ସେପ୍ଟେମ୍ବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ମହାରାଷ୍ଟ୍ରର ପୁନେଠାରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ଏହି ଅବସରରେ ଚନ୍ଦ୍ରଶେଖରପୁର ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କ ସ୍କେଟିଂ ଗ୍ରାଉଣ୍ଡରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ମେୟର ଅନନ୍ତ ନାରାୟଣ ଜେନା, ବିଡିଏ ସେକ୍ରେଟାରି ଭବାନୀ ଶଙ୍କର ଚୟାନୀ, କର୍ପୋରେଟର ଦେବ ମଲିକ, ସୁରେନ୍ଦ୍ର କୁମାର ସ୍ୱାଇଁ, ଓଡ଼ିଶା ରୋଲ୍ ବଲ ଆସୋସିଏଶନ ସମ୍ପାଦକ ପାର୍ଥସାରଥୀ ଜେନା ଏବଂ ଆସୋସିଏଶନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଓଡ଼ିଶା ବାଳିକା ଓ ବାଳକ ରୋଲ୍ ବଲ୍ ସ୍କେଟିଂ ଦଳକୁ ଶୁଭେଚ୍ଛା ଜଣାଇଥିଲେ।

**ଓଡ଼ିଶା ବାଳକ ଦଳ:** ଦେବ ମହାପାତ୍ର, ମନୀଷ ଶାହାଣୀ, ଅରିନ୍ଦମ ସାମଲ, ପ୍ରମେଶ ମହାନ୍ତି, ଜୀବନ ଗଡ଼ନାୟକ, ପ୍ରୀତିଶ ଆର୍ଯ୍ୟାନ ଜେନା, ଶୁଭଙ୍କର ଖିଲାର, ଅମିତ୍ କୁମାର ସେଠୀ, ରୁଶୀଲ ସାମଲ ଓ ଏସ୍. ପ୍ରୀତେଶ।

**ଓଡ଼ିଶା ବାଳିକା ଦଳ:** ଭଂଶିକା ଟିକମଣି, ତନୁଶ୍ରୀ ଚୌଧୁରୀ, ସମିଦ୍ଧା ବର୍ମା, ଜୈନବ ନଫିସ୍, ଆରାଧ୍ୟା ମଞ୍ଜରୀ ଦେବୀ, ପଲ୍ଲବୀ ସାହୁ ଓ ରାଜଶ୍ରୀ ବେବର୍ତ୍ତା।

## ■ ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନ୍‌ଶିପ୍

## ଅପରାଜିତାଙ୍କୁ ଭାରତୀୟ ଦଳର ନେତୃତ୍ୱ

ଭୁବନେଶ୍ୱର, ୧୦।୯(ସ୍ପୋର୍ଟ୍ସ ବ୍ୟୁରୋ)

ବ୍ରାଜିଲରେ ହେବାକୁ ଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନଶିପ୍ (ବାଳିକା/ବାଳକ) ନିମନ୍ତେ କିଟ୍‌ର ଅନ୍ତର୍ଜାତୀୟ ଖେଳାଳି ଅପରାଜିତା ଗୋଚ୍ଛିକାରଙ୍କୁ ୮ ଜଣିଆ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। କିଟ୍‌ର ଛାତ୍ରୀ ଆକାଂକ୍ଷା କବି ମଧ୍ୟ ଏହି ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ପକ୍ଷରୁ ଏହି ଦଳ ସୋମବାର କିଟ୍‌ରୁ ବ୍ରାଜିଲ୍ ଅଭିମୁଖେ ଗସ୍ତ କରିଛି। ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ବ୍ରାଜିଲରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅପରାଜିତା ଜଣେ ଅନ୍ତର୍ଜାତୀୟ ଚେସ୍ ଖେଳାଳି ହୋଇଥିବା ବେଳେ ସେ ଅନ୍ତର୍ଜାତୀୟସ୍ତରରେ ବହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ସେହିପରି ଆକାଂକ୍ଷା କବି ମଧ୍ୟ ଜଣେ ଜାତୀୟସ୍ତରର ଚେସ୍ ଖେଳାଳି। ଗତ ୬ରୁ ୧୦ତାରିଖ ପର୍ଯ୍ୟନ୍ତ କିଟ୍‌ରେ ଭାରତୀୟ ଦଳର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ଚେସ୍ ଖେଳାଳି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନ୍‌ଶିପ୍ ପାଇଁ କିଟ୍ ସମେତ ଫକୀର ମୋହନ ଓ ଓସ୍‌ମାନିଆ ବିଶ୍ୱବିଦ୍ୟାଳୟରୁ ଜଣେ ଲେଖାଏ ଏବଂ ଏସ୍‌ଭି ପୁନେ ବିଶ୍ୱବିଦ୍ୟାଳୟର (ପୁନେ)ରୁ ୨ଛାତ୍ର ଓ ୩ ଛାତ୍ରୀ ମନୋନୀତ ହୋଇଛନ୍ତି। ବ୍ରାଜିଲ୍ ଗସ୍ତ ପୂର୍ବରୁ ଏହି ଖେଳାଳିମାନଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ।


ଅଚ୍ୟୁତ ସାମନ୍ତଙ୍କ ସହ ଭାରତୀୟ ବିଶ୍ୱବିଦ୍ୟାଳୟ ଚେସ୍ ଦଳର ଖେଳାଳି।

### ଏସିଆ-ପ୍ୟାସିଫିକ୍ ମାଷ୍ଟର୍ସ ଆଥ୍‌ଲେଟିକ

## ଶଟ୍‌ପୁଟ୍‌ରେ ପାର୍ବତୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୦।୯ (ସ୍ପୋର୍ଟ୍ସ ବ୍ୟୁରୋ)

ମାଲେସିଆର ପେନାଙ୍ଗ ସହରରେ ଚାଲିଥିବା ଏସିଆ-ପ୍ୟାସିଫିକ୍ ମାଷ୍ଟର୍ସ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପାର୍ବତୀ ସେଠୀ ଦେଶରୁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ଜିତିଛନ୍ତି। ମହିଳା ଶଟ୍ ପୁଟ୍ ଥ୍ରୋରେ ପାର୍ବତୀ ୧୨.୫୫ ମିଟର ଦୂରତ୍ୱକୁ ଶଟ୍ ପୁଟ ଫିଙ୍ଗି ୨ୟ ସ୍ଥାନ ହାସଲ କରିଥିଲେ। ଗତ ୭ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ପାର୍ବତୀ ୨ୟ ଓଡ଼ିଆ ଆଥ୍‌ଲେଟ୍‌ଭାବେ ପଦକ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏଥିପୂର୍ବରୁ ଜାଭେଲିନ୍ ଥ୍ରୋରେ ସମ୍ବଲପୁରର ନମିତା ପଟେଲ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ।


ପାର୍ବତୀ ସେଠୀ



ରବୀନ୍ଦ୍ର ଜାଡ଼େଜା ଜଣେ ଅସାଧାରଣ ଖେଳାଳି। ତାଙ୍କୁ ଅନ୍ତିମ ଟେଷ୍ଟ ମ୍ୟାଚରେ ଖେଳାଯାଇଥିବାରୁ ଆମେ ଖୁସି।
–ପଲ୍ ଫାର୍‌ବ୍ରେସ୍
ଇଂଲଣ୍ଡ ସହକାରୀ କ୍ରିକେଟ କୋଚ୍



ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଏକ କଠିନ ପରିସ୍ଥିତିରେ ମୁଁ ଅର୍ଦ୍ଧଶତକ ହାସଲ କରିପାରିବା ପଛରେ ଦ୍ରାବିଡଙ୍କ ପରାମର୍ଶ କାମ କରିଛି ।
–ହନୁମା ବିହାରୀ, ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ଅନ୍ତିମ ମିନିଟରେ ଜିତିଲା ସନ୍‌ରାଇଜ୍

**କଟକ ଅଫିସ,୧୦।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଆଜାଦ ହିନ୍ଦ କ୍ଲବ ଓ ସନ୍‌ରାଇଜ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଆଜାଦ ହିନ୍ଦ କ୍ଲବ ୩-୦ ଗୋଲରେ ୱେଷ୍ଟର୍ଣ୍ଣ ମହାବୀରକୁ ପରାସ୍ତ କରିଛି। ଦଳ ପକ୍ଷରୁ କେଶବ ମାଝୀ ୫ମ ମିନିଟରେ, ବସନ୍ତ କାଲୋ ୪୦ତମ ମିନିଟରେ ଓ ସତ୍ୟବାନ କିଶାନ ୭୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସେହିଭଳି ଜୟଦୁର୍ଗା ଓ ସନ୍‌ରାଇଜ୍ କ୍ଲବ ମଧରେ ଅନୁଷ୍ଠିତ ମ୍ୟାଚ ରୋମାଞ୍ଚକର ହୋଇଥିଲା। ତେବେ ସନରାଇଜ ଶେଷରେ ୨-୧ ଗୋଲରେ ବିଜୟୀ ହୋଇଥିଲା। ଜୟଦୁର୍ଗା ପକ୍ଷରୁ ଅତିରିକ୍ତ (୪୦+୨) ମିନିଟରେ ଗୋଟିଏ ଗୋଲ ହେବା ଯୋଗୁଁ ଦଳ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ରହିଥିଲା। ସିଦ୍ଧାନ୍ତ ଦାସ ଏହି ଗୋଲଟି ଦେଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧର ଅନ୍ତିମ ମିନିଟରେ ମ୍ୟାଚକୁ ଜିତିଥିଲା ସନ୍‌ରାଇଜ୍। ସନ୍‌ରାଇଜ ପକ୍ଷରୁ ମହମ୍ମଦ ଫାୟାଜ ୭୨ତମ ମିନିଟରେ ପ୍ରଥମ ଗୋଲ ଦେଇ ମ୍ୟାଚ୍‌କୁ ୧-୧ର ସମାନ ସ୍ଥିତିରେ ପହଞ୍ଚାଇଥିବା ବେଳେ ଅତିରିକ୍ତ (୮୦+୨) ମିନିଟରେ ଏକ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ ।

### କ୍ରିକେଟ ପିଚ୍‌କୁ ଫେରିଲେ ସେହ୍ୱାଗ



**ବେଙ୍ଗାଲୁରୁ,୧୦।୯:** ବିସ୍ଫୋରକ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କୁ ପୁଣିଥରେ କ୍ରିକେଟ ପିଚ୍‌ରେ ଦେଖିବାକୁ ମିଳିଛି। କ୍ରିକେଟରୁ ଅବସର ନେଇସାରିଥିଲେ ମଧ ସେଇ ଚିରାଚରିତ ଅନ୍ଦାଜରେ ବଲକୁ ବାଉଣ୍ଡ୍ରି ରେଖା ବାହାରକୁ ପଠାଇଥିଲେ। ଏ ନେଇ ସେହ୍ୱାଗ ଟୁଇଟରରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ଛକା ଓ ଚୌକା ବର୍ଷା କରୁଥିବାର ଦେଖିବାକୁ ମିଳିଛି। ଏହାର କ୍ୟାପସନରେ ଲେଖିଛନ୍ତି, ପୂର୍ବରୁ ଯେମିତି ଖେଳୁଥିଲି ଏବେ ବି ସେମିତ ଖେଳୁଛି। ଭଲ କାର୍ଯ୍ୟ ବିଳମ୍ବ କରାଯାଏ ନାହିଁ। ଏଠାରେ ଖେଳାଯାଉଥିବା କର୍ଣାଟକ ଚଳଚ୍ଚିତ୍ର କପ୍ (କେସିସି) ଟୁର୍ଣ୍ଣାମେଣ୍ଟରେ କଦମ୍ବା ଲାୟନ୍ସ ପକ୍ଷରୁ ସେହ୍ୱାଗ ଖେଳୁଛନ୍ତି। ବନ୍ଧୁତ୍ୱପୂର୍ଣ୍ଣ ଦୁଇ ଦିନିଆ ପ୍ରତିଯୋଗିତାରେ ସେହ୍ୱାଗଙ୍କ ବ୍ୟତୀତ ହର୍ଶେଲ ଗିବ୍ସ, ୱ୍ରାଇସ ସାହା ଓ ତିଲକରତ୍ନେ ଦିଲସାନଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଉଲ୍ଲେଖଥାଉ କି, ସେହ୍ୱାଗ ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ସେ ଭାରତ ଲାଗି ପ୍ରତ୍ୟେକ ଫର୍ମାଟରେ ପ୍ରତିନିଧିତ୍ୱ କରିଥିଲେ। ୧୦୪ ଟେଷ୍ଟ ସହ ୨୫୧ ଦିନିକିଆ ଓ ୧୯ ଟି୨୦ ଖେଳିଥିଲେ।

### ଶୁଟିଂ ବିଶ୍ୱକପ କ୍ୱାଲିଫାଇଂରେ ଶୀର୍ଷ ସ୍ଥାନ ସତ୍ତ୍ୱେ ପଦକ ନାହିଁ

**ଚାଙ୍ଗୱାନ,୧୦।୯(ପି.ଟି.):** ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପର ୯ମ ଦିନ ଭାରତୀୟ ଜୁନିୟର ସ୍କିଟ ଦଳ ଯୋଗ୍ୟତା ପର୍ଯ୍ୟାୟରେ ଶୀର୍ଷ ସ୍ଥାନ ହାସଲ କରିବା ସତ୍ତ୍ୱେ ପଦକ ହାସଲ କରିବାରେ ବିଫଳ ହୋଇଛି। ସୋମବାର ଅନୁଷ୍ଠିତ ଇଭେଣ୍ଟର କ୍ୱାଲିଫାଇଂ ପର୍ଯ୍ୟାୟରେ ଗୁର୍‌ନିହାଲ ସିଂ ୭୩, ଅନନ୍ତଜୀତ ସିଂ ୭୧ ଓ ଆୟୁଶ ରୁଦ୍ରାରାଜୁ ୭୦ ସ୍କୋର କରିଥିଲେ। ଫଳରେ ଭାରତୀୟ ଦଳ ମୋଟ ୨୨୫ରୁ ୨୧୪ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନ ହାତେଇଥିଲା। ମାତ୍ର ପଦକ ରାଉଣ୍ଡରେ ଗୁର୍‌ନିହାଲ, ଅନନ୍ତଜୀତ ଓ ଆୟୁଶଙ୍କୁ ନେଇ ଗଠିତ ଭାରତୀୟ ଦଳ ସେଭଳି ପ୍ରଦର୍ଶନ କରି ପାରି ନ ଥିଲେ। ସେହିଭଳି ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକଧାରୀ ଅନିଶ ଭାନୱାଲା ୨୫ ମି. ରାପିଡ ଫାୟାର ପିସ୍ତଲ ଇଭେଣ୍ଟରେ ମାତ୍ର ୩ ପଏଣ୍ଟ ବ୍ୟବଧାନରେ ପଦକ ହାତଛଡ଼ା କରିଛନ୍ତି। ସମାନ ଅବସ୍ଥା ଐଶ୍ୱର୍ଯ୍ୟା ପ୍ରତାପ ସିଂ ତୋମାରଙ୍କୁ ଭୋଗିବାକୁ ପଡ଼ିଛି। ସେ ୫୦ ମି. ଥ୍ରି ପୋଜିଶନ ଜୁନିୟର ଇଭେଣ୍ଟରେ ୪ର୍ଥ ସ୍ଥାନରେ ରହିଛନ୍ତି।





## ରୁଟ୍, କୁକ୍‌ଙ୍କ ଶତକ

# ଇଂଲଣ୍ଡ ନିୟନ୍ତ୍ରଣରେ ଅନ୍ତିମ ଟେଷ୍ଟ

**ଲଣ୍ଡନ, ୧୦।୯ (ପି.ଟି.)**

ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଭାରତ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡ ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ଓ ଅଧିନାୟକ ଜୋ ରୁଟ୍‌ଙ୍କ ଶତକ ବଳରେ ସ୍ଥିତି ମଜଭୁତ କରିଛି। ପ୍ରଥମ ଇନିଂସରେ ୪୦ ରନର ଅଗ୍ରଣୀ ହାସଲ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୧୨.୩ ଓଭରରେ ୮ ଉଇକେଟ ହରାଇ ୪୨୩ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଭାରତ ସମ୍ମୁଖରେ ବିଜୟ ପାଇଁ ୪୬୪ ରନର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୧୮ ଓଭରରେ ୩ ଉଇକେଟ ହରାଇ ୫୮ ରନ ସଂଗ୍ରହ କରିଛି। ମ୍ୟାଚ ଆଉ ଗୋଟିଏ ଦିନ ଥିବାବେଳେ ଭାରତ ୭ ଉଇକେଟ ବାକି ଥାଇ ବିଜୟ ପାଇଁ ଆହୁରି ୪୦୬ ରନ ଆବଶ୍ୟକ କରୁଛି। ଓପନର ଲୋକେଶ ରାହୁଲ ୪୬ ଓ ଅଜିଙ୍କ୍ୟ ରାହାନେ ୧୦ ରନ କରି ଅପରାଜିତ ରହିଛନ୍ତି। ଶିଖର ଧାୱନ ୧ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ବିରାଟ କୋହଲି ଓ ଚେତେଶ୍ୱର ପୂଜାରା ଖାତା ଖୋଲି ପାରି ନାହାନ୍ତି। ବୋଲିଂରେ ଇଂଲଣ୍ଡ ତରଫରୁ ଜେମ୍ସ ଆଣ୍ଡରସନ ୨ ଓ ଷ୍ଟୁଆର୍ଟ ବ୍ରଡ ଗୋଟିଏ ଉଇକେଟ ନେଇଛନ୍ତି।

ତୃତୀୟ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୧୪/୨ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରିଛି। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ କୁକ୍ ଓ ରୁଟ୍ ଶତକ ହାସଲ କରି ଭାରତୀୟ ବୋଲରଙ୍କୁ ନିରାଶ କରିବା ସହ ଆଉଟ ହେବା ପୂର୍ବରୁ ଦଳର ସ୍ଥିତି ଦୃଢ଼ କରିଛନ୍ତି। ୪୬ ରନରୁ ଖେଳ ଆରମ୍ଭ କରି କୁକ ୧୪୭ ରନର ଶତକୀୟ ପାଳି ଖେଳି ପଦାର୍ପଣ କରିଥିବା ଭାରତୀୟ କାମଚଳା ସ୍ପିନର ହନୁମା ବିହାରୀଙ୍କ ବଲରେ କଟ୍ ବିହାଇଣ୍ଡ ହୋଇଥିଲେ। ସେହିପରି ୨୯ ରନରୁ ଖେଳ ଆରମ୍ଭ କରି ରୁଟ୍ ୧୨୫ ରନ କରିଥିବା ବେଳେ ହନୁମାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ରୁଟ୍ ବଦଳ ଫିଲ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ହନୁମାଙ୍କ ଗୋଟିଏ ଓଭରରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହୋଇଥିଲେ। ଦ୍ୱିତୀୟ ଇନିଂସର ୯୫ତମ ଓଭରର ପ୍ରଥମ ବଲ୍‌ରେ ରୁଟ୍ ଓ ଦ୍ୱିତୀୟ ବଲରେ କୁକ୍ ଆଉଟ ହୋଇଥିଲେ। ଏହାପରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ୧୮, ଜୋଶ ବଟଲର ବିନା ସ୍କୋରରେ, ବେନ ଷ୍ଟୋକ୍ସ ୩୭ ଓ ସାମ କୁରାନ ୨୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଆଦିଲ ରସିଦ୍ ୨୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ରବୀନ୍ଦ୍ର ଜାଡେଜା ଓ ହନୁମା ବିହାରୀ ୩ଟି ଲେଖାଏ, ସାମି ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୨୨ ଓଭରରେ ୩୩୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସରେ ୯୫ ଓଭରରେ ୨୯୨ ରନ କରି ଅଲଆଉଟ ହେବା ସହ ୪୦ ରନ ପଛରେ ପଡିଥିଲା। ୫ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୩–୧ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ- ୧୨୨ ଓଭରରେ ୩୩୨ ଅଲଆଉଟ୍।
ଭାରତ ପ୍ରଥମ ଇନିଂସ- ୯୫ ଓଭରରେ ୨୯୨ ଆଲଆଉଟ
ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୧୧୨.୩ ଓଭରରେ ୪୨୩/୮ (ଇନିଂସ ଘୋଷଣା)
(କୁକ- ୧୪୭, ରୁଟ୍- ୧୨୫, ଜାଡେଜା- ୩/୧୭୯, ବିହାରୀ- ୩/୩୭, ସାମି- ୨/ ୧୧୦)।
ଭାରତ ଦ୍ୱିତୀୟ ଇନିଂସ- ୧୮ ଓଭରରେ ୫୮/୩
(ରାହୁଲ- ୪୬ *, ରାହାନେ- ୧୦*, ଆଣ୍ଡରସନ- ୨/୨୩)

## ବିଦାୟୀ ଟେଷ୍ଟରେ କୁକ୍‌ଙ୍କ କୀର୍ତ୍ତିମାନ

ଅଭିଜ୍ଞ ଇଂଲଣ୍ଡ ଓପନର ଆଲିଷ୍ଟର କୁକ୍ ବିରଳ ସଫଳତା ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ସେ ପଞ୍ଚମ ବ୍ୟାଟ୍ସମ୍ୟାନ ଭାବେ ନିଜ ପ୍ରଥମ ଓ ଅନ୍ତିମ ମ୍ୟାଚରେ ଶତକ ହାସଲ କରି ଏକ ଅସାଧାରଣ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଠାରେ ଚାଲିଥିବା ଭାରତ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ କୁକ୍ ୧୪୭ ରନର ଦମ୍‌ଦାର ଶତକୀୟ ପାଳି ଖେଳି ଭାରତୀୟ କାମଚଳା ସ୍ପିନର ହନୁମା ବିହାରୀଙ୍କ ବଲରେ ଉଇକେଟ କିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହି ଶତକୀୟ ଇନିଂସ ଅବସରରେ କୁକ୍ ୨୮୬ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ଟି ଚୌକା ମାରିଥିଲେ। ଦ୍ୱିତୀୟ ଇନିଂସର ୭୦ତମ ଓଭରରେ ଯଶପ୍ରୀତ ବୁମରାଙ୍କ ବଲରେ ରନ ସଂଗ୍ରହ କରି କୁକ୍ ଶତକ ହାସଲ କରିଥିଲେ ଓ ସେ ଅଷ୍ଟ୍ରେଲିଆର ଷ୍ଟିଭ ୱାଙ୍କୁ ପଛରେ ପକାଇଥିଲେ। ଷ୍ଟିଭ ୩୨ଟି ଶତକ ହାସଲ କରିଥିଲେ। ସବୁଠାରୁ ମଜାର କଥା ହେଉଛି ଯେ, କୁକ୍ ଭାରତ ବିପକ୍ଷରେ ହିଁ ୨୦୦୬ରେ ନାଗପୁରରେ ପଦାର୍ପଣ କରି ଶତକ ଅର୍ଜନ କରିଥିଲେ। ଏହା ପୂର୍ବରୁ କୁକ୍ ପ୍ରଥମ ଇନିଂସରେ ୭୧ରନର ଅର୍ଦ୍ଧଶତକୀୟ ପାଳି ଖେଳି ଯଶପ୍ରୀତ ବୁମରାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ।

କୁକ୍‌ଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ରେଗ୍ଗି ଡଫ୍, ବିଲ୍ ପନ୍ସଫର୍ଡ, ଗ୍ରୋଗ ଚାପେଲ ଓ ଭାରତର ମହମ୍ମଦ ଆଝାରୁଦ୍ଦିନ କ୍ୟାରିୟର ପ୍ରଥମ ଓ ଅନ୍ତିମ ଟେଷ୍ଟରେ ଶତକ ହାସଲ କରିଥିଲେ। ଏଥିସହିତ କୁକ୍ କ୍ୟାରିୟରର ୩୩ତମ ଟେଷ୍ଟ ଶତକ ଅର୍ଜନ କରି ଏହି ବିରଳ କ୍ଲବ୍‌ରେ ସାମିଲ ହୋଇଛନ୍ତି। କୁକ୍ ତାଙ୍କର ଅନ୍ତିମ ଇନିଂସରେ ୭୬ ରନ କରିବା ପରେ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ସର୍ବାଧିକ ରନ୍ ସଂଗ୍ରହ କରି ଶ୍ରୀଲଙ୍କାର କୁମାର ସାଙ୍ଗକରାଙ୍କୁ ପଛରେ ପକାଇଥିଲେ। ମୋଟ ଉପରେ ସେ ଟେଷ୍ଟ ଫର୍ମାଟରେ ପଞ୍ଚମ ସର୍ବାଧିକ ରନ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଏହି ତାଲିକାରେ ଭାରତର ସଚିନ ତେନ୍ଦୁଲକର, ଅଷ୍ଟ୍ରେଲିଆର ରିକି ପଣ୍ଟିଂ, ଦକ୍ଷିଣ ଆଫ୍ରିକାର ଜ୍ୟାକ କାଲିସ୍ ଓ ଭାରତର ରାହୁଲ ଦ୍ରାବିଡ୍ କୁକ୍‌ଙ୍କ ଉପରେ ସ୍ଥାନିତ ହୋଇଛନ୍ତି। ଭାରତ ବିପକ୍ଷରେ ଏହା କୁକ୍‌ଙ୍କ ସପ୍ତମ ଟେଷ୍ଟ ଶତକ। ପୂର୍ବରୁ କେଭିନ ପିଟରସନ ଭାରତ ବିପକ୍ଷରେ ୬ଟି ଶତକ ହାସଲ କରିଥିଲେ। ପଣ୍ଟିଂଙ୍କ ପରେ କୁକ୍ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ପୁଣି କେବଳ ଦ୍ୱିତୀୟ ଇନିଂସରେ ସେ ୧୫ଟି ଶତକ ହାସଲ କରି ସାଙ୍ଗକରା (୧୪)ଙ୍କୁ ପଛରେ ପକାଇଛନ୍ତି।

କ୍ୟାରିୟରର ବିଦାୟୀ ଟେଷ୍ଟରେ କୁକ୍‌ଙ୍କ ଏହି ଦମ୍‌ଦାର ପ୍ରଦର୍ଶନକୁ ବିଶ୍ୱବ୍ୟାପୀ ପ୍ରଶଂସା କରାଯାଇଛି। ଓଭାଲ ଷ୍ଟାଡିୟମରେ ଉପସ୍ଥିତ ଥିବା କୁକଙ୍କ ଝିଅ ତାଙ୍କୁ ଛିଡ଼ା ହୋଇ ଅଭିବାଦନ ଜଣାଇଥିଲେ। ଆଜିକୁ ୭୦ ବର୍ଷ ତଳେ ଏହି ଗ୍ରାଉଣ୍ଡରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସାର ଡନ ବ୍ରାଡମ୍ୟାନ ନିଜର ଅନ୍ତିମ ଟେଷ୍ଟ ଖେଳିଥିଲେ। ତେବେ ଏରିକ ହୋଲିଜଙ୍କ ଗୁଗଲିରେ ଆଉଟ ହେବା ପରେ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା।

### ସଂଖ୍ୟାରେ କ୍ୟାରିୟର

ଟେଷ୍ଟ- ୧୬୧
ଇନିଂସ- ୨୯୧
ରନ- ୧୨,୪୭୨
ହାରାହାରି- ୪୫. ୩୫
ଶତକ- ୩୩
ଅର୍ଦ୍ଧଶତକ- ୫୭
ବଲ ସମ୍ମୁଖୀନ- ୨୬,୫୬୨
ବ୍ୟାଟିଂ ମିନିଟ୍‌ରେ- ୩୭,୩୦୮
ସର୍ବାଧିକ ସ୍କୋର- ୨୯୪
ପଦାର୍ପଣ- ୨୦୦୬

## ନେଶନ୍ସ ଲିଗ୍: ଇଟାଲୀ ଦଳରୁ ବାଲୋଟେଲି ବାଦ୍

**ଲିସବନ, ୧୦।୯ (ଏଏଫ୍‌ପି):** ପର୍ତ୍ତୁଗାଲ ବିପକ୍ଷ ନେଶନ୍ସ ଲିଗ୍ ମ୍ୟାଚ୍ ପାଇଁ ସୋମବାର ଇଟାଲୀ ଫୁଟ୍‌ବଲ ଦଳ ଘୋଷଣା ହୋଇଯାଇଛି। ଏହି ଦଳରୁ ଫରୱାର୍ଡ ମାରିଓ ବାଲୋଟେଲିଙ୍କୁ ବାଦ୍ ଦିଆଯାଇଛି। ଗତ ଶୁକ୍ରବାର ଖେଳାଯାଇଥିବା ପୋଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ବାଲୋଟେଲି ଆହତ ହୋଇଥିଲେ। ଏହି ମ୍ୟାଚ୍‌ରେ ମାଂସପେଶୀ ଜନିତ ସମସ୍ୟା କାରଣରୁ ପଡ଼ିଆ ବାହରକୁ ଚାଲି ଯାଇଥିଲେ। ତେବେ ଫିଟ୍‌ନେସ ସମସ୍ୟା ଯୋଗୁ ସେ ପଡ଼ିଥିବା କୋଚ୍ ରବର୍ଟ ମାନ୍ସିନି କହିଛନ୍ତି। ଉଲ୍ଲେଖଥାଉ କି, ୪ ଥର ବିଶ୍ୱ ଚାମ୍ପିୟନ ଇଟାଲୀ ୨୦୧୮ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲା।

## ଭରତଙ୍କ ଶତକ: ଭାରତ ଏ’ ସ୍ଥିତି ସୁଦୃଢ

**ବେଙ୍ଗାଲୁରୁ, ୧୦।୯ (ପି.ଟି.)**



ଶ୍ରୀକର ଭରତ

ଆଲୁରଠାରେ ଚାଲିଥିବା ଅଷ୍ଟ୍ରେଲିଆ ଏ’ ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ଶ୍ରୀକର ଭରତଙ୍କ ଚମତ୍କାର ଶତକ ସହାୟତାରେ ଭାରତ ଏ’ ଏହାର ସ୍ଥିତିକୁ ସୁଦୃଢ କରିନେଇଛି। ଭରତ ୧୮୬ ବଲ୍‌ର ସାମ୍ନା କରି ୧୨ ଚୌକା ଓ ଗୋଟିଏ ଛକା ସହ ୧୦୬ ରନ କରିଛନ୍ତି। ସେ ଓ କୁଲଦୀପ ଯାଦବ ୮ମ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୧୧୩ ରନ ଯୋଗ କରିଛନ୍ତି, ଯାହାଫଳରେ ଅଷ୍ଟ୍ରେଲିଆ ଏ’ର ପ୍ରଥମ ଇନିଂସ ସ୍କୋର ୩୪୬ ରନ ଜବାବରେ ଭାରତ ଏ’ ୫୦୫ ରନ କରିପାରିଛି। ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଯାଇ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୩୮ ରନ କରିଛି। ଦଳ ଭାରତ ଏ’ଠାରୁ ଆହୁରି ୧୨୧ ରନ ପଛରେ ରହିଛି। ମଙ୍ଗଳବାର ହେଉଛି ମ୍ୟାଚର ଅନ୍ତିମ ଦିବସ। ସକାଳେ ଭାରତ ଏ’ ପୂର୍ବଦିନର ଅସମାପ୍ତ ସ୍କୋର ୨୨୩/୩ରୁ ଖେଳ ଆରମ୍ଭ କରିଥିଲା। ଦଳ ପ୍ରଥମେ ଅଧିନାୟକ ଶ୍ରେୟାସ ଆୟାର (୪୨)ଙ୍କ ଉଇକେଟ ହରାଇଥିଲା। ସେ ମିଚେଲ ମାର୍ଶଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ପରେ ଭରତ ୫ମ ଉଇକେଟରେ ଶୁବମନ ଗିଲ୍ (୫୦)ଙ୍କ ସହିତ ୪୧ରନର ପାର୍ଟନରଶିପ୍ କରିଥିଲେ। ମଧାହ୍ନଭୋଜନ ପୂର୍ବରୁ ଗିଲ୍‌ଙ୍କୁ କ୍ରିସ୍ ଟ୍ରେସ୍‌ମ୍ୟାନ ବୋଲ୍ଡ କରିଦେଇଥିଲେ। ଦ୍ୱିତୀୟ ସେସନରେ ଭାରତ କ୍ରିଷ୍ଣାପ୍ପା ଗୋଥାମ (୨୦) ଓ ଦୀପକ ଚହର (୬)ଙ୍କ ଉଇକେଟ ହରାଇଥିଲା। ସେତେବେଳକୁ ୩୬୦ ରନରେ ଭାରତର ୭ଟି ଉଇକେଟ ପତନ ଘଟିସାରିଥିଲା। କିନ୍ତୁ ଭରତ ଓ କୁଲଦୀପ କ୍ରିଜ୍‌ରେ ଦୃଢତାର ସହିତ ମହଜୁଦ ରହି ଏକ ବଡ଼ ପାର୍ଟନରଶିପ କରିବା ଦ୍ୱାରା ଭାରତ ଏ’ ଏକ ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ଅଷ୍ଟ୍ରେଲିଆ ଏ’ ତରଫରୁ ଆଷ୍ଟନ ଅଗର (୩/୮୭) ଓ ଟ୍ରିମେନ୍ (୩/୪୧) ତିନୋଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆ ଏ’ର ଦ୍ୱିତୀୟ ଇନିଂସ ଆରମ୍ଭ ନୈରାଶ୍ୟଜନକ ଥିଲା। କର୍ଟିସ ପ୍ୟାଟରସନ ଓ ମ୍ୟାଟ୍ ରେନଶ ଶୀଘ୍ର ଆଉଟ ହୋଇଯାଇଥିଲେ। ପ୍ୟାଟରସନ (୪)ଙ୍କୁ ଗୋଥାମ ଆଉଟ କରିଥିବାବେଳେ ରେନ୍‌ଶ (୧୯) ଶାହବାଜ ନଦିମଙ୍କ ବୋଲିଂର ଶିକାର ହୋଇଥିଲେ।

## ■ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟ ସ୍କୁଲ ଚେସ୍

# ସାର୍ଥକ ଦେବତା ଚାମ୍ପିୟନ

**କଟକ ଅଫିସ,୧୦।୯**



ପୁରସ୍କାର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଇଷ୍ଟକୋଷ୍ଟ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ଏସ୍.ଆର ଚେସ ସେଣ୍ଟର ଆନୁକୂଲ୍ୟରେ ଚାଲିଥିବା ପ୍ରଥମ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ରବିବାର ସୁଦ୍ଧା ୭ ରାଉଣ୍ଡ ଖେଳରୁ ୭ ପଏଣ୍ଟ ପାଇଁ ଅଗ୍ରଣୀ ରହିଥିବା ରାଉରକେଲା ଡିପିଏସ୍ ସ୍କୁଲର ସାର୍ଥକ ଦେବତା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ସୋମବାର ଅନ୍ତିମ ତଥା ୮ମ ରାଉଣ୍ଡରେ ମଧ ସାର୍ଥକ ବିଜୟୀ ହୋଇଥିଲେ। ଜଗଦୀଶ ବାରିକ, କୌସ୍ତୁଭ ଦାସ, ରୁଦ୍ର ନାରାୟଣ, ପ୍ରକୃତି ରାଉତ, ଶାଶ୍ୱତ ମଲ୍ଲିକ ୭ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ୨ୟରୁ ୬ଷ୍ଠ ସ୍ଥାନରେ ରହିଛନ୍ତି। ହର୍ଷିତ ରଞ୍ଜନ ସାହୁ ୭ମ, ସୂର୍ଯ୍ୟପ୍ରଞ୍ଜଳ ଇନ୍ଦ୍ରଜିତ ୮ମ, ସୁହାନା ଜେନା ୯ମ ଓ ଅଭିଜ୍ଞା ମହାନ୍ତି ୧୦ମ ସ୍ଥାନରେ ରହିଥିଲେ। ୧୦ ବର୍ଷରୁ କମ ବର୍ଗରେ ଶ୍ରେଷ୍ଠ ଖେଳାଳି ଭାବେ ସ୍ଥିତପ୍ରଜ୍ଞା ସାହୁ, ସ୍ୱୟଂ ଲକ୍ଷ୍ମୀଦତ୍ତ ସାବତ, ଓମ ଆଦିତ୍ୟ ରାଉତ ପ୍ରମୁଖ ବିବେଚିତ ହୋଇଛନ୍ତି। ସେହିପରି ୧୧ ବର୍ଷରୁ କମ୍ ଶ୍ରେଷ୍ଠ ଖେଳାଳି ଭାବେ ଓମକାର ଆନନ୍ଦ ମିଶ୍ର, ସ୍ୱୟଂଶୁ ସାମନ୍ତରାୟ, ଆୟୁଷ ମହାନ୍ତି, ୧୨ବର୍ଷରୁ କମ୍ ଶ୍ରେଷ୍ଠ ଖେଳାଳି ଭାବେ ପ୍ରତ୍ୟୁଷ ମହାପାତ୍ର, ଦିବ୍ୟସିଂ ରାୟ, ସ୍ୱସ୍ତିକ ଗୌରବ, ପି ସାଇରୂପା, ୧୩ ବର୍ଷରୁ କମ୍ ଶ୍ରେଷ୍ଠ ଖେଳାଳି ଭାବେ ଆର୍ଯ୍ୟନ ଅର୍ନଭ ସାମନ୍ତରାୟ, ଅମନ ଲାହା, ସତ୍ୟମ ନାୟକ, ବୈଷ୍ଣବୀ ଘୋଷ ପୁରସ୍କୃତ ହୋଇଥିଲେ। ରେଲୱେର ଶ୍ରେଷ୍ଠ ଖେଳାଳି ଭାବେ ଆୟୁଷି ମହାନ୍ତିଙ୍କୁ, ବ୍ରାଇଟ ଫ୍ୟୁଚର ସ୍କୁଲର ଶ୍ରେଷ୍ଠ ଖେଳାଳି ଭାବେ ରାଜ ଆର୍ଯ୍ୟନ ମଲ୍ଲିକଙ୍କୁ, ଆଚେଲ୍ସ ପବ୍ଲିକ ସ୍କୁଲର ଶ୍ରେଷ୍ଠ ଖେଳାଳି ଭାବେ ଶ୍ରୀମୟ ରାୟଙ୍କୁ ପୁରସ୍କୃତ କରାଯାଇଛି। ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ସିଡ଼ିଏ ଡିଏଭି ଓ କଟକର ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ଦଳଗତ ଭାବେ ଶ୍ରେଷ୍ଠ ବିଦ୍ୟାଳୟ ବୋଲି ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ ଭିତ୍ତିରେ ଚେସ୍ ସେଣ୍ଟର ଗୁଡ଼ିକୁ ମଧ ପୁରସ୍କୃତ କରାଯାଇଛି। ଏସ୍‌ଆର୍ ଚେସ୍ ସେଣ୍ଟର, ଆଇଏସ୍ ଚେସ୍ ସେଣ୍ଟର ଓ କିଙ୍ଗସ ଚେସ୍ ସେଣ୍ଟର ପୁରସ୍କୃତ ହୋଇଥିଲେ।

ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଏସ୍‌ଆର୍ ଚେସ୍ ସେଣ୍ଟରର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଭିନେତ୍ରୀ ମେଘନା ମିଶ୍ର ମୁଖ୍ୟ ଅତିଥି, ଡ. ଦେବସ୍ମିତା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜା ନାରାୟଣ ତ୍ରିପାଠୀ, ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଚେସ୍ ତାରକା ଆରୁଷୀ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟ ଆର୍ବିଟର ନୀହାର ରଞ୍ଜନ ସାସମଲ, ତାପସ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚୈତନ୍ୟ ରାଉତ, ସୂର୍ଯ୍ୟକାନ୍ତ ବିଶୋୟୀ, ଅବିନାଶ ଦାସ, ସତ୍ୟଜିତ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏସ୍.କେ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ସେପ୍ଟେମ୍ବର ୧୧ /୨୦୧୮ Dhenkanal-Angul, Tuesday, September 11 / 2018

## ସଂକ୍ଷେପରେ

### ପାଇଖାନା ଟାଙ୍କିରେ ପଡ଼ି ବାଳକ ମୃତ

**ଢେଙ୍କାନାଳ ଅଫିସ,୧୦।୯**

ପାଇଖାନା ଟାଙ୍କିରେ ଖସିପଡି ଢେଙ୍କାନାଳ ଜିଲା ଗଁଦିଆ ଥାନା ଆଙ୍କୁର୍ଦା ଗ୍ରାମର ନିରଞ୍ଜନ ସାମଲଙ୍କ ୫ ବର୍ଷର ପୁଅ ଶକ୍ତିପ୍ରସାଦ ସାମଲଙ୍କ ସୋମବାର ମୃତ୍ୟୁ ଘଟିଛି। ଅପରାହ୍ନରେ ସେ ଘର ପାଖରେ ନିର୍ମାଣାଧୀନ ପାଇଖାନା ଟାଙ୍କି ନିକଟ ଦେଇ ଆସୁଥିବାବେଳେ ଏହା ଭିତରେ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବାଇକ୍ ଧକ୍କାରେ ଜଣେ ଗୁରୁତର

ବଇଣ୍ଡା, ୧୦।୯(ଡି.ଏନ.ଏ.)- ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତବିଭାଗ ରାସ୍ତାର ଠାକୁରଗଡ଼ ଥାନା ଗୁଣ୍ଡୁରୀ ନିକଟରେ ରବିବାର ବାଇକ୍ ଧକ୍କାରେ ଠାକୁରଗଡ଼ ଗ୍ରାମର ସୁବାସ ସାହୁ(୩୧) ଗୁରୁତର ହୋଇଛନ୍ତି। ତାଙ୍କୁ ଗ୍ରାମବାସୀ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏ ନେଇ ସୁବାସଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ସୁବାସ ରାସ୍ତା କଡ଼ରେ ଛିଡା ହୋଇଥିବାବେଳେ ଠାକୁରଗଡ଼ରୁ ସାନହୁଲା ଅଭିମୁଖେ ଯାଉଥିବା ଏକ ବାଇକ୍ (ନଂ. ଓଡ଼ି୧୯ଡି୭୮୧୨) ତାଙ୍କୁ ଧକ୍କା ଦେଇଥିଲା। ଏ ସଂକ୍ରାନ୍ତରେ ନଂ. ୮୨/୧୮ରେ ଏକ ମାମଲା ରୁଜୁ ହୋଇଛି।

### ଜାତୀୟ ପୁଷ୍ଟି ସପ୍ତାହ ପାଳନ

ତାଳଚେର,୧୦।୯(ନି.ପ୍ର.)- ସ୍ୱେଚ୍ଛାସେବୀ ସଙ୍ଗଠନ ସୋସିଆଲ୍ ଡେଭେଲପମେଣ୍ଟ ଫାଉଣ୍ଡେଶନ୍ ତାଳଚେର ଓ ଡେରା ନାରୀ ସୁରକ୍ଷା ପରିଷଦ ଏବଂ ସମନ୍ୱିତ ଶିଶୁ ସେବା ପ୍ରକଳ୍ପ ଆନୁକୂଲ୍ୟରେ ତାଳଚେର ବ୍ଲକ ଡେରା ଅଙ୍ଗନୱାଡି କେନ୍ଦ୍ର-୩ ଠାରେ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି। ସମ୍ପାଦକ ବୁଦ୍ଧଦେବ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ପ୍ରଧାନ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ଶିଶୁ ଖାଦ୍ୟ ନିରାପତ୍ତା, ପୁଷ୍ଟିକର ଖାଦ୍ୟ, ମହିଳା ଓ ଶିଶୁମାନଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ନାରୀ ସୁରକ୍ଷା ପରିଷଦର ସବିତା ସିଂ ଯୋଗଦେଇ ଗୋଷ୍ଠୀ ସଦସ୍ୟାଙ୍କ ଅନ୍ତର୍ନିହିତ ଗୁଣାବଳୀ ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ସଙ୍ଗଠନର କର୍ମୀ, ସୁଦର୍ଶନ ବଳ, ପଦ୍ମିନୀ ନାୟକ, ଅନ୍ନପୂର୍ଣ୍ଣା ଗୁହା, ମହାଦେବ ଦାସ, ବାଦଲ କୁମାର ପଟ୍ଟନାୟକ, ରାକେଶ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ପୁନରୁଦ୍ଧାର ହେଉନି ଡ୍ରେନ୍

ଛେଣ୍ଡିପଦା,୧୦।୯(ଡି.ଏନ.ଏ.)- ଅନୁଗୋଳ ପୂର୍ତ୍ତ ବିଭାଗ ଅଧୀନ ଛେଣ୍ଡିପଦା-ଜରପଡା ରାସ୍ତାର ଦୁର୍ଗାପୁର ଗ୍ରାମ ୧୦ ନଂ. ୱାର୍ଡରେ ଥିବା ଡ୍ରେନ ପୁନରୁଦ୍ଧାର ହେଉ ନ ଥିବା ଯୋଗୁ ତାହା ପୋତି ହୋଇଯାଇଛି। ଏଥିଯୋଗୁ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଲୋକଙ୍କ ଘରେ ପଶୁଛି। ଫଳରେ ଲୋକମାନେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ କାଳାତିପାତ କରୁଛନ୍ତି। ସେହିପରି ଏହି ରାସ୍ତା କଡ଼ରେ ତ୍ରୁଟିପୂର୍ଣ୍ଣ ଭାବେ ଡ୍ରେନ ନିର୍ମାଣ କରାଯାଇଥିବାରୁ ଠିକ୍ ଭାବେ ପାଣି ନିଷ୍କାସନ ହୋଇ ପାରୁନାହିଁ। ଏକ ନୂତନ ଡ୍ରେନ୍ ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘ ଦିନଧରି ଦାବି କରି ଆସୁଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ବିଶ୍ୱାଳ କହିଛନ୍ତି, ଖୁବଶୀଘ୍ର ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

## ଗଣପର୍ବ ପାଇଁ ସଜେଇ ହେଉଛି ସହର

# ଗୌରବ ବଜାୟ ରଖିବା ଉପରେ ଗୁରୁତ୍ୱ

- ୨୨ ଯାଏ ପୂଜା ପାଳନ
- ଅସ୍ଥାୟୀ ଜଳାଶୟରେ ହେବ ବିସର୍ଜନ
- ଭସାଣି ବେଳେ ଅଟକିବନି ମେଢ଼

**ତାଳଚେର,୧୦।୯(ନି.ପ୍ର.)**

ଆଉ ୨ଦିନ ପରେ ଆରମ୍ଭ ହେବ ତାଳଚେରର ଗଣପର୍ବ ପ୍ରସିଦ୍ଧ ଗଣେଶ ପୂଜା। ଏଥିପାଇଁ ସହର ସଜେଇ ହେବା ଆରମ୍ଭ କରିଛି। ବିଭିନ୍ନ ପୂଜାମଣ୍ଡପ ଗୁଡିକରେ କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତୋରଣ, ଆଲୋକ ସାଜସଜ୍ଜା, ମୂର୍ତ୍ତି ନିର୍ମାଣ, ମଣ୍ଡପ ସାଜସଜ୍ଜା କାମ ଧୁମ୍‌ଧାମରେ ଆଗେଇ ଚାଲିଛି। ପୂଜା ମଣ୍ଡପ ଓ ସାଜସଜ୍ଜାରେ ପୁରସ୍କାର ବ୍ୟବସ୍ଥା ଥିବାରୁ ପ୍ରତ୍ୟେକ ପୂଜା କମିଟି ନିଜ ମଣ୍ଡପକୁ ଅଧିକ ଆକର୍ଷଣୀୟ କରି ପୁରସ୍କାରକୁ ହାତେଇ ନେବାକୁ ଉଦ୍ୟମ ଚଳାଇଛନ୍ତି। ମୂର୍ତ୍ତି କାରିଗର, ତୋରଣ କାରିଗର, ସାଜସଜ୍ଜା କାରିଗରମାନେ ନିଜ ନିଜର କାମକୁ ଠିକ୍ ସମୟରେ ଶେଷ କରିବାକୁ ପ୍ରୟାସ ଚଳାଇଛନ୍ତି। ଗଣେଶଙ୍କ ମୂର୍ତ୍ତି କାରିଗର ଶେଷ ସ୍ପର୍ଶ ଦେଉଥିବା ବେଳେ ମଝିରେ ମଝିରେ ବର୍ଷା ସମସ୍ତ କାମରେ ବାଧକ ସାଜୁଛି। ଅପରପକ୍ଷରେ ପୂଜାକୁ କିଭଳି ଶାନ୍ତି ଶୃଙ୍ଖଳାରେ କରାଯିବ ସେଥିପାଇଁ ସୋମବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ପ୍ରଶାସନିକ ଅଧିକାରୀମାନେ।

କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ତପନ ଶତପଥୀ, ଅତିରିକ୍ତ ଏସ୍‌ପି ସନ୍ତୋଷ ମିଶ୍ର, ତହସିଲଦାର ସାଫଲ୍ୟମଣ୍ଡିତ ପ୍ରଧାନ, ନିର୍ବାହୀ ଅଧିକାରୀ ଅତସି ପରିଡା, କେନ୍ଦ୍ରୀୟ ପୂଜା କମିଟି ସାଧାରଣ ସମ୍ପାଦକ ଜୟନ୍ତ ଭୂତିଆ, ବିଭିନ୍ନ ପୂଜାକମିଟି କର୍ମକର୍ତ୍ତାଗଣ, ତାଳଚେର ଆଇଆଇସି ସୌଭାଗ୍ୟ ସ୍ୱାଇଁ, କଲିୟାରୀ ଆଇଆଇସି ନିରଞ୍ଜନ ସେଠୀ ଓ ଅନ୍ୟମାନେ ଯୋଗ ଦେଇ ତାଳଚେରର ଏହି ଗଣପର୍ବ, ଗୌରବକୁ ବଜାୟ ରଖିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶେଷକରି ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରାଯାଇ ଥିଲା। ପୂର୍ବବର୍ଷ ପରି ଚଳିତ ବର୍ଷ ଏକ ଘରୋଇ ଆଧାତ୍ମିକ ଚ୍ୟାନେଲରେ ଏହାର ସିଧାପ୍ରସାରଣ କରାଯିବ। ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେବ। ହାଟତୋଟା ଓ ବାଇପାସ ଠାରେ ୨ଗୋଟି ସୂଚନା କେନ୍ଦ୍ର ଖୋଲା ଯିବ। ପ୍ରତି ପୂଜା କମିଟିର ୫ଜଣଙ୍କ ନାମ ତାଳଚେର ଆଇଆଇସିଙ୍କୁ ପ୍ରଦାନ କରାଯିବାକୁ ନିବେଦନ କରାଯାଇଛି। ରଶ୍ମିରଞ୍ଜନ ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହାଇକୋର୍ଟ ଓ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁସାରେ ମୂର୍ତ୍ତି ବିସର୍ଜନ ନିମନ୍ତେ ୨ଗୋଟି ଅସ୍ଥାୟୀ ଜଳାଶୟ ଖୋଲାଯିବ। ସେଠାରେ ସମସ୍ତ ମୂର୍ତ୍ତି ବିସର୍ଜନ କରିବାକୁ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଥିଲା। କୌଣସି ମେଢ ଭସାଣି ସମୟରେ ରାସ୍ତାରେ ଅଟକି ସାଂସ୍କୃତିକ କାର୍ଯ୍ୟକ୍ରମ କରିବେ ନାହିଁ ବୋଲି ସମସ୍ତେ ସହମତି ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଜୟନ୍ତ ଭୂତିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଅଶୋକ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ରଞ୍ଜିତ ମହାପାତ୍ର, ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।



ଗଣେଶଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦିଆଯାଉଛି।





ତାଳଚେର ସହରରେ ପୂଜା କମିଟି ପକ୍ଷରୁ ତୋରଣ ପ୍ରସ୍ତୁତି ଚାଲିଛି।

### ମୋ ସ୍କୁଲ ଅଭିଯାନ ବୈଠକ

**ଅନୁଗୋଳ ଅଫିସ, ୧୦।୯**

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନାଙ୍କ ନେତୃତ୍ୱରେ ସୋମବାର ମୋ ସ୍କୁଲ ଅଭିଯାନର ସଫଳ ରୂପାୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଧନେଶ୍ୱର ଦାସ, ପ୍ରାକ୍ତନ ଜିଲା ପଞ୍ଚାୟତ ଅଧିକାରୀ ରାଜକିଶୋର ଦାସ, ଉପ ସଭାପତି ଦାମୋଦର ଦାସ, ଜୟକୃଷ୍ଣ ବେହେରା, ଗୋବର୍ଦ୍ଧନ ସାହୁ, ଗୋବିନ୍ଦ ଚନ୍ଦ୍ର ସାମନ୍ତ ଯୋଗଦେଇଥିଲେ। ମୋ ସ୍କୁଲ ଅଭିଯାନ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସିଂସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ର, ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ, ମାନ୍ୟଗଣ୍ୟ ବ୍ୟକ୍ତି, ନିର୍ବାଚିତ ପ୍ରତିନିଧି ମଣ୍ଡଳୀ ଓ ଗ୍ରାମବାସୀ ସହଯୋଗ କାମନା କରାଯାଇଥିଲା। ପରିଚାଳନା କମିଟି ସଭାପତି ଅନିଲ ବେହେରା, ଶିକ୍ଷୟିତ୍ରୀ ମନୋରମା ପଣ୍ଡା, କମିଟି ସଦସ୍ୟ ନେତ୍ରାନନ୍ଦ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ କର୍ମୀ ନରି ସାହୁ, ପ୍ରକାଶ ଦେହୁରୀ, ଅଜିତ ସିଂ ସାମନ୍ତ, ଗୋବର୍ଦ୍ଧନ ବାରିକ, ବିକ୍ରମ ସିଂ ସାମନ୍ତ, ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗିରିଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ୪ ଚୋରି ଅଭିଯୁକ୍ତ ଗିରଫ

**ବଣ୍ଡାରପାଳ, ୧୦।୯(ଡି.ଏନ.ଏ.)**

ନାଲ୍‌କୋ କଲୋନୀରୁ ଚୋରି ଘଟଣାରେ ପୋଲିସ ସୋମବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଣ୍ଡାରପାଳ ବ୍ଲକ ବନ୍ଦା ଗ୍ରାମର ରାଜେଶ ରାଉଳ, ନାଲ୍‌କୋ ଅଞ୍ଚଳର ଅମର ଜ୍ୟୋତି ବିଶ୍ୱାଳ, ସୁବ୍ରତ ଦେହୁରୀ ଓ ବିଶ୍ୱାଳ ବେଉରା। ସେମାନଙ୍କଠାରୁ କିଛି ରୁପା ଅଳଙ୍କାର ଓ ମୋବାଇଲ ଜବତ କରାଯାଇଛି।

### ଆଜି ମହାପାଟଙ୍କ ବାର୍ଷିକ ଯାତ୍ରା

**ବଣ୍ଡାରପାଳ, ୧୦।୯(ଡି.ଏନ.ଏ.)**

ବଣ୍ଡାପାଳ ବ୍ଲକ ଗଡସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା' ମାହାପାଟଙ୍କ ବାର୍ଷିକ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ। ଏ ନେଇ ଗ୍ରାମବାସୀ ତତ୍ପର ହୋଇପଡିଛନ୍ତି। ଯାତ୍ରାକୁ ଆଡମ୍ବର ସହକାରେ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ଡ୍ରେନ୍ ହୋଇପାରିଲାନି, ଆସିଥିବା ଟଙ୍କା ଫେରିଗଲା

# ଗାଁ ଦାଣ୍ଡରେ ଜମୁଛି ମଇଳା ପାଣି



ରାସ୍ତା ଉପରେ ପାଣି ଜମି ରହିଛି।

**ଅନୁଗୋଳ ଅଫିସ, ୧୦।୯**

ଅନୁଗୋଳ ବ୍ଲକ ସୁସୁଡା ପଞ୍ଚାୟତ ସୁସୁଡା ଗ୍ରାମର ୩ ନମ୍ବର ୱାର୍ଡରେ ନାହିଁ ଡ୍ରେନେଜ ବ୍ୟବସ୍ଥା। ଫଳରେ ବର୍ଷ ବର୍ଷ ଧରି ତଅଁଳାସାହି ରାସ୍ତାରେ ଜମୁଛି ମଇଳା ପାଣି। ବର୍ଷା ବେଳେ ଏହି ରାସ୍ତାରେ ଯାତାୟାତ କରିବା ଅତି କଷ୍ଟକର ହୋଇପଡୁଛି। କାରଣ ଡ୍ରେନ ପାଣି ସହ ବର୍ଷା ପାଣି ଆଣ୍ଠୁଏ ଉଚ୍ଚର ଜମି ରହୁଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରୁ ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବାରୁ ଦୀର୍ଘଦିନ ଧରି ଏହି ପାଣି ରହିବା ଦ୍ୱାରା ମଶା, ମାଛି ବଂଶ ବୃଦ୍ଧି ପାଉଛି। ଦୁର୍ଗନ୍ଧ ମଧ୍ୟ ହେଉଛି। ଏହାକୁ ନେଇ ୱାର୍ଡବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସାହିର କେତେଜଣ ଲୋକ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଇଥିଲେ କିନ୍ତୁ ଏଯାଏ କୌଣସି ସୁଫଳ ମିଳି ନାହିଁ। ସାହିର ଏପରି ସମସ୍ୟା ନେଇ ୱାର୍ଡମେମ୍ବର ଅଇଁଠୁ ମହାପାତ୍ର କହିଛନ୍ତି, ଗତ ଜାନୁୟାରୀରେ ଡ୍ରେନ୍ ନିର୍ମାଣ ପାଇଁ ଲକ୍ଷେ ଟଙ୍କା ଆସିଥିଲା। କିନ୍ତୁ ଡ୍ରେନ୍ କାର୍ଯ୍ୟ ହୋଇ ନ ପାରିବାରୁ ଟଙ୍କା ଫେରି ଯାଇଛି। ରାଜସ୍ୱ ଅଧିକାରୀ ନିଜେ ସାହି ପରିଦର୍ଶନ କରି ଅସୁବିଧା ଦେଖି ଆସିଛନ୍ତି। କିନ୍ତୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବର୍ଷା ହେଉ କି ନ ହେଉ ସବୁବେଳେ ଗାଁ ଦାଣ୍ଡରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ବାରମ୍ବାର ସ୍ୱର ଉତ୍ତୋଳନ କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁସୁଡ଼ା ସରପଞ୍ଚ ଜ୍ୟୋସ୍ନାରାଣୀ ନାଏକ କହିଛନ୍ତି, ପଞ୍ଚାୟତରେ ଅର୍ଥ ନାହିଁ। ତେବେ ସମସ୍ୟା ଦୂର କରିବାକୁ ପିଡବ୍ଲ୍ୟୁଡି ଓ ବ୍ଲକ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ସାହି ଲୋକମାନେ ରାସ୍ତାକୁ ମଡ଼ାଇ ଘର କରିଥିବାରୁ ଏପରି ସମସ୍ୟା ଦେଖାଦେଉଛି। ସାହିର ପ୍ରାୟ ଘର ରାସ୍ତା ଉପରକୁ ପାଣି ଛାଡୁଥିବାବେଳେ ଡ୍ରେନ୍ ପାଇଁ ଜାଗା ଛାଡୁ ନ ଥିବାରୁ ଏପରି ସମସ୍ୟା ଦେଖାଦେଇଥିବା କହିଛନ୍ତି।




## ଫଟୋରେ ଖବର



ଗଣେଶପୂଜା ଆଉ ୨ ଦିନ ଥିବାବେଳେ ତାଳଚେରସ୍ଥିତ ବଲଣ୍ଡା-ଗୁରୁଦ୍ୱାର-ଏଫ୍‌ସିଆଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି।



ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁ ତାଳଚେର ଥାନା ସମ୍ମୁଖରେ ନିର୍ମାଣାଧୀନ ଗଣେଶ ପୂଜାମଣ୍ଡପ ତୋରଣ ଭୁଶୁଡି ପଡିଛି। ଏଥିଯୋଗୁ ଯାତାୟାତ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ